


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୨ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 JULY 2022
Vol.No. 35 ■ No. 180 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଗୋଆ କଂଗ୍ରେସରେ ଫାଟ

# ଦୁଇ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କଲା କଂଗ୍ରେସ

ନୂଆଦିଲ୍ଲୀ, ୧୧/୦୭ : ମଧ୍ୟପ୍ରଦେଶ, ରାଜସ୍ଥାନ ପରେ ଏବେ ଗୋଆରେ ଦେଖାଦେଇଛି କଂଗ୍ରେସ କନ୍ଦଳ । ଦଳର ୧୧ ବିଧାୟକଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଅଯୋଗ୍ୟ ଘୋଷିତ କରିବାକୁ ବିଧାନସଭାର ବାଚସ୍ପତିଙ୍କୁ ଚିଠି ଲେଖିଛି ଗୋଆ କଂଗ୍ରେସ । ଦଳ ବିରୋଧୀ କାର୍ଯ୍ୟ ଯୋଗୁ ବିଧାୟକ ଦିଗମ୍ବର କମତ ଏବଂ ମିଚେଲ ଲୋବୋଙ୍କ ବିଧାୟକ ପଦବୀ ରଦ୍ଦ କରିବାକୁ ଦାବି କରିଛି କଂଗ୍ରେସ । ପୂର୍ବରୁ ବିଧାନସଭାର ବିରୋଧୀ ଦଳ ନେତା ପଦରୁ ମିଚେଲ ଲୋବୋଙ୍କୁ ନିଲମ୍ବିତ କରି କଂଗ୍ରେସ ଅଭିଯୋଗ ଆଣିଥିଲା ଯେ, ବିଜେପି ଟଙ୍କା ଦେଇ ଗୋଆ କଂଗ୍ରେସକୁ ଦୁଇ, ତିନି ଭାଗ କରିବାକୁ ଚେଷ୍ଟା କରୁଛି । ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାୟକ ଦିଗମ୍ବର କମତ, ଗୋଆ କଂଗ୍ରେସ ମୁଖ୍ୟ



ଦିନେଶ ଗୁନଡୁ ତାଙ୍କୁ ଏବଂ ବିଧାୟକ ଲୋବୋଙ୍କୁ ବିଜେପି ସହ ମିଶି ଦଳ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଅଭିଯୋଗକୁ ନେଇ ସେ ଆଶ୍ଚର୍ଯ୍ୟ ବୋଲି କହିବାର କିଛି ସମୟ ପରେ ଦୁଇ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଛି ଦଳ । ତିନି ବର୍ଷ ତଳେ ୨୦୧୯ରେ ଗୋଆ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ବିଧାୟକ ବିଜେପିରେ ଯୋଗ ଦେଇଥିଲେ । ହେଲେ ଦଳର ଦୁଇ ତୃତୀଆଂଶ ବିଧାୟକ ଏକାଠି ଦଳ ଛାଡିଥିବାରୁ ସେମାନଙ୍କ ବିଧାୟକ ପଦବୀ ରଦ୍ଦ କରିପାରିନଥିଲା କଂଗ୍ରେସ । ଯାହା ଏବେ ପୁଣି ଥରେ ହେବାକୁ ଯାଉଛି । ମହାରାଷ୍ଟ୍ର ଶିବସେନା ଭଳି ଗୋଆ କଂଗ୍ରେସ ପୁଣି ଥରେ ଦୁଇ ଭାଗ ହେବାର ଆଶଙ୍କା ଦେଖାଦେଇଛି । କଂଗ୍ରେସର ଥିବା ୧୧ ବିଧାୟକଙ୍କ ମଧ୍ୟରୁ ଦୁଇ ଅଯୋଗ୍ୟ ଘୋଷିତ ବିଧାୟକଙ୍କ ସହ ୬ ଜଣ ବିଧାୟକ ବିଦ୍ରୋହ ଆରମ୍ଭ କରିଦେଇଛନ୍ତି । କିନ୍ତୁ ସେମାନଙ୍କ ବିଧାୟକ ପଦବୀ ବଞ୍ଚାଇବା ପାଇଁ ଦଳର ଦୁଇ ତୃତୀଆଂଶ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି । କାରଣ ଆଇନ ଅନୁସାରେ ବିଦ୍ରୋହୀ ଗୋଷ୍ଠୀଙ୍କ ପାଖରେ ତିନି ଭାଗରୁ ଦୁଇ ଭାଗ ବିଧାୟକଙ୍କ ସମର୍ଥନ ରହିଲେ ସେମାନଙ୍କ ବିରୋଧରେ ଦଳ ବିରୋଧୀ ଆଇନ ଲାଗୁ ହେବ ନାହିଁ । ଆଉ ସେମାନେ ବିଜେପିରେ ମିଶି ନିଜର ବିଧାୟକ ପଦବୀ ବଂଚାଇପାରିବେ । ଆଉ ବିଜେପି ସେହି ମୁହୂର୍ତ୍ତକୁ ଅପେକ୍ଷା କରିଛି ଯେତେବେଳେ ବିଦ୍ରୋହୀ ଗୋଷ୍ଠୀଙ୍କ ପାଖରେ ୮ ବିଧାୟକଙ୍କ ସମର୍ଥନ ରହିବ ।

# ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ମାମଲା : ରହିତାଦେଶ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧/୦୭ : ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ହୋଇଥିବା ଶିବସେନାର ବିଦ୍ରୋହୀ ଦଳର ନେତା ଏକନାଥ ସିନ୍ଦେଙ୍କ ସମେତ ଦଳର ୧୬ ବିଧାୟକଙ୍କ ଅଯୋଗ୍ୟ ଘୋଷଣା ମାମଲାର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି ସୁପ୍ରିମକୋର୍ଟ । ସୋମବାର ମାମଲାର ଶୁଣାଣି କରିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ମାମଲାର ଜରୁରୀ ଶୁଣାଣି କରିବାକୁ ମନା କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ । ମାମଲାରେ ଏକାଧିକ ପିଟିସନ ଦାଖଲ ହୋଇଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବାକୁ କହିଛନ୍ତି ସୁପ୍ରମିକୋର୍ଟର ପ୍ରଧାନ ବିଚାରପତି ଏନ.ଭି ରମଣା । ଏଥିପାଇଁ ଅଧିକ ସମୟ ଲାଗିବ ବୋଲି କହିଛନ୍ତି କୋର୍ଟ । ସୁପ୍ରିମକୋର୍ଟଙ୍କ ରାୟ ପୂର୍ବରୁ



ଶିବସେନା ସାଂସଦ ସଞ୍ଜୟ ରାଉତ ନ୍ୟାୟପାଳିକା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତ. ଏହା ସିନ୍ଦେ ସରକାରର ବଞ୍ଚିବା ତିଷ୍ଠିବା ଉପରେ ନୁହେଁ ଗଣତନ୍ତ୍ରର ପ୍ରତିଷ୍ଠା ଉପରେ ପ୍ରଶ୍ନ ଉଠିଛି । ମୁକ୍ତ ଏବଂ ସ୍ୱଚ୍ଛ ନ୍ୟାୟପାଳିକା ପାଇଁ ଏହା ଏକ ବଡ଼ ପରୀକ୍ଷା । ଉଦ୍ଧବ ଠାକରେ ସରକାରରେ ଉପ ବାଚସ୍ପତି ଜାରି କରିଥିବା ଅଯୋଗ୍ୟ ଘୋଷଣା ମାମଲାରେ ସିନ୍ଦେ ସରକାରରେ ନୂଆ ବାଚସ୍ପତି ହୋଇଥିବା ରାହୁଲ ନରୱେ୍କରଙ୍କୁ ଆଗାମୀ ଶୁଣାଣି ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ ନ୍ୟାୟାଳୟ । ମାମଲାର ଶୁଣାଣି ପୂର୍ବରୁ ସିନ୍ଦେ ଗୋଷ୍ଠୀଙ୍କ ପକ୍ଷରୁ ଶିବସେନାର ନୂଆ ଦଳ ମୁଖ୍ୟ ହୋଇଥିବା ଭରତ ଗୋଗୱାଲେ ଉଦ୍ଧବଙ୍କ ଗୋଷ୍ଠୀର ୧୨ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରିବାକୁ ନୋଟିସ୍ ଜାରି କରିଥିଲେ । ଆଉ ଯାହାକୁ ଗ୍ରହଣ କରିନେଇଥିଲେ ନୂଆ ବାଚସ୍ପତି । ସିନ୍ଦେ ଗୋଷ୍ଠୀ ୧୬ ବିଧାୟକଙ୍କ ଅଯୋଗ୍ୟ ▶▶ପୃଷ୍ଠା ୭

## ଜାରି ରହିବ ବର୍ଷା

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଦକ୍ଷିଣ ଓଡିଶାର ଉପକୂଳବର୍ତୀ ଅଂଚଳ ଏବଂ ଉତର ଆନ୍ଧ୍ରପ୍ରଦେଶ ଉପରେ ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତମାନ ଓଡ଼ିଶା ଉପକୂଳର ଉତର-ପଶ୍ଚିମ ବଙ୍ଗୋପସାଗରରେ ଅବସ୍ଥିତ ରହିଛି। ଏବଂ ଏହା ଦକ୍ଷିଣ-ପଶ୍ଚିମ ଆଡକୁ ଢଳିବା ସହିତ ସମୁଦ୍ର ପତନରୁ ୭.୬ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିଛି। ଆସନ୍ତା ୪୮ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହେବାର ସମ୍ଭାବନା ଅଛି।ଏହାର ପ୍ରଭାବରେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୮ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି କହିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ଗଂଜାମ,ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଏବଂ ମାଲକାନାଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ▶▶ପୃଷ୍ଠା ୭

# ଅଦାଲତ ଅବମାନନା : ବିଜୟ ମାଲ୍ୟାଙ୍କୁ ଜେଲ ଦଣ୍ଡ

ନୂଆଦିଲ୍ଲୀ, ୧୧/୦୭ : ଅଦାଲତ ଅବମାନନା ମାମଲାରେ ସୁପ୍ରିମକୋର୍ଟ ବିଜୟ ମାଲ୍ୟାଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସର୍ବୋଚ୍ଚ ଅଦାଲତ ମଲ୍ୟାଙ୍କୁ ୪ ମାସ ଜେଲ ଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ପଇଠ ନକଲେ ଦୁଇ ମାସର ଅତିରିକ୍ତ ଜେଲ ଦଣ୍ଡ ମିଳିବ । କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବକେୟା ଅର୍ଥ ନଦେବାରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଜୟ ମାଲ୍ୟାଙ୍କ ବିରୋଧରେ ଆବେଦନ କରିଥିଲା ୨୦୧୭ର ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି । ୨୦୧୭ରେ ବିଜୟ ମାଲ୍ୟା ୪୦ ମିଲିୟନ ଡଲାର ନିଜ ପିଲାମାନଙ୍କ ନାଁରେ ଟ୍ରାନ୍ସଫର



କରିଥିଲେ । ବିଦେଶକୁ ଟ୍ରାନ୍ସଫର ହୋଇଥିବା ଏହି ୪୦ ମିଲିୟନ ଡଲାର ୪ ସପ୍ତାହ ମଧ୍ୟରେ ଦେବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ଏହି ଅର୍ଥ ଟ୍ରାନ୍ସଫରକୁ କୋର୍ଟ ଅସିଦ୍ଧ ବୋଲି କହିଛନ୍ତି । ଏବେ ଏହି ସମୁଦାୟ ଅର୍ଥ ରାଶିକୁ ଗ୍ରହୀତା ୮ ପ୍ରତିଶତ ସୁଧ ସହ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ୪ ସପ୍ତାହ ସୁଦ୍ଧା ରିକଭରି ଅଧିକାରୀଙ୍କୁ ଏହି ଅର୍ଥ ଫେରାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ତାମିଲନାଡୁ ରାଜନୀତିରେ ହଟଚମଟ : ପନୀରସେଲଭାମ ଗୋଷ୍ଠୀକୁ ହାଇକୋର୍ଟ ଝଟ୍‌କା

ନୂଆଦିଲ୍ଲୀ, ୧୧/୦୭ : ତାମିଲନାଡୁ ରାଜନୀତିରେ ହଟଚମଟ। ବିରୋଧୀ ଏଆଇଏଡିଏମ୍‌କେରେ ଫାଟ। ଦଳରେ ଆରମ୍ଭ ହୋଇଛି ବିଦ୍ରୋହ। କ୍ଷମତାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଇକେ ପାଲାନି ସାମି ଓ ବିଦ୍ରୋହୀ ନେତା 'ଓ' ପନୀରସେଲଭାମ ମଧ୍ୟରେ ମୁହାଁମୁହିଁ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଇକେ ପାଲାନି ସାମିଙ୍କୁ ଦଳର ସର୍ବୋଚ୍ଚ ନେତା ଭାବେ ନିଯୁକ୍ତିକୁ ବିରୋଧ କରିଛି 'ଓ' ପନୀରସେଲଭାମଙ୍କ ଗୋଷ୍ଠୀ। ତେବେ ଦଳରରେ ଆଜି ହେବାକୁ ଥିବା ସାଧାରଣ ପରିଷଦ ବୈଠକ ଉପରେ ରହିତାଦେଶ ଜାରି କରିବାକୁ ପନୀରସେଲଭାମ



ଆବେଦନ କରିଥିବା ବେଳେ ତାହା ମାଡ୍ରାସ ହାଇକୋର୍ଟରେ ଖାରଜ ହୋଇଯାଇଛି। ଆଜି ପୂର୍ବାହ୍ନରେ ଏଆଇଏଡିଏମ୍‌କେ ସାଧାରଣ ପରିଷଦ୍ ବୈଠକ ହେବାର ଥିଲା। ହେଲେ ଏହା ଉପରେ ରହିତାଦେଶ ଜାରି କରିବା ଲାଗି ଆଜି ସକାଳେ ମାଡ୍ରାସ୍ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ଓପିଏସଙ୍କ ତରଫରୁ ବରିଷ୍ଠ ଆଡ୍‌ଭୋକେଟ୍ ଗୁରୁ କୃଷ୍ଣନକୁମାର କହିଥିଲେ ଯେ, ଦଳର 'ବାଇଲ' ଅନୁସାରେ ବୈଠକ ନିମନ୍ତେ ଉଚିତ୍ ଢ଼ଙ୍ଗରେ ନୋଟିସ ଜାରି କରାଯାଇ ନାହିଁ ଏବଂ ସେଥିରେ କୌଣସି ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷ ସ୍ୱାକ୍ଷର ନାହିଁ। 'ବାଇଲ' ଅନୁସାରେ, କେବଳ କୋଅର୍ଡିନେଟର୍ ଏବଂ ଜଏଣ୍ଟ୍ କୋଅର୍ଡିନେଟର୍ ବୈଠକ ଡକାଇ ପାରିବେ। କିନ୍ତୁ, ଆଜିର ବୈଠକ ପାଇଁ ମୁଖ୍ୟାଳୟର କାର୍ଯ୍ୟକର୍ତ୍ତାମାନେ ନୋଟିସ୍ ଜାରି କରିଛନ୍ତି । 'ଓପିଏସ୍'ଙ୍କ ଯୁକ୍ତିକୁ ବିରୋଧ କରି 'ଏଡାପ୍ପାଡି କେ. ପଲାନିସ୍ୱାମୀଙ୍କ ତରଫରୁ ବରିଷ୍ଠ ଆଡ୍‌ଭୋକେଟ୍ ବିଜୟ ନାରାୟଣ କହିଥିଲେ କି, ଏହା ନୋଟିସ୍ ନୁହେଁ, ବୈଠକରେ ଯୋଗ ଦେବା ପାଇଁ ଆମନ୍ତ୍ରଣ। ସେ ଆହୁରି ମଧ କହିଥିଲେ ଯେ, ବୈଠକ ହୋଇପାରିବ ▶▶ପୃଷ୍ଠା ୭

# ଜୁଲାଇ ୨୧ରେ ଇଡିରେ ହାଜର ହେବାକୁ ସୋନିଆ ଗାନ୍ଧିଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୧/୦୭ : ନ୍ୟାସପାଲ ହେରାଲଡ୍ ମାମଲାରେ ପ୍ରବର୍ତ୍ତନା ନିର୍ଦ୍ଦେଶାଳୟ(ଇଡି) କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧିଙ୍କୁ ସାନି ସମନ କରିଛି। ଆସନ୍ତା ଜୁଲାଇ ୨୧ରେ ତାଙ୍କୁ ଇଡିରେ ହାଜର ହେବାକୁ ନୋଟିସ ହୋଇଛି। କୋଭିଡ୍‌ରେ ପୀଡ଼ିତ ହେବା ପରେ ସୋନିଆ ଗାନ୍ଧିଙ୍କୁ ୪ ସପ୍ତାହ ସମୟ ଦିଆଯାଇଥିଲା। ଯାହା ଜୁଲାଇ ୨୨ରେ ସରିବାର ଥିଲା। ଇତିମଧ୍ୟରେ ପୁଅ ରାହୁଲ ଗାନ୍ଧି ଇଡିରେ ମାରାଥନ ଜେରାର ସମ୍ମୁଖିନ ହୋଇସାରିଛନ୍ତି। ତେବେ ଉଭୟ ମା ଏବଂ ପୁଅଙ୍କୁ ଇଡିର ସମନକୁ ନେଇ କଂଗ୍ରେସ ପକ୍ଷରୁ



ଦେଶବ୍ୟାପି ତୀବ୍ର ବିରୋଧ କରାଯାଇଥିଲା। ଏମିତିକି ରାହୁଲ ଗାନ୍ଧି ଇଡିରେ ହାଜର ବେଳେ କଂଗ୍ରେସ ନେତା ଓ କର୍ମୀମାନେ ଏକାଠି ହୋଇ ମୋଦି ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଦିଲ୍ଲୀର ଇଡି କାର୍ଯ୍ୟାଳୟ ▶▶ପୃଷ୍ଠା ୭

## ବିଜେବି କଲେଜ ସମ୍ମୁଖରୁ ରୁଚିକାଙ୍କ ମାଙ୍କୁ ଘୋଷାଡି ନେଲା ପୋଲିସ୍

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ମାମଲାକୁ ୧୦ ଦିନ ବିତିଛି। ନ୍ୟାୟ ପାଇବା ପାଇଁ ରୁଚିକାଙ୍କ ମାଆଙ୍କ ସମେତ କିଛି ଆନ୍ଦୋଳନକାରୀ ବିଜେବି କଲେଜର ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦେଇ ବସି ରହିଛନ୍ତି। ତେବେ ସୋମବାର ସକାଳେ ରୁଚିକାଙ୍କ ମା ଓ ଅନ୍ୟ ଆନ୍ଦୋଳନକାରୀଙ୍କୁ ଘୋଷାଡ଼ି ଘୋଷାଡ଼ି ▶▶ପୃଷ୍ଠା ୭

# ଦ୍ରୌପଦୀ ମୁର୍ମୁଙ୍କ ସମର୍ଥନ କରିବ ଶିବସେନା !

ମୁମ୍ବାଇ, ୧୧/୦୭ (ନି.ପ୍ର): ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ସମର୍ଥନରେ ସାଂସଦଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହିକ୍ରମରେ ଲୋକସଭାରେ ଥିବା ଶିବସେନାର ୧୮ ଜଣ ସାଂସଦଙ୍କ ମଧ୍ୟରୁ ୧୩ ଜଣ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରପତି ନିର୍ବାଚନ ପାଇଁ ଅନୁଷ୍ଠିତ ବୈଠକରେ ଯୋଗଦେଇଛନ୍ତି। ସେହିପରି ଏମାନଙ୍କ ମଧ୍ୟରୁ ଅଧିକାଂଶ ସାଂସଦ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁଥିବା ମତ ରଖିଛନ୍ତି। ଶିବସେନା ସୁପ୍ରିମ ଉଦ୍ଧବ ଠାକରେ ମଧ ଏ ପ୍ରସ୍ତାବ ସପକ୍ଷରେ ରହିଥିବା ଜଣାପଡ଼ିଛି। ତେଣୁ ଶିବସେନା ମଧ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ସମର୍ଥନ କରିପାରେ। ଶିବସେନା ନେତା



ଗଜାନନ କିରିତକର ଏହି ସୂଚନା ଦେଇଛନ୍ତି। ତେବେ ଦଳର ରାଜ୍ୟସଭା ସାଂସଦ ତଥା ମୁଖ୍ୟ ମୁଖପାତ୍ର ସଞ୍ଜୟ ରାଉତ କହିଛନ୍ତି ଯେ ମାତୋଶ୍ରୀରେ ହୋଇଥିବା ବୈଠକରେ ଦଳର ୧୫ ଜଣ ସାଂସଦ ଯୋଗଦେଇଛନ୍ତି। ହେଲେ ସେ ବୈଠକ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ନାହାନ୍ତି। ଶିବସେନାର ୧୮ ଜଣ ନେତା ମହାରାଷ୍ଟ୍ରରୁ ଲୋକସଭାକୁ ଯାଇଥିବା ବେଳେ କାଲାବେନ ଦେଲକର ଦଳୀୟ ଟିକେଟରେ କେନ୍ଦ୍ର ଶାସିତ ଅଞ୍ଚଳ ଦାଦ୍ରା ନଗର ହାବେଳୀରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଏହାର ଅର୍ଥ ଲୋକସଭାରେ ଦଳର ୧୯ ଜଣ ସାଂସଦ ଅଛନ୍ତି। ଗଜାନନ କହିଛନ୍ତି, ବୈଠକରେ ୧୩ ଜଣ ସାଂସଦ ▶▶ପୃଷ୍ଠା ୭

# ଓଡ଼ିଆ ସଂସ୍କରଣ 'ଅମିତ ଶାହ ଓ ବିଜେପିର ଯାତ୍ରା' ଉନ୍ମୋଚିତ

## ପୁସ୍ତକ 'ଅମିତ ଶାହ ଓ ବିଜେପିର ଯାତ୍ରା' ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ : ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୧/୦୭ (ନି.ପ୍ର): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପରେ ଲିଖିତ 'ଅମିତ ଶାହ ଓ ବିଜେପିର ଯାତ୍ରା' ପୁସ୍ତକଟି କେବଳ ଜଣେ ବ୍ୟକ୍ତିର ପ୍ରଶଂସା ପାଇଁ ନୁହେଁ ବରଂ ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ ବୋଲି ସୋମବାର ଭୁବନେଶ୍ୱର ଠାରେ ଏହି ପୁସ୍ତକକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ । ରାଜନୈତିକ ଦୃଶ୍ୟପଟରେ ଭାରତୀୟ ଜନତା ପାର୍ଟିକୁ ନୂଆ ଶିଖରକୁ ନେଇଥିବା ଦୃଢ଼ ସଂଗଠକ ତଥା ଅନେକ ଐତିହାସିକ ନିଷ୍ପତିର ମୁଖ୍ୟ ବିନ୍ଧାଣୀ ଅମିତ ଶାହଙ୍କ ଉପରେ ଲିଖିତ ପୁସ୍ତକର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି । ପୁସ୍ତକର ମୂଳ ଇଂରାଜି ଲେଖକ ଅନିର୍ବାଣ ଗାଙ୍ଗୁଲି ଏବଂ ଶିବାନନ୍ଦ ଦ୍ୱିବେଦୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ପ୍ରକାଶନ ସଂସ୍ଥା ବ୍ଲୁମ୍ସବରି ଓ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଥିବା ଟାଇମ୍ସ ପାସ ପ୍ରକାଶନ ସଂସ୍ଥାର ମୁଖ୍ୟ ସାହିତ୍ୟିକ ସରୋଜ ବଳଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ପୁସ୍ତକରେ ଶାହଙ୍କ ଜୀବନର ବିଭିନ୍ନ ଦିଗ ଓ ବିଜେପି ଯାତ୍ରାରେ ତାଙ୍କ ଅକଳ୍ପନୀୟ ଭୂମିକା ଉପରେ ଉଲ୍ଲେଖ କରାଯାଇଛି । ପୁସ୍ତକର ଓଡ଼ିଆ ସଂସ୍କରଣ ଓଡ଼ିଆ ଜୀବନଯାତ୍ରାର ଏକ ପ୍ରବକ୍ତା ହେବ ଓ ଜନମାନସରେ ଆଦୃତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଓ ଅମିତ ଶାହଙ୍କ ବିଶେଷ ସମର୍ପଣ ଭାବ ଅଛି । ୧୯୮୪ ମସିହାରେ ଗୁଜୁରାଟର ଅହମ୍ମଦବାଦରେ ଏକ ଅଭାବନୀୟ ଘଟଣା ପରେ ▶▶ପୃଷ୍ଠା ୭

# ୩ୟ ଡୋଜ୍ ଟିକା ମାଗଣା ଦେବାକୁ କେନ୍ଦ୍ରକୁ ଜଣାଇବୁ : ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ରାଜ୍ୟରେ ସମ୍ମୁଖ ଯୋଦ୍ଧା ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣା ଟିକା ଦିଆଯାଉଛି । ୧୮ରୁ ୫୯ ବର୍ଷଙ୍କୁ ୩ୟ ଡୋଜ ମାଗଣାରେ ଦିଆଯିବ କି ନାହିଁ କେନ୍ଦ୍ର ସ୍ଥିର କରୁ । ଦରକାର ପଡ଼ିଲେ ୩ୟ ଡୋଜ ମାଗଣା ଦେବା ନେଇ କେନ୍ଦ୍ରକୁ କହିବୁ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ। ସେ ଆହୁରି କହିଛନ୍ତି ଯେ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲାରେ କରୋନା ସଂକ୍ରମଣ ବଢୁଛି । ସ୍ଥିତି ଏବେ ନିୟନ୍ତ୍ରଣରେ ଅଛି, ଆକ୍ଟିଭ କେସ୍ ୩୨୦୦ ପାଖାପାଖି ରହିଛି। ମାତ୍ର ୧ ପ୍ରତିଶତ ଲୋକ ହସ୍ପିଟାଲ୍‌ରେ ଭର୍ତି ହୋଇ ଚିକିତ୍ସିତ ହେଉଛନ୍ତି। ୯୯ ପ୍ରତିଶତ ଲୋକ ପୃଥକବାସରେ ରହିଛନ୍ତି। ମାସେ ତଳେ ୧୦ ହଜାର ଟେଷ୍ଟିଂ ହେଉଥିବା ବେଳେ ଏବେ ୧୫ ହଜାର ହେଉଛି। ରବିବାର ଓ ଅନ୍ୟ ଛୁଟି ଦିନରେ ଟେଷ୍ଟିଂ କମ୍ ରହୁଛି । ଆମେ ଦିନକୁ ୨୫ ହଜାର ପର୍ଯ୍ୟନ୍ତ ଟେଷ୍ଟିଂ କରିବାର ଯୋଜନା ରଖିଛୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ।

# ଶିଳ୍ପ ଗବେଷଣା କେନ୍ଦ୍ର ନାଁରେ ଜମି ହାତେଇ ପାର: ଲିଜ୍ ନେଇଥିବା ଜମି ୨ଥର ବିକ୍ରି ହୋଇସାରିଲାଣି



ରାଉରକେଲା ,୧୧/୦୭ (ନି.ପ୍ର): ଯେଉଁ କାରଣ ଦର୍ଶାଇ ଶିଳ୍ପସଂସ୍ଥା ଶାଗମାଛ ଦରରେ ବହୁ ମୂଲ୍ୟବାନ ପ୍ଲଟ୍ ହାତେଇଥିଲେ, ତାହାର ଏବେ ଚିହ୍ନବର୍ଣ୍ଣ ନାହିଁ। ବରଂ, ସେହିସବୁ ଜମିକୁ ବନ୍ଧାପକାଇ ବ୍ୟାଙ୍କରୁ କୋଟିକୋଟି ଟଙ୍କା ଋଣ ଆଣିବା ସହିତ ଯେଝାଯେଝା ବ୍ୟବସାୟରେ ଲଗାଇଛନ୍ତି। ୧୦ବର୍ଷ ଭିତରେ ପ୍ରକଳ୍ପ ନାଁରେ ସରକାରଙ୍କଠାରୁ ନେଇଥିବା ଜମିର ମୂଲ୍ୟ ୪୦ କୋଟିରେ ପହଞ୍ଚିଲାଣି। ହେଲେ, ଏହି ମୂଲ୍ୟବାନ ପ୍ଲଟ ଏବେ ପାଚେରି ଘେରାରେ ରହିଯାଇଛି। ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବା ଏହି ମୂଲ୍ୟବାନ ଜମିକୁ ନା ଜିଲ୍ଲା ପ୍ରଶାସନ ନିଜ ଖାତାକୁ ଆଣିବାକୁ କୌଣସି ପଦକ୍ଷେପ ନେଉଛନ୍ତି ନା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପ୍ଲଟ୍ ଲିଜ୍ ନେଇଥିବା ଏହି ଶିଳ୍ପସଂସ୍ଥା ଆଧୁନିକ ମେଟାଲିକ୍ସ କାରଖାନା ଇତିମଧ୍ୟରେ ୨ ଥର ବିକ୍ରି ହୋଇସାରିଲାଣି। ସୁନ୍ଦରଗଡ଼ରୁ ବି ୪ ବର୍ଷ ପୂର୍ବରୁ ଚାଲିଯାଇସାରିଲାଣି। ସୂଚନା ଅନୁସାରେ, ୧୦ ବର୍ଷ ତଳେ କୁଆରମୁଣ୍ଡାସ୍ଥିତ ଆଧୁନିକ ମେଟାଲିକ୍ସ କାରଖାନା ରାଉରକେଲାର ସବୁଠାରୁ ଅଭିଜାତ ଇଲାକା ସିଭିଲ୍ ଟାଉନ୍‌ସିପ୍‌ରେ ଶିଳ୍ପ ଅନୁସନ୍ଧାନ କେନ୍ଦ୍ର (ଇଣ୍ଡଷ୍ଟ୍ରି ରିସର୍ଚ୍ଚ ସେଣ୍ଟର) ପ୍ରତିଷ୍ଠା କରିବବୋଲି ସରକାରଙ୍କ ଲ୍ୟାଣ୍ଡ ଆଲଟମେଣ୍ଟ କମିଟି (ଏଲ୍‌ଏସି)ଠାରୁ ୯୯ ବର୍ଷ ଲିଜରେ ୧ ଏକର ଜମି ନେଇଥିଲା। ବଜାର ମୂଲ୍ୟଠାରୁ ବହୁତ କମ୍‌ରେ କ୍ରୟ କରିଥିଲା। ଏଲ୍‌ଏସି ନିୟମ ଅନୁଯାୟୀ, ଜମି ନେବାର ୩ ବର୍ଷ ମଧ୍ୟରେ ସମ୍ପୃକ୍ତ ଜାଗାରେ ଶିଳ୍ପାଞ୍ଚଳ ଅନୁସନ୍ଧାନ କେନ୍ଦ୍ର ନିର୍ମାଣ ହେବା ବାଧ୍ୟତାମୂଳକ ଥିଲା। କିନ୍ତୁ ଆଜି ଯାଏ ଶିଳ୍ପାଞ୍ଚଳ ଅନୁସନ୍ଧାନ କେନ୍ଦ୍ର ନିର୍ମାଣ ପାଇଁ ଖଣ୍ଡିଏ ଇଟା ମଧ ପଡ଼ିନାହିଁ। କେବଳ ଚାରିପାଖରେ ପାଚେରି ବେଢ଼ାଇ କାମ ସାରି ଦେଇଛନ୍ତି କାରଖାନା କର୍ତ୍ତୃପକ୍ଷ। ୩ ବର୍ଷରେ ନିର୍ମାଣ କାମ ନ ହେଲେ ଲିଜ୍ ବାତିଲ୍ ହେବାର ସରକାରୀ ନିୟମ ରହିଛି। କିନ୍ତୁ, ଆଜିଯାଏ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ସମ୍ପୃକ୍ତ ଇଲାକାରେ ଡିସିମିଲ୍ ପ୍ରତି ଜମିର ସରକାରୀ ମୂଲ୍ୟ ରହିଛି ପାଖାପାଖି ୨୨ ଲକ୍ଷ। ଅର୍ଥାତ୍ ଏ ପ୍ଲଟ୍‌ର ସରକାରୀ ମୂଲ୍ୟ ୨୨ କୋଟି। ବେସରକାରୀ ମୂଲ୍ୟ ତ ୪୦ କୋଟିରୁ ନିଶ୍ଚୟ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏ ସଂକ୍ରାନ୍ତରେ ଏଲ୍‌ଏସି ଅଧିକାରୀମାନେ ଅବଗତ ଅଛନ୍ତି, କିନ୍ତୁ ଆଜିପର୍ଯ୍ୟନ୍ତ ଏହି ମୂଲ୍ୟବାନ ଜମି କିପରି ଫେରିବ ଏଥିପାଇଁ କୌଣସି ଉଦ୍ୟମ କରାଯାଇନାହିଁ। ଆହୁରି ଉଦ୍‌ବେଗଜନକ କଥା ହେଉଛି, ଶିଳ୍ପାଞ୍ଚଳ ଅନୁସନ୍ଧାନ କେନ୍ଦ୍ର ନାଁରେ କାରଖାନା ହାତେଇଥିବା ଏହି ମୂଲ୍ୟବାନ ଜମି ଏବେ ବ୍ୟାଙ୍କରେ ବନ୍ଧାପଡ଼ିଛି। ଏହି ଜମିକୁ ବନ୍ଧାପକାଇ କାରଖାନା କର୍ତ୍ତୃପକ୍ଷ ବ୍ୟାଙ୍କରୁ କୋଟିକୋଟି ଟଙ୍କାର ଋଣ ନେଇ କାରଖାନାରେ ବିନିଯୋଗ କରିଥିବା ବି ଜଣାପଡ଼ିଛି। ଅନ୍ୟପକ୍ଷରେ, କାରଖାନା ବନ୍ଦ ହେବାସହିତ ଏହା ନିଲାମ ହୋଇ ଅନ୍ୟ ସଂସ୍ଥାର ହାତକୁ ବି ଚାଲି ଯାଇସାରିଲାଣି। ଏବେ ରାଉରକେଲା ବା କୁଆରମୁଣ୍ଡାରେ ମୂଳ କାରଖାନା ମାଲିକଙ୍କର କୌଣସି ଚିହ୍ନବର୍ଣ୍ଣ ନଥିବାବେଳେ ଏହି ମୂଲ୍ୟବାନ ଜମିର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆହୁରି ବି ଶୁଣିବାକୁ ମିଳୁଛି, କାରଖାନାର ପୁରୁଣା ମାଲିକ ଏହି ଜମିକୁ ନୂଆ ମାଲିକଙ୍କ ହାତକୁ ଟେକି ଦେବାକୁ ଏବଂ ମାଲିକାନା ପାଇବାପରେ ନୂଆ ମାଲିକ ଏହାକୁ ଆଉ କାହାକୁ ବିକ୍ରି କରିଦେଇ ବା ସର୍ତ୍ତ ବିପରୀତ ଅନ୍ୟ କୌଣସି କାମରେ ବିନିଯୋଗ କରି ମୋଟା ଅଙ୍କ ପକେଟରେ ଭର୍ତ୍ତି କରିବାଲାଗି ଯୋଜନା କରୁଛି। ତେବେ, ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି।

# ମାଲକାନଗିରି ସମନ୍ୱିତ ଆଦିବାସୀ ଉନୟନ୍ନ ସଂସ୍ଥାର ନୂତନ ପ୍ରକଳ୍ପ ପ୍ରଶାସକଙ୍କୁ ନବୋଦୟ ଗ୍ରୁପ ତରଫରୁ ସମ୍ବର୍ଦ୍ଧିତ

ମାଲକାନଗିରି ,୧୧/୦୭ (ନି.ପ୍ର): ଗୋବିନ୍ଦ ପାଲି ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧିତ କାୟ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲା ସମ୍ମନ୍ନୀତ ଆଦିବାସୀ ଉନୟନ୍ନ ସସ୍ୱସ୍ଥା ର ନୂତନ ପ୍ରକଳ୍ପ ପ୍ରଶାସକ ଭାବେ ଯୋଗ ଦେଇଥିବା ତ୍ରୀନାଥ ମାଝୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସେ ଜବାହର ନବୋଦୟ ବିଦ୍ୟାଳୟର ୧୯୯୯ ବ୍ୟାଚର ମେଧାବୀ ଛାତ୍ର , ନିଜର ଅକ୍ଲାନ୍ତ ପରିଶ୍ରମ ଓ ସ୍ୱଛ ନିର୍ମଳ ଭାବମୂର୍ତୀ ପାଇଁ ଆଜି ଆଦିବାସୀ ଅଧ୍ୟୁଷିତ ଅସ୍ୱଚଳର ଜଣେ ପ୍ରକଳ୍ପ ପ୍ରଶାସକ ହିସାବରେ ନିଯୁକ୍ତ ପାଇଥିବାରୁ ସବୁଆଡୁ ଅଭିନନ୍ଦନ ର ସୁଅ ଛୁଟିଛି । ଆଜି ଏକ ବିଶେଷ କାର୍ଯ୍ୟକ୍ରମରେ ଗୋବିନ୍ଦପାଲି ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ଲକ୍ଷ୍ମୀ ନାରାୟଣ ଆଚାରୟ୍ୟ, ପଲି ଟେକନିକ ମହାବିଦ୍ୟାଳୟର ପ୍ରିନ୍ସପାଲ ଜୀବନ ଜ୍ୟୋତି, ନବୋଦୟ ର ପୁରାତନ ଛାତ୍ର ଭାଗୀରଥି ବେହେରା, ଟଙ୍କଧର ଜାନୀ, ଯୁବ ରାଜନେତା ଆଡମା ରାବା, ସୁଧୀର ସିକଦାର, ଲକ୍ଷ୍ମୀଧର ମାଝୀ, କେନାରାମ ସରକାର,ବିଜୟଲକ୍ଷ୍ମୀ ଚୈଧୁରୀ, ସଂଯୁକ୍ତା ହନ୍ତାଳ, ତାପସୀ ଲସ୍କର ଓ ଅନ୍ୟ ପୁରାତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ଶ୍ରୀ ମାଝୀଙ୍କୁ ଫୁଲତୋଡା ଓ ଉତରୀୟ ପିନ୍ଧାଇ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟରେ ସ୍ମୃତି ରକ୍ଷା ଉଦ୍ଦେଶ୍ୟ ରେ ଏକ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀ ମାଝୀ ସମସ୍ତଙ୍କ ସହଯୋଗ କାମନା କରି କହିଛନ୍ତି ଯେ ମାଲକାନଗିରି ଜିଲ୍ଲାର ସମସ୍ତ ଆଦିବାସୀ ମାନଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥା କୁ ସୁଦୃଢ ସହ ଅସ୍ୱଚଳର ବିକାଶକୁ ପ୍ରାଥମିକତା ଦେବେ । ଏଥିସହ ଆଜିର କାର୍ଯ୍ୟକ୍ରମକୁ ଆୟୋଜିତ କରିଥିବା ନବୋଦୟ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଉତ୍କଳ ସମ୍ମିଳନୀ କୋରାପୁଟ ଶାଖାର ନିର୍ବାଚନୀ ସଭା

ଜୟପୁର,୧୧/୦୭ (ନି.ପ୍ର): ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ବୈଠକ ଆଜି ଯାଦବ ଭବନ ଠାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଉପସଭାପତି ବିନୋଦ ମହାପାତ୍ର ଏଥିରେ ପର୍ଯବେକ୍ଷକ ଭାବେ ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ଏହି ବୈଠକରେ ଉପଦେଷ୍ଟା ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି, ବିନୋଦ ମହାପାତ୍ର ଏବଂ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଭାପତି ଭାବେ ମଦନ ମୋହନ ନାୟକ ଏବଂ କାର୍ଯ୍ୟକରୀ ସଭାପତି ଭାବେ ଗୁପେଶ୍ୱର ଦଣ୍ଡସେନାଙ୍କୁ ଚୟନ କରାଯାଇଥିଲା। ଜିଲ୍ଲା କମିଟିର ଉପସଭାପତି ରୂପେ କୃଷ୍ଣଚନ୍ଦ୍ର ନେପାକ ଏବଂ ରାଜେନ୍ଦ୍ର କୁମାର ଗୌଡ଼ଙ୍କୁ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ରୂପେ ନବୀନ ମାଦଳା ଏବଂ କୋଷାଧ୍ୟକ୍ଷ ରୂପେ ନରେଶ ମହାକୁଳଙ୍କୁ ଚୟନ କରାଯାଇଥିଲ। ଏଥିରେ ଯୁଗ୍ମ ସମ୍ପାଦକ ରୂପେ ଚନ୍ଦ୍ରକାନ୍ତ ସୁତାର ଏବଂ ନବକୃଷ୍ଣ ରଥଙ୍କୁ ଚୟନ କରାଯାଇଥିବା ବେଳେ ପରମେଶ୍ୱର ପାତ୍ରଙ୍କୁ ସଂଗଠନ ସମ୍ପାଦକର ଦାୟିତ୍ୱ ଦିଆଯାଇଛି। ଜିଲ୍ଲା ଶାଖା ପକ୍ଷରୁ ରାଜ୍ୟ ପରିଷଦକୁ ବିରେନ ମୋହନ ପଟ୍ଟନାୟକ, ଜ୍ୱାଲା ରାୟ, ଦେବେନ୍ଦ୍ର ବାହିନୀପତି, ଡ଼.ସୁରେଶ ଦାସ, ବିନୋଦ ମହାପାତ୍ର, ହରିହର କରସୁଧା ପଟ୍ଟନାୟକ, ଦୂର୍ଗାଶଙ୍କର ସାହୁ ଏବଂ ଗଦାଧର ପରିଡାଙ୍କୁ ସଦସ୍ୟ ରୂପେ ମନୋନୀତ କରାଯାଇଥିଲା। ଏହି ନୂତନ କମିଟି ଆସନ୍ତା ତିନି ବର୍ଷ ପାଇଁ କାର୍ଯ୍ୟ କରିବ ବୋଲି କେନ୍ଦ୍ରୀୟ ଉପସଭାପତି ଜଣାଇଥିଲେ। ଜିଲ୍ଲା କାର୍ଯ୍ୟକାରୀ କମିଟିରେ ୩୫ ଜଣ ସଦସ୍ୟଙ୍କୁ ନିଆଯାଇଥିଲା। ଆଗାମୀ ଦିନରେ କୋଟିଆ ଅଂଚଳର ବିକାଶ ଏବଂ ବିବାଦ ମୁକ୍ତ ପାଇଁ ସମ୍ମିଳନୀ ଲଢ଼େଇ କରିବ ବୋଲି ଘୋଷଣା କରାଯାଇଥିବା ବେଳେ ଜିଲ୍ଲାର ସମସ୍ତ ଘରୋଇ ଏବଂ ସରକାରୀ ଅନୁଷ୍ଠାନର ନାମ ଫଳକ ଓଡ଼ିଆରେ ଲେଖା ପାଇଁ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ କ୍ଷେତ୍ରବାସୀ ପଣ୍ଡା, ପ୍ରତାପ ମାଦଳା, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୧୧/୦୭ (ନି.ପ୍ର): ରାଜ୍ୟର ଶିକ୍ଷାନୁଷ୍ଠାନ ଭିତରକୁ ସାମ୍ବାଦିକମାନଙ୍କର ପ୍ରବେଶ ଉପରେ କଟକଣା କୁ ଦୁର୍ଭାଗ୍ୟ ଜନକ ଏହା ଦ୍ୱାରା ପରୋକ୍ଷରେ ଅବ୍ୟବସ୍ଥା କୁ ପ୍ରୋତ୍ସାହନ ଦେବା ବୋଲି ମତ ପ୍ରକାଶ ପାଇଥିଲା. ଆଜି ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ପ୍ରତିଷ୍ଠା ଦିବସ ଏବଂ ନୂତନ କର୍ମକର୍ତା ଚୟନ ସମ୍ପର୍କିତ ଆଲୋଚନା ହୋଇଥିଲା। ଆସନ୍ତା ଅଗଷ୍ଟ ୩୦ ତାରିଖ ଦିନ ସଂଘର ପ୍ରତିଷ୍ଠା ଦିବସ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ସେହିପରି ଆସନ୍ତା ସେପଟ୍ମ୍ବର ୨୧ ତାରିଖ ଦିନ ସଂଘର ନିର୍ବାଚନ କରିବାକୁ ସ୍ଥିରୀକୃତ ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନ ପରିସରକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ ରୋକ ଲଗାଯିବା ଭଳି ସରକାରଙ୍କ ନିଷ୍ପତିକୁ ବୈଠକରେ ନିନ୍ଦା କରାଯାଇଥିଲା। ବୈଠକରେ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ମିଶ୍ର, ମାନସ ରଂଜନ ମହାନ୍ତି, ସାଧାରଣ ସମ୍ପାଦକ ବଳରାମ ମିଶ୍ର, ସାଙ୍ଗଠାନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, ଦିପକ ସମାଦ୍ଦାର, ବଂଶୀଧର ସେଠ, କୋଷାଧ୍ୟକ୍ଷ ସୁନିଲ କୁମାର ମହାନ୍ତି, ଉପଦେଷ୍ଟା ମଣ୍ଡଳୀ ଗୋପବନ୍ଧୁ ଶତପଥୀ ,ନବୀନ ପଶାୟତ, ସୁବାସ ଚନ୍ଦ୍ର ପଣ୍ଡା, ସୋମନାଥ ଆଚାର୍ଯ୍ୟ, ସୁଧୀର ଚନ୍ଦ୍ର ପଣ୍ଡା, ଶିଶିରକାନ୍ତ ଶତପଥି, ଦିଲ୍ଲୀପ ପୁରୋହିତ, କାର୍ଯ୍ୟକାରୀ କମିଟି ସଦସ୍ୟ ସତ୍ୟସୁନ୍ଦର ଭଞ୍ଜ, ଶିବପ୍ରସାଦ ପରିଡ଼ା, ସଦାଶିବ ସରାଫ, ଚନ୍ଦ୍ରଭାନୁ ମୋଲାନା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତରଂଜନ ମିଶ୍ର, ବିମଳେନ୍ଦୁ ସାହୁ, ସଞ୍ଜୟ କୁମାର ବେହେରା ପ୍ରମୁଖ ସଦସ୍ୟ ଯୋଗଦାନ କରିଥିଲେ ।

# ଅସୁରକ୍ଷିତ ଗଞ୍ଜାମର କୃଷ୍ଣସାର ମୃଗ: ବଢ଼ୁଛି ବଂଶ, ସ୍ୱତନ୍ତ୍ର ଯୋଜନା ନାହିଁ

ଆସିକା ,୧୧/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଆସିକା ବନାଞ୍ଚଳ। ବିରଳ କୃଷ୍ଣସାର ମୃଗଙ୍କ ପ୍ରମୁଖ ଆସ୍ଥାନ ଭାବେ ଏହା ସମଗ୍ର ଏସିଆ ମହାଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି। ହେଲେ ସାମ୍ପ୍ରତିକ ସ୍ଥିତିରେ ଏହି ବିରଳ ଓ ନିରୀହ ପ୍ରାଣୀକୁ ଯେମିତି ବିପଦ ମାଡ଼ି ବସିଛି। ବଂଶବୃଦ୍ଧି ହେଉଛି ସତ। କିନ୍ତୁ ସୁରକ୍ଷା ପାଇଁ ଦୀର୍ଘମିଆଦି ଯୋଜନା ଓ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନି। ଖାଦ୍ୟ ଓ ପାଣି ପାଇଁ କୃଷ୍ଣସାର ଜନବସତିମୁହାଁ ହୋଇ କେତେବେଳେ ହିଂସ୍ର କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି ତ, ଆଉ କେତେବେଳେ ରାସ୍ତା ପାର ହେଉଥିବା ସମୟରେ ଗାଡ଼ି ଧକ୍କାରେ ପ୍ରାଣ ହରାଉଥିବାର ନଜିର୍ ରହିଛି। ଗତ କିଛି ବର୍ଷ ଧରି କୃଷ୍ଣସାରଙ୍କ ମୃତ୍ୟୁ ସଂଖ୍ୟା ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି।

ଆସିକା ବ୍ଲକ୍ ଭେଟନଇ ପଞ୍ଚାୟତ ସମେତ ସିଦ୍ଧନୟୀ, ଖାରିଆ, ପାଣ୍ଡିଆପଥର, ବାବନପୁର, ବରଗାଁ ଓ ବଡ଼ଖୋଲି ପଞ୍ଚାୟତ କୃଷ୍ଣସାର ମୃଗଙ୍କ ପ୍ରାକୃତିକ ବାସସ୍ଥଳୀ ଓ ବିଚରଣସ୍ଥଳୀ ଭାବେ ପରିଚିତ। ବର୍ତ୍ତମାନ କୃଷ୍ଣସାର ମୃଗଙ୍କୁ ବାଲିଛାଇ ଓ ଗୁଣ୍ଡପଡ଼ା ପଞ୍ଚାୟତ ସମେତ ଧରାକୋଟ, ବୁଗୁଡ଼ା ଓ କବିସୂର୍ଯ୍ୟନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ଏଥିପାଇଁ କୃଷ୍ଣସାରଙ୍କୁ ଗଞ୍ଜାମର ଗର୍ବ ବୋଲି କୁହାଯାଇଥାଏ। ବିସ୍ତୃତ ଘାସପଡ଼ିଆରେ ଦଳଦଳ ହୋଇ କୃଷ୍ଣସାର ମୃଗ ବୁଲିବା ସହ ଘାସ ଖାଇଥାନ୍ତି। ୧୯୭୩ ମସିହାରେ ପ୍ରଥମ ଥର ପାଇଁ ଆସିକା ବନାଞ୍ଚଳରେ କୃଷ୍ଣସାର ମୃଗ ଗଣନା ଆରମ୍ଭ ହୋଇଥିଲା। ୧୯୭୩ରେ ୫୨୮ଟି କୃଷ୍ଣସାର ଥିବା ବେଳେ ୧୯୮୦ ରେ ୪୫୮, ୧୯୯୮ ରେ ୫୫୧,୨୦୦୪ ରେ ୭୮୦, ୨୦୦୬ରେ ୧୧୦୧, ୨୦୦୮ରେ ୧୬୭୨, ୨୦୧୦ ରେ ୨୧୮୧, ୨୦୧୧ରେ ୧୫୩୩, ୨୦୧୫ରେ ୨୬୧୮, ୨୦୧୮ରେ ୨୮୦୯ ଓ ୨୦୨୦ରେ ୪୧୧୪ଟି କୃଷ୍ଣସାର ଥିବା ଗଣନାରୁ ଜଣାପଡ଼ିଥିଲା। ଫଳରେ ତୁଳନାତ୍ମକ ଭାବେ



କୃଷ୍ଣସାରଙ୍କ ବଂଶବୃଦ୍ଧି ହେଉଥିବା ବେଳେ ସେମାନଙ୍କ ସୁରକ୍ଷା ବର୍ତ୍ତମାନ ବିରାଟ ପ୍ରସଙ୍ଗ ପାଲଟିଛି। ରୋଗରେ ପଡ଼ିବା ସହ ନିଜ ମଧ୍ୟରେ ଲଢ଼େଇ, ବନ୍ୟଜନ୍ତୁଙ୍କ ଆକ୍ରମଣ ଓ ଗାଡ଼ି ଧକ୍କାରେ ସେମାନଙ୍କ ମୃତ୍ୟୁ ହେଉଛି। ବହୁ ପର୍ଯ୍ୟଟକ ଭେଟନଇର ଜଗତିପଡ଼ିଆ ଇଲାକାକୁ ମୃଗକୁ ଅତି ନିକଟରୁ ଦେଖିବା ଲାଗି ସୁଯୋଗ ପାଇବା ସହ ଫଟୋ ଉଠାଇଥାନ୍ତି। ଏଥିପାଇଁ ଜଗତିପଡ଼ିଆ ଓ ଛତାପଡ଼ିଆ ନିକଟରେ ଦୁଇଟି ୱାଚଟାୱାର୍ ନିର୍ମାଣ କରାଯାଇଛି। ସେହିପରି ପାଣି ପିଇବା ପାଣି ଜଗତି ପଡ଼ିଆରେ ବହୁ ସଂଖ୍ୟାରେ କୁଣ୍ଡ ନିର୍ମାଣ ହୋଇଛି। କିନ୍ତୁ ଦଳଗତ ଭାବେ ରହୁଥିବା କୃଷ୍ଣସାରଙ୍କ ଖାଦ୍ୟ ଓ ପାଣି ପାଇଁ ବ୍ୟବସ୍ଥା ନଥିବାରୁ ସ୍ଥାନ ପରିବର୍ତ୍ତନ ବେଳେ ଦୁର୍ଘଟଣା ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଆକ୍ରମଣ ଭଳି ବିପଦକୁ ସାମ୍ନା କରିଥାନ୍ତି। ସେହିପରି ସଂପ୍ରତି ବାଲିପଦର, ଆସିକା ଓ କବିସୂର୍ଯ୍ୟନଗର ରାସ୍ତା କୃଷ୍ଣସାରଙ୍କ ଅବାଧ ବିଚରଣସ୍ଥଳୀ ପାଲଟିଛି। ତେବେ କିଛି ପ୍ରଭାବଶାଳୀ ବ୍ୟକ୍ତି ଜଗତିପଡ଼ିଆରେ କିଛି ଜମିକୁ ନିଜ ଅକ୍ତିଆରରେ ନେଇସାରିଛନ୍ତି। ଜାଲି ବାଡ଼ ନିର୍ମାଣ ହେତୁ ତାହା କୃଷ୍ଣସାରଙ୍କ ବିଚରଣରେ ବାଧା ସୃଷ୍ଟି କରୁଛି।

# ମାଲକାନଗିରି ଜିଲ୍ଲାରେ ରାଷ୍ଟ୍ରୀୟ ରୋଜଗାର ନୀତି ପାଇଁ ରୋଜଗାର ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି,୧୧/୦୭ (ନି.ପ୍ର): ସଂଯୁକ୍ତ ରୋଜଗାର ଆନ୍ଦୋଳନ ସମିତି ପକ୍ଷରୁ ରାଷ୍ଟ୍ରିୟ ରୋଜଗାର ନୀତି ପ୍ରଣୟନ ପାଇଁ ରୋଜଗାର ସମ୍ବାଦ କାର୍ଯ୍ୟକ୍ରମ ଅଲ ଓଡିଶା ମାର୍ସଲ ଆର୍ଟ ଏକାଡେମୀ ଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟ କ୍ରମରେ ଦେଶ କି ବାତ ଫାଉଣ୍ଡେସନ ର ରାଜ୍ୟ ସଂଯୋଜକ ରଞ୍ଜନ କୁମାର ମିଶ୍ର ଯୋଗଦେଇ ବେରୋଜଗାର ବିରୁଦ୍ଧରେ ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ କରିବାପାଇଁ ଅଗଷ୍ଟ ୧ ୬ ରୁ ୨ ୨ପର୍ଯ୍ୟନ୍ତ ଦିଲ୍ଲୀ ର ଯନ୍ତର ମନ୍ତର ଠାରେ ହେବାକୁ ଥିବା ସତ୍ୟାଗ୍ରହ ରେ ସାମିଲ ହେବାପାଇଁ ଆହ୍ୱାନ ଦେବା ସହ ରାଷ୍ଟ୍ରୀୟ ରୋଜଗାର ନୀତି ଉପରେ ବିସ୍ତାର ଭାବେ ଆଲୋଚନା କରିଥିଲେ ! ଏହି କାର୍ଯ୍ୟକ୍ରମ ରେ ଜୟ ମାଲକାନଗିରି ଅନୁଷ୍ଠାନ ର ରବି ରାଜେଶ ଓ ସାଥି, ମା ଘର ର ସଭାନେତ୍ରୀ ଶାନ୍ତି ଲତା ବିଶୋଇ, ମାଲକାନଗିରି ଶିକ୍ଷୀ ସଙ୍ଘ ର ସଭାପତି ତପନ ମଣ୍ଡଳ ଓ ସଭ୍ୟ, ଦେଶ କି ବାତ ଫାଉଣ୍ଡେସନ ର ରାଜ୍ୟ ସଂଯୋଜକ ଦେଶି ରାଜୁ ଅଚାରୀ ମାଲକାନଗିରି ଜିଲ୍ଲା ସଂଯୋଜକ ଶୁଶାନ୍ତ କୁମାର ସାମଲ ଓ ସଦସ୍ୟ ଉପସ୍ଥିତ ହୋଇ ନିଜ ନିଜ ମତ ଦେଇଥିଲେ !ଅନ୍ୟ ମାନଙ୍କ ମଧ୍ୟ ରେ ବୀର ମହନ ଅଧିକାରୀ, ସୁବାଷ କୀର୍ତ୍ତନିୟା, ସୁକୁମାର ମଣ୍ଡଳ ଓ ଜିଲ୍ଲା ର ବିଭିନ୍ନ ଗଣ ସଂଗଠନ ମୁଖ୍ୟ କର୍ମ କର୍ତ୍ତା ମାନେ ଯୋଗ ଦେଇଥିଲେ !

# କନ୍ଧମାଳ ଜିଲ୍ଲା ଶାଖା ଏନ.ଏଫ.ଆଇ.ଟି.ୟୁ ର ପ୍ରଥମ ବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

କନ୍ଧମାଳ,୧୧/୦୭ (ନି.ପ୍ର): ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ନ୍ୟାସନାଲ ଫ୍ରଣ୍ଟ ଅଫ୍ ଇଣ୍ଡିୟାନ ଟ୍ରେଡ୍ ୟୁନିୟନସ୍ ର ପ୍ରଥମ କନ୍ଧମାଳ ଜିଲ୍ଲା ସମ୍ମିଳନୀ ଓ କର୍ମକର୍ତା ଚୟନ, ଫୁଲବାଣୀ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆଇନଜୀବି ରମେଶ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଯୋଜକ ବୈଷ୍ଣବ ଚରଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ସମ୍ମିଳନୀ ଆୟୋଜନ କରିବାର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଶ୍ରମ ବିଭାଗର ଅନଲାଇନ ଆପ ମାଧ୍ୟମରେ କାର୍ଯ୍ୟକ୍ରମକୁ ପ୍ରତ୍ୟାହାର କରି ଶ୍ରମିକ ମାନଙ୍କ ହୀତ ଦୃଷ୍ଟିରୁ ଅଫଲାଇନରେ ପଡିରହିଥିବା ସମସ୍ତ ପଞ୍ଜିକରଣ, ସହାୟତା ନବୀକରଣକୁ ଅଗ୍ରାଧିକାର ଭିତିରେ ସମାପ୍ତ କରିବା ପାଇଁ ଦୃଢ଼ ଦାବୀ କରିଥିଲେ । କୃଷି ଶ୍ରମକି କୋ-ଅପ୍‌ରେଟିଭ୍ ବ୍ୟାଙ୍କ, ଲ୍ୟାମ୍ପସ କର୍ମଚାରୀ, ଅଙ୍ଗନୱାଡି, ଆଶା କର୍ମୀ, ଆରୋଗ୍ୟ ସମିତି, ଗ୍ରାମାଂଚଳରେ ଚାଷ ପାଇଁ ଉପଯୁକ୍ତ ବିହନ, ସାର ଆଦି ନ ମିଳିବା ଉପରେ ଦୃଢ଼ ଦାବୀ କରିଥିଲେ । କାର୍ଯ୍ୟକ୍ରମର ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା ତଥା ଏଏଫଆଇଟିୟୁର ର ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଶ୍ରମ ବିରୋଧୀ ନୀତି ସଂପର୍କରେ ଆଲୋଚନା କରି ଏନଏଫଅଅଇଟିୟୁର ଲକ୍ଷ୍ୟ ଏବଂ ଆଦର୍ଶ ସଂପର୍କରେ ମାର୍ଗଦର୍ଶନ କରିଥିଲେ । ଏନଏଫଆଇଟିୟୁର ରାଜ୍ୟ ସାଧାରଣ ସଂପାଦକ ଯୁଧିଷ୍ଠିର ମହାରଣା ମୂଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟରେ ଏନଏଫଆଇଟିୟୁର ଅଗ୍ରଗତି ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଅଙ୍ଗନୱାଡି କର୍ମଚାରୀ ଓ ମହିଳା ସଂଘର ରାଜ୍ୟ ସାଧାରଣ ସଂପାଦିକା ତଥା ଏନଏଫଆଇଟିୟୁର ରାଜ୍ୟ ଉପ-ସଭାନେତ୍ରୀ ପ୍ରଭାସିନୀ ପାଢ଼ୀ ଅଙ୍ଗନୱାଡି କର୍ମୀ ଏବଂ ସହାୟିକା ମାନଙ୍କର ତଥା ଆଶାକର୍ମୀ ମାନଙ୍କର ସମସ୍ୟା ସମାଧାନ ପାଇଁ ଏନଏଫଆଇଟିୟୁର ଅବଦାନ ସଂପର୍କରେ ବର୍ଣ୍ଣନା କରିଥିଲେ ।

ସମ୍ମିଳନୀରେ ଚଳିତ ବର୍ଷ ପାଇଁ ନିମ୍ନଲିଖିତ କର୍ମକର୍ତା ମାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ସଭାପତି ଭାବରେ ଆଇନଜୀବି ରମେଶ ଚନ୍ଦ୍ର ମହାନ୍ତି,ଉପସଭାପତି ଭାବେ ଦୁତିକୃଷ୍ଣ ମଲ୍ଲିକ, ସାଧାରଣ ସଂପାଦକ ଭାବେ ବୈଷ୍ଣବ ଚରଣ ପଟ୍ଟନାୟକ,ସହ-ସଂପାଦକ ଭାବେ ବିଭୂତି ଭୂଷଣ ପଣ୍ଡା ଓ ସୁନିତା କହଁର,ସଙ୍ଗଠନ ସଂପାଦକ ଭାବେ ତ୍ରିଲୋଚନ ଦିଗାଲ,କୋଷାଧ୍ୟକ୍ଷ ଭାବେ ଗରିବ ଜଗ୍‌ଦ୍ଦଲା ଙ୍କୁ ଚୟନ କରାଯାଇଛି । ସେହିପରି କାର୍ଯ୍ୟକାରୀ ସମିଟି ସଦସ୍ୟ ଭାବେ ମସ୍ତରାମ କହଁର, କିଆବନ ଦିଗାଲ, ଦିବ୍ୟା ଦିଗାଲ, ଶୁଭସ୍ମିତା କହଁର, ସସ୍ମିତା କହଁର ଏବଂ ଉପଦେଷ୍ଟା ମଣ୍ଡଳୀରେ ଆଇନଜୀବି ବିଜୟ କୁମାର ମହାନ୍ତି ଓ ରବିନ୍ଦ୍ରନାଥ ମିଶ୍ର ଅବସରପ୍ରାପ୍ତ ଶିକ୍ଷକ,ନବକିଶୋର ରଥ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଓ କୋଅପରେଟିଭ୍ ବ୍ୟାଙ୍କର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁଙ୍କୁ ଚୟନ କରାଯାଇଛି ।

# କନ୍ଧମାଳ ହୀତାଧିକାରୀଙ୍କ ପାଖରେ ସରକାରଙ୍କ ଯୋଜନା ବାବଦରେ ସୂଚନା ନାହିଁ: କେନ୍ଦ୍ରମନ୍ତ୍ରୀ ବାର୍ଲା

କନ୍ଧମାଳ,୧୧/୦୭ (ନି.ପ୍ର): କେନ୍ଦ୍ର ସଂଖ୍ୟା ଲଘୁ ମନ୍ତ୍ରୀ ଜୋହନ ବାର୍ଲା କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ତୁମୁଡିବନ୍ଧ,ବାଲିଗୁଡା,ରାଇକିଆ ଏବଂ ଜିଲ୍ଲାର ବିଭିନ୍ନ ଯାଗାକୁ ଯାଇ ସେଠାରେ ଲୋକଙ୍କ ସହିତ ଆଲୋଚନା କରିବା ପରେ ସେମାନଙ୍କର ସୁବିଧା ଅସୁବିଧା ବାଦରେ ପଚାରି ବୁଝିଛନ୍ତି। ଆଜି ଫୁଲବାଣୀ ସାର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମୀଳନୀରେ ଫୁଲବାଣିର ସମସ୍ତ ଗଣମାଧ୍ୟମକୁ ସୁଚନା ଦେବାକୁ ଯାଇ ସେ କହିଛନ୍ତି ଯେ କନ୍ଧମାଳ ଜିଲ୍ଲାର ଅଧିକାଂଶ ଲୋକେ କେନ୍ଦ୍ର ସରକାରଙ୍କର ଦ୍ୱାରା ପ୍ରଣୟନ କରାଯାଇଥିବା ଅଧିକାଂଶ ଯୋଜନାର ସୁବିଧା ପାଇବାରୁ ବଂଚିତ ଅଛନ୍ତି । ଖାଲି ସେତିକି ନୁହେଁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ କେନ୍ଦ୍ର ସରକାରଙ୍କର ଅଧିକାଂଶ ଯୋଜନା ବାବଦରେ ଏବଂ ସେହି ଗୁଡିକ ପାଇବାକୁ କଣ କଣ ଯୋଗ୍ୟତା ଏବଂ ଆବଶ୍ୟକତା ଅଛି ସେହି ବାବଦରେ ଜାଣି ନାହାନ୍ତି । ଖାଲି ସେତିକି ନୁହେଁ ଅଧିକାଂଶ ଯୋଜନା ବାବଦରେ ସରକାରୀ ଅଧିକାରୀ ମାନେ ମଧ୍ୟ ଅନଭିଜ୍ଞ ଥିବା କହିଛନ୍ତି ମନ୍ତ୍ରୀ । ଜିଲ୍ଲାରେ ସଂଖ୍ୟା ଲଘୁ ମାନଙ୍କ ପାଇଁ ଅନେକ ଯୋଜନା ରହିଥିବା ବଙ୍କଳ ସେଥିପାଇଁ ଅର୍ଥର ମଧ୍ୟ ଅଭାବ ନାହିଁ । ସେମାନଙ୍କ ପାଇଁ ସ୍ୱାତନ୍ତ୍ର ଡାକ୍ତରଖାନା, ବିଦ୍ୟାଳୟ, ଖେଳ ପଡିଆ, ଷ୍ଟାଡିୟମ, ବାଳକ, ବାଳିକା ମାନଙ୍କ ପାଇଁ ହଷ୍ଟେଲ ଭଳି ଅନେକ ସୁବିଧା ପାଇଁ ଅର୍ଥର ଅଭାବ ନାହିଁ। ସେହି ଗୁଡିକ କଲେ କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ବୁହେଁ ସେହିଗୁଡିକ ସର୍ବ ସାଧାରଣଙ୍କ ପାଇଁ ବ୍ୟବହାର ଯୋଗ୍ୟ ହୋଇ ପାରିବ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ପ୍ରସଂଶା କରିବା ସହିତ କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଯୋଜନ ରେ ମଧ୍ୟ ଲୋକଙ୍କୁ ରାଜ୍ୟ ସରକାର ସାମିଲ କରାଇଲେ ଲୋକେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଲାଭାନ୍ୱିତ ହୋଇ ଥାଆନ୍ତେ ବୋଲି କହିଛନ୍ତି । ସରକାରଙ୍କୁ ଲୋକେ ଭୋଟ ଦେଇଛନ୍ତି । ତେଣୁ ସେମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ସୁବିଧା ପ୍ରଦାନ କରିବା ସରକାରଙ୍କର ମଧ୍ୟ ଦାୟୀତ୍ୱ ବୋଲି କହିଥିଲେ । ଏହି ଅବସରରେ ସେଠାରେ ତାଙ୍କ ସହିତ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଜଗନ୍ନାଥ ସାହୁ,ଭାଜପାର ଜିଲ୍ଲା ଉପସବାପତି ତଥା ଲୋକସଭା ସଂଯୋଜକ ରମେଶଚନ୍ଦ୍ର ମହାନ୍ତି,ଜିଲ୍ଲା ପ୍ରଭାରୀ ବିରଂଚିନାରାୟଣ ତ୍ରିପାଠି,ଜିଲ୍ଲା ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ,ପୁର୍ବତନ ବାଲିଗୁଡା ବିଧାୟକ କରେନ୍ଦ୍ର ମାଝୀ, ଟ୍ରାଇଫେଡର ଉପସଭାପତି ପବିତ୍ର କହଁର, ଜିଲ୍ଲା ସମ୍ପାଦକ ତପନ ପାଢୀ, ଯୁବ ମୋର୍ଚ୍ଚାର ଉପସଭାପତି ବିଶ୍ୱରଞ୍ଜନ ଦାସ ଓ ନଗର ସଭାପତି ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ଫୁଲବାଣୀ ଇ ଲାଇବ୍ରେରୀକୁ ଯାଇ ସେଠାରେ ବୁଲି ଦେଖିଥିଲେ । ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ସାଇକେଲ ଦୁର୍ଘଟଣାରେ ଚାଷୀ ମୃତ

କେନ୍ଦ୍ରାପଡା,୧୧/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ବାରୁଅ ଠାରେ ସାଇକେଲ ଦୁର୍ଘଟଣାରେ ଜଣେ ଚାଷୀ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ବାରୁଅ ଅଂଚଳର ଜଣାଶୁଣା ଚାଷୀ ଚୈତନ୍ୟ ପରିଡା(୪୯) ଦିନ ୧ଟା ବେଳେ ଚାଷକାମ ସାରି ସାଇକେଲରେ ନିଜ ଘରକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ କାର ତାଙ୍କୁ ଧକ୍କାଦେବା ଫଳରେ ସେ ମୃତ୍ୟୁବରଣ କରିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ରାଇକିଆ, ଚକାପାଦ ଗସ୍ତ : ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

କନ୍ଧମାଳ,୧୧/୦୭ (ନି.ପ୍ର): କେନ୍ଦ୍ର ସଂଖ୍ୟାଲଘୁ ସମ୍ପ୍ରଦାୟ ମନ୍ତ୍ରୀ ଜହନ ବାରଲା ଆଜି ରାଇକିଆ, ଚକାପାଦ ଆଦି ଅଂଚଳ ଗସ୍ତରେ ଯାଇ ପ୍ରବଳ ବର୍ଷା ସତ୍ତ୍ୱେ ଅଂଚଳରେ ଚାଲିଥିବା କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ବୁଲି ଦେଖିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିକାଶମୂଳକ କାର୍ଯ୍ୟ ଯେପରି ଅଧିକ ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ଦୃଷ୍ଟିଦେବା ଲାଗି କେନ୍ଦ୍ରମନ୍ତ୍ରୀ ଯୋହନ ବାରଲା ପରାମର୍ଶ ଦେଇଥିଲେ।

# ସାଇନା ନେହୱାଲ



ସାଇନା ନେହୱାଲ ଭାରତୀୟ କ୍ରୀଡ଼ାପ୍ରେମୀ ମହଲରେ ଏକ ଜଣାଶୁଣା ନାଁ । ଏକାଧିକ ଜାତୀୟ ଅନ୍ତର୍ଜାତୀୟ ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତାରେ ନିଜର ଚମତକାର ପ୍ରତିଭା ପ୍ରଦର୍ଶନ କରି ସେ ଦେଶ ପାଇଁ ଗୌରବ ଆଣିଛନ୍ତି । ଅନ୍ତର୍ଜାତୀୟ କ୍ରୀଡ଼ା ଜଗତରେ ଭାରତର ନାମକୁ ଉଜ୍ଜ୍ୱଳ କରିଥିବା ଦେଶର କତିପୟ ମହିଳା କ୍ରୀଡ଼ାବିତଙ୍କ ମଧ୍ୟରୁ ସେ ଅନ୍ୟତମ । ସାଇନାଙ୍କଠାରୁ ଦେଶ ଆଜି ବି ବହୁତ କିଛି ଆଶା କରୁଛି । ସାଇନାଙ୍କ



ଜନ୍ମ ହରିୟାଣାର ହିସାର ଜିଲ୍ଲାରେ । ପିତା ହରବୀର ସିଂହ ନେହୱାଲ ଓ ମା' ଶ୍ରୀମତୀ ଉଷାରାଣୀ । ହରବୀର ଚୌଧୁରୀ ଚରଣ ସିଂହକୃଷି ବିଶ୍ୱବିଦ୍ୟାଳୟରେ କାମ କରୁଥିଲେ । ପରେ ସେ ପରିବାର ସହ ହାଇଦ୍ରାବାଦ ଚାଲି ଆସିଲେ । ତାଙ୍କର ଜଣେ ଭଉଣୀ ମଧ୍ୟ ଅଛନ୍ତି । ସାଇନାଙ୍କ ପ୍ରାଥମିକ ଶିକ୍ଷା ହିସାବରେ ଶେଷ ହୋଇଥିଲା । ମା ଉଷା ତାଙ୍କ ସମୟର ଜଣେ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି ଥିଲେ । ତେଣୁ ସାଇନା ପିଲାବେଳୁ ବ୍ୟାଡ୍ମିଣ୍ଟନ ପ୍ରତି ଆକୃଷ୍ଟ ହୋଇଥିଲେ । ଏଇ ଆଗ୍ରହ ଦେଖି ଘରୁ ପ୍ରାୟ ୨୫କିଲୋମିଟର ଦୂରରେ ଥିବା ଏକ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ରରେ ତାଙ୍କ ନାମ ଲେଖାଇ ଦିଆଗଲା । ସେଥିପାଇଁ ତାଙ୍କୁ ଭୋର ୪ଟାରୁ ଉଠିବାକୁ ପଡୁଥିଲା । ତା ସତ୍ତ୍ୱେ ସାଇନା କେବେ ଅଭ୍ୟାସ ବନ୍ଦ କରୁ ନଥିଲେ । ଏବଂ ପ୍ରଶିକ୍ଷଣ ପାଇଁ ପ୍ରତିଦିନ କେନ୍ଦ୍ରକୁ ଯାଉଥିଲେ । ହାଇଦ୍ରାବାଦ ଆସିବା ପରେ ତାଙ୍କ ନାମ ସେଣ୍ଟ ଆନେସ୍ କଲେଜରେ ଲେଖାଗଲା ।

୨୦୦୬ ଥିଲା ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବର୍ଷ । ସେଇ ବର୍ଷେ ସେ ଜାତୀୟ ସ୍ତରରେ ୧୯ବର୍ଷରୁ କମ ମହିଳା ବ୍ୟାଡମିଣ୍ଟନ ଚମ୍ପିଆନସିପ୍ ବିଜୟିନୀ ହେଲେ । ପରେ ପରେ ମର୍ଯ୍ୟାଦାଜନକ ଏସିଆ ସାଟେଲାଇଟ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚମ୍ପିଆନ ହେବାଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ସଫଳତା । ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୪ଟି ଟାଇଟଲ ବିଜେତା ସାଇନାଙ୍କୁ ୨୦୧୫ରେ ବିଶ୍ୱର ୧ନଂ ମହିଳା ବ୍ୟାଡମିଣ୍ଟନରରେ ଅଲମ୍ପିକ ପଦକ ହାସଲ କରିବାରେ ସେ ଭାରୀତର ପ୍ରଥମ ବ୍ୟାଡମିଣ୍ଟନ ଖେଳାଳି । କମନୱେଲଥ ଗେମରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲକରି ସେ ଦେଶକୁ ଗୌରବାନ୍ୱିତ ମଧ୍ୟ କରିଛନ୍ତି ।

ଫିଲିପାଇନ୍ସ ଓପନ, ଇଣ୍ଡୋନେସିଆ ଓପନ, ଇଣ୍ଡିଆନ ଓପନ ଗ୍ରାଣ୍ଡପିକ୍ସ, ତାଇପାଇ ଓପନ ଗ୍ରାଣ୍ଡସ୍ଲାମ, ଡେନମାର୍କ ଓପନ ପ୍ରଭୃତି ,କାଧିକ ମର୍ଯ୍ୟାଦାପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ବିଜୟନୀ ହୋଇ ସେ ନିଜ ପରିବାର ତଶ ଦେଶକୁ ଗୌରବାନ୍ୱିତ କରିଛନ୍ତି । ଦେଶର କ୍ରୀଡ଼ା ପ୍ରତି ତାଙ୍କର ସାମଗ୍ରିକ ଅବଦାନ ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ଅର୍ଜୁନ ଓ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ସହ ପଦ୍ମଭୂଷଣ ଉପାଧିରେ ସମ୍ମାନିତ କରାଯାଇଛି । ସାଇନାଙ୍କ ବିବାହ ଗତ ଡିସେମ୍ବରରେ ସମ୍ପନ୍ନ ହୋଇଯାଇଛି । ସ୍ୱାମୀ ପିକାଶ୍ୟପ ମଧ୍ୟ ଜଣେ ଜାତୀୟ ସ୍ତରର ବ୍ୟାଡମିଣ୍ଟନ ଖେଳାଳି ।

# ଆମ୍ବ

ଫଳର ରାଜା ଭାବେ ପରିଚିତ ଆମ୍ବ ଯେତିକି ସ୍ୱାଦିଷ୍ଟ, ଦେହ ପାଇଁ ସେତିକି ଉପକାରୀ । ଉପକାରୀ । ଏହି ଫଳ ପୃଥିବୀର ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ସ୍ୱାଦ ଓ ଆକାରରେ ଉତ୍ପାଦିତ ହୁଏ । ଏହାର ଏକାଧିକ ପ୍ରଜାତି ରହିଛି ହେଲେ ଏହାର ଜନ୍ମସ୍ଥାନ ଭାରତ । ପୃଥିବୀରେ ଖୁବ କମ ଲୋକ ଅଛନ୍ତି, ଯେଉଁମାନେ ଆମ୍ବ ଖାଇବାକୁ ପସନ୍ଦ କରନ୍ତି ନାହିଁ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଏହା ସମସ୍ତଙ୍କ ପ୍ରିୟ । ,ଥିରେ ଫାଇବର ସହିତ ଶରୀର ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଚୁର କରିମାଣରେ ରହିଥାଏ । ଭିଟାମିନ ଏ, ବି, ସି, ମଧ୍ୟ ଯଥେଷ୍ଟ ମାତ୍ରାରେ ,ଥିରେ ମିଳେ ।

ଗୁଣ ଓ ଫାଇଦା:-



ଆମ୍ବ ନିୟମିତ ଖାଇଲେ ଦାନ୍ତ ଓ ମାଢ଼ି ଶକ୍ତ ହୁଏ ।
ରକ୍ତହୀନତା ଦୂର ହୁଏ ।
ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ ।
ଆମ୍ବ ରକ୍ତଚାପ ନିୟନ୍ତ୍ରିତ କରେ ।
ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।
ଏହା ହର୍ମୋନାଲ ସିଷ୍ଟମକୁ ସ୍ୱାଭାବିକ କରିବାରେ ସହାୟକ ହୁଏ ।
ହାଡ଼ ମଜଭୁତ କରେ ଏବଂ ଗଣ୍ଠିବାତ ରୋଗୀଙ୍କ ପୀଡ଼ା ହ୍ରାସ କରେ ।
ସର୍ବାଇକାଲ କ୍ୟାନସରର ଆଶଙ୍କା କମ ହୁଏ ।
ଖରାଦିନରେ କଞ୍ଚା ଆମ୍ବକୁ ଅଳ୍ପ ପୋଡ଼ି ତାର ରସକୁ ପିଇଲେ ଅଂଶୁଘାତରୁ ରକ୍ଷା ମିଳେ ।
ଆମ୍ବ ରକ୍ତରେ ଥିବା ହୋମୋସିଷ୍ଟିନର ସ୍ତର ହ୍ରାସ କରେ ।
ଆବଶ୍ୟକତାରୁ ଅଧିକ ପତଳା ବ୍ୟକ୍ତି ଓଜନ ବୃଦ୍ଧି ପାଇଁ ଆମ୍ବ ଖାଇବା ଉଚିତ ।
ଆମ୍ବପତ୍ରକୁ ଗୋଟି ଏ ରାତି ପାଣିରେ ରଖି ସକାଳୁ ଛାଣି ପିଇଲେ ଶରୀରରେ ଇନସୁଲିନ ବୃଦ୍ଧି ହୁଏ ।

# ପିଲାଙ୍କ ଦାନ୍ତରୁ କର୍କଟ-ହୃଦ୍ ଚିକିତ୍ସା

ପିଲାଙ୍କଦାନ୍ତ ସାହାଯ୍ୟରେ କର୍କଟ ହୃଦ୍ ସମସ୍ୟାର ଚିକିତ୍ସା ସମ୍ଭବ ବୋଲି ଆମେରିକାର ନ୍ୟାସନାଲ ରିସର୍ଚ୍ଚ ସେଣ୍ଟର ଫର୍ ବାୟୋଟେକ୍ନୋଲୋଜିର ଗବେଷକମାନେ ଦାବି କରିଛନ୍ତି । ସେମାନଙ୍କ ଅନୁସାରେ, ପିଲାଙ୍କ ଦାନ୍ତ ବେଶି ସମୟ ପରିବେଶ ସଂସ୍ପର୍ଶରେ ଆସିନଥାଏ, ତେଣୁ ଜଲଦି ଖରାପ ହୋଇନଥାଏ । ସେମାନଙ୍କ କ୍ଷୀର ଦାନ୍ତରେ ଥିବା ଷ୍ଟେମ୍ ସେଲରୁ ଶରୀରରେ ବହୁ ନୂତନ କୋଷିକା ଉତ୍ପନ ହୋଇପାରିବ । ଉପରଲିଖିତ ରୋଗର ଚିକିତ୍ସା ପାଇଁ ଶରୀରରୁ ବୋନମାରେ ଆବଶ୍ୟକ ପଡ଼ିବ ନାହିଁ ଦାନ୍ତରେ ଥିବା ଷ୍ଟେମ୍ ସେଲର ସନ୍ଧାନ ଓ ତା' ଉପରେ ପର୍ଯ୍ୟବେକ୍ଷଣ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି । ଷ୍ଟେମ୍ ସେଲ୍ ସାହାଯ୍ୟରେ ହାଡ଼, ବୃକକ୍ ଓ ଆଖିର ଟିସୁକୁ ପୁନଃପ୍ରସ୍ତୁତ କରାଯାଇପାରିବ । ଏହି ଷ୍ଟେମ୍ ସେଲ୍ କେବଳ ୧୦ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ଦାନ୍ତରେ ମିଳିପାରିବ । ନିକଟରେ ଚୀନରେ ପିଲାଙ୍କ ଦାନ୍ତ ସାହାଯ୍ୟରେ ବଡ଼ ଲୋକଙ୍କ ଦାନ୍ତ ପ୍ରସ୍ତୁତ ହୋଇଛି । ପେନସିଲଭାନିଆ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଅନୁସାରେ, ନୂଆ କରି ପ୍ରସ୍ତୁତ ଦାନ୍ତରେ ଥଣ୍ଡା ଗରମ ଅନୁଭୂତ ହେଉଛି ।



# ରଙ୍ଗିନ୍ ସରଞ୍ଜାମ



ଫେଶନ୍ କହିଲେ ରଙ୍ଗର ସମନ୍ୱୟ ଏବେ ବସନ୍ତ ଋତୁ ହୋଇଥିବାରୁ ଚାରିଆଡ଼େ ରଙ୍ଗର ଛଟା । ଏହି ସମୟରେ ପୋଷାକ ପରିଧାନରେ ରଙ୍ଗମୟ ପ୍ରଭାବ ରହିଲେ ଏହା ଋତୁ ଓ ଫେଶନ ସହିତ ମେଳ ହୋଇପାରେ । ରଙ୍ଗ ମଧ୍ୟ ମାନସିକ ସ୍ଥିତିକୁ ସୁସ୍ଥ ରଖେ ନୀଳ, କଳା, ଧୂସର ଆଦି ରଙ୍ଗରୁ ମୁକ୍ତ ହୋଇ କିଛି ବହୁରଙ୍ଗୀ ଫେଶନ୍ ସରଞ୍ଜାମ ବ୍ୟବହାର କରନ୍ତୁ । ଇନ୍ଦ୍ରଧନୁ ରଙ୍ଗର ହୁପସ କାନ ରିଂ ପିନ୍ଧିଲେ ଏହା ପ୍ରତ୍ୟେକଙ୍କ ଦୃଟ୍ିଟ ଆକର୍ଷଣ କରିପାରିବ । କଲେଜ କିମ୍ବା ବାହାରକୁ ବୁଲି ଯାଉଥିଲେ ଏହାକୁ ଯେକୌଣସି ପୋଷାକରେ ପିନ୍ଧା ଯାଇପାରେ । ପୋଷାକ ସହିତ ମ୍ୟାଚିଂ ପାଇଁ ଚିନ୍ତା କରିବାକୁ ପଡ଼େନାହିଁ । ଏଭଳି କ୍ଲିପ୍ ମଧ୍ୟ ସାଦାସିଧା ପୋଷାକରେ ବି ଭିନ୍ନ ରୂପ ଦେଇପାରେ । ରଙ୍ଗିନ୍ ବ୍ରେସଲେଟ ପିନ୍ଧି ନିଜକୁ ପାରମ୍ପାରିକ ସହିତ ପାଶ୍ଚାତ୍ୟ ରୂପରେ ସଜାଇପାରିବେ ତେବେ କାନରେ ଯଦି ବହୁରଙ୍ଗୀ ରିଂ ପିନ୍ଧିଥାନ୍ତି, ଏହା ସହିତ ଏପରି ବ୍ରେସଲେଟ ପିନ୍ଧନ୍ତୁ ନାହିଁ । କଳା କିମ୍ବା ଅନ୍ୟ ସାଦାରଙ୍ଗର ଟପ୍ ସହିତ ବହୁରଙ୍ଗୀ ଚୋକର ଶୈଳୀର ନେକପିସ୍ ପିନ୍ଧିଲେ ଭଲ ଦେଖାଯାଏ । ଖରାଦିନେ ଯୋଗୁ ସମ୍ପୂର୍ଣ୍ଣ ଧଳା ରଙ୍ଗର ପୋଷାକ ପିନ୍ଧୁଥିଲେ ଏହା ସହିତ ବହୁରଙ୍ଗ ଥିବା ହାଇହିଲ ପିନ୍ଧିପାରନ୍ତି । ଏହା ସାଙ୍ଗକୁ ଏଭଳି ରଙ୍ଗିନ ହ୍ୟାଣ୍ଡବ୍ୟାଗ ବ୍ୟକ୍ତିତ୍ୱକୁ ଅଧିକ ଆକର୍ଷଣୀୟ କରିଥାଏ ।

# ସୂର୍ଯ୍ୟପୂଜା କରୁଛନ୍ତି କି !


ସାଧାରଣତଃ ଆମର ଧର୍ମୀୟ ଆସ୍ଥା ଓ ବିଶ୍ୱାସ ଅନୁସାରେ ସୂର୍ଯ୍ୟଙ୍କୁ ଦେବତାଙ୍କ ଆସନରେ ଆସୀନ କରାଯାଇଛି । ସ୍ୱାସ୍ଥ୍ୟପ୍ରଦ ଜୀବନଯାପନ ଲାଗି ଅନେକ ସୂର୍ଯ୍ୟ ଉପାସନା କରିଥାନ୍ତି । ସୁତରାଂ ସୂର୍ଯ୍ୟଙ୍କୁ ସନ୍ତୁଷ୍ଟ କରିବା ପାଇଁ କେତୋଟି ସାମଗ୍ରୀ ପ୍ରୟୋଗ କରିବା ଆସନ୍ତୁ ଜାଣିବା....

♦ ଲାଲପୁଷ୍ପ-ସୂର୍ଯ୍ୟଙ୍କର ଲାଲ ଫୁଲ ଅତ୍ୟନ୍ତ ପ୍ରିୟ । ସୂର୍ଯ୍ୟ ପୂଜା ସମୟରେ ଏହାରି ଉପରେ ଧ୍ୟାନ ଦେଲେ ବା-ସୂର୍ଯ୍ୟଙ୍କୁ ଲାଲ ଫୁଲ ଅର୍ପଣ କଲେ ଅନେକ ପ୍ରସିଦ୍ଧି ମିଳିଥାଏ ।

♦ ଅଷ୍ଟାଙ୍ଗ ଅର୍ଘ୍ୟ- ଅଷ୍ଟାଙ୍ଗ ଅର୍ଘ୍ୟ ଅର୍ପଣ ଦ୍ୱାରା ହଜାର ବର୍ଷ ପର୍ଯ୍ୟନ୍ତ ମନୁଷ୍ୟକୁ ସୂର୍ଯ୍ୟଲୋକ ପ୍ରାପ୍ତ ହେବାର ଶୁଣାଯାଏ । ଏହି ଅଷ୍ଟାଙ୍ଗ ଅର୍ଘ୍ୟ ପାଇଁ ଆପଣ ଜଳ, କ୍ଷୀର, କୁଶର ଅଗ୍ରଭାର, ଘିଅ, ଦହୀ, ମହୁ, ଲାଲ କନିଅର ଫୁଲ ଏବଂ ଲାଲ ଚନ୍ଦନର ବ୍ୟବହାର କରନ୍ତୁ ।

♦ତାମ୍ର ପାତ୍ର-ଆପଣ ମାଟି ବା କାଂସ୍ୟ ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାରେ କୌଣସି ଦୋଷ ନାହିଁ । କିନ୍ତୁ ଏହା ଅପେକ୍ଷା ତାମ୍ର ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ତାହା ଅଧିକ ଫଳଦାୟୀ ହୋଇଥାଏ ।

♦କମଳ ଏବଂ ପଳାଶ ପତ୍ର-ସୂର୍ଯ୍ୟଙ୍କୁ ଲାଲ ରଙ୍ଗ ଅଧିକ ପସନ୍ଦ ହୋଇଥାଏ । ଯଦି ଆପଣ କମଳ ଏବଂ ପଳାଶ ପତ୍ର ସୂର୍ଯ୍ୟଙ୍କୁ ଅର୍ପଣ କଲେ, ସୂର୍ଯ୍ୟଙ୍କୁ ଅଧିକ ପସନ୍ଦ ହୋଇଥାଏ ।



♦ତାଳପତ୍ରର ପଙ୍ଖା-ଭବିଷ୍ୟ ପୂରାଣ ଅନୁସାରେ ଯେଉଁ ବ୍ୟକ୍ତି ସୂର୍ଯ୍ୟଙ୍କୁ ତାଳପତ୍ରର ପଙ୍ଖା ଅର୍ପଣ କରନ୍ତି, ସେ ଦଶ ହଜାର ବର୍ଷ ପର୍ଯ୍ୟନ୍ତ ସୂର୍ଯ୍ୟଲୋକରେ ରହିବାର ଅଧିକାରୀ ହୋଇଥାନ୍ତି ।

# ପାହାଡ଼ୀ ସହର କସୌଳି




ପର୍ଯ୍ୟଟନର ରାଜ୍ୟ ହିମାଚଳ ପ୍ରଦେଶ । ଏହାର ପ୍ରତି କୋଣଅନୁକୋଣରେ ପ୍ରକୃତି ନିଜର ଅପରୂପ ପସରା ମେଲାଇ ବସିଛି । ଏହି ପାହାଡ଼ୀ ରାଜ୍ୟର ଏକ ଛୋଟ ସହର ହେଲା କସୌଳି । ପ୍ରକୃତିରାଣୀର ସବୁ ସୌନ୍ଦର୍ଯ୍ୟା ସମାହାର ଘଟିଛି ଏଠାରେ । ଛୁଟିର ମଜା ଉପଭୋଗ କରିବାକୁ ଇଚ୍ଛୁକ ପର୍ଯ୍ୟଟକଙ୍କ ପାଇଁ ଖୁବ ସୁନ୍ଦର ଏହି ସହର । ଛୋଟ ଶୈଳ ସହର ହେଲେ ମଧ୍ୟ ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରକୃତିପ୍ରେମୀଙ୍କୁ ବାନ୍ଧିରଖେ । ଆସନ୍ତୁ ଏଥର ବୁଲିଯିବା କସୌଳି ।

## ଅବସ୍ଥିତି:

ସୋଲାନ ଜିଲାରେ ଅବସ୍ଥିତ ଏହି ଛୋଟ ସହରଟି ରାଜଧାନୀ ସିମଲାଠାରୁ ୭୭ କିମି ଦୂରରେ ଅବସ୍ଥିତ । ସ୍ଥାନୀୟ ଲୋକଙ୍କ କହିବାନୁସାରେ କୌଶଲ୍ୟାନାମକ ଏକ ଛୋଟ ପାହାଡ଼ୀ ଝରଣାର ନାଁ ଅନୁସାରେ ଏହି ସହରର ନାମକରଣ ହୋଇଛି । ବ୍ରିଟିଶ ଶୈଳୀରେ ନିର୍ମିତ ଛୋଟ ଛୋଟ ଘର, ଘର ଆଗରେ ରଙ୍ଗବେରଙ୍ଗ ଫୁଲର ସମାହାର, ଆପେଲ ଓ କମଳା ଲେମ୍ବୁର ବଗିଚା । ପାଇନ, ଓକ୍ ଓ ଚେଷ୍ଟନଟ୍ ଭଳି ଗଛ କସୌଳିକୁ ଆଚ୍ଛାଦିତ କରି ରଖିଛି । ଅଙ୍କାବଙ୍କା ପାଡାଡ଼ୀ ରାସ୍ତା ସରୁ ସାପ ଭଳି ଦେଖାଯାଇଥାଏ । ଏଠାକାର ଲୋକମାନେ ସରଳ ଓ ନିରାଡମ୍ବର ଜୀବନ ଯାପନ କରନ୍ତି । ବ୍ରିଟିଶମାନଙ୍କ ଦ୍ୱାରା ନିର୍ମିତ ଏଡି ଚୋଟ ସହରଟି ସମୁଦ୍ରପତ୍ତନ ଠାରୁ ୧୯୨୭ ମିଟର ଉଚ୍ଚତାରେ ଅବସ୍ଥିତ । ଅଙ୍କବଙ୍କା ପାହାଡ଼ୀ ରାସ୍ତାରେ କେତେବେଳେ କେମିତି ସବୁଜ ଘାଦରେ ଭରା ସମତଳ ଭୂମି ପର୍ଯ୍ୟଟକଙ୍କୁ କିଛି ସମୟ ପାଇଁ ଆନମନା କରିଦିଏ । କସୌଳିରୁ ଉତ୍ତର ଦିଗକୁ ଚାହିଁଲେ ହିମାଳୟ ଓ ଦକ୍ଷିଣ ଦିଗକୁ ଚାହିଲେ ଚଣ୍ଡୀଗଡର କିଛି ଅଂଶ ଦୃଶ୍ୟମାନ ହୋଇଥାଏ । ଏହି ସବୁଜ ଶୈଳ ସହରଟି ଆୟତନ ଦୃଷ୍ଟିରୁ ଖୁବ ଛୋଟ ହୋଇଥିଲେ ମଧ୍ୟ ଥରେ ଦେଖିଲେ ଆଖି ଫେରାଇ ହୁଏନାହିଁ ଏହାର ଅପରିସୀମ ପ୍ରାକୃତିକ ସୌନ୍ଦର୍ଯ୍ୟରୁ । ସିମଳା ଓ ମସୌରୀର ଆକର୍ଷଣ ମଧ୍ୟ ଫିକା ପଡ଼ିଯିବ ଏହି ଛୋଟ ଶୈଳ ସହରର ସ୍ୱର୍ଗୀୟ ରୂପ-ଲାବଣ୍ୟ ପାଖରେ । ଗୀଷ୍ମ ଋତୁରେ ବହୁ ଜଣା-ଅଜଣା ପକ୍ଷୀର କାକଳି ଶୁଣିବାକୁ ମିଳିଥାଏ କାସାଉଲିରେ । ଜଳାତଙ୍କ ରୋଗ ଚିକିତ୍ସା ପାଇଁ ଏଠାରେ ଏକ ଡାକ୍ତରଖାନା ରହିଛି। ଏହି ଡାକ୍ତରଖାନା ଭାରତର ସର୍ବ ପୂରାତନ । ୧୯୦୦ ମସିହାରେ ଏହା ପ୍ରତିଷ୍ଠା ହୋଇଥିଲା ।




## ସାନୱାର ହାଉସ



କସୌଳିରୁ ଛଅ କିମି ଦୂରରେ ଅବସ୍ଥିତ ଏହି ସ୍କୁଲଟି ଭାରତର ଅନ୍ୟତମ ନାମୀଦାମୀ ସ୍କୁଲ । ୧୦୦ ବର୍ଷରୁ ପୁରୁଣା ଏହି ସ୍କୁଲ ଏଠାକାର ଅନ୍ୟତମ ଆକର୍ଷଣ । ଏହାକୁ ଦେଖିବାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ ।

## ମଙ୍କି ପଏଣ୍ଟ:



କସୌଳିର ସବୁଠାରୁ ଉଚ୍ଚତମ ସ୍ଥାନ ହେଲା ମଙ୍କି ପଏଣ୍ଟ । କସୌଳି ବସଷ୍ଟାଣ୍ଡରୁ ଏହା ୪କିମି ଦୂରତାରେ ଅବସ୍ଥିତ । ଚଣ୍ଡୀଗଡର କିଛି ଅଂଶ ସ୍ୱଷ୍ଟ ଭାବେ ମଙ୍କି ପଏଣ୍ଟରୁ ଛିଡ଼ା ହେଲେ ଦେଖିହୁଏ । ଏହା ବ୍ୟତୀତ ଏହି ଜାଗାରୁ ସତଲେଜ ନଦୀର ଦୃଶ୍ୟ ଖୁବ ଚମତ୍କାର । ଅଣଓସାରିଆ ପାହାଡ଼ୀ ରାସ୍ତାକୁ କାଟି ଏହି ନଦୀଟି ବହି ଯାଇଛି । ମଙ୍କି ପଏଣ୍ଟରୁ ସତଲେଜ ନଦୀ ରୂପାର ଏକ ସରୁ ଫିତା ଭଳି ଭ୍ରମ ସୃଷ୍ଟି କରେ । ପାହାଡ଼ର ଶୀର୍ଷରେ ଏକ ଛୋଟ ମନ୍ଦିର ଅଛି ଯେଉଁଠି ହନୁମାନଙ୍କ ପୂଜା ହୋଇଥାଏ । ସ୍ଥାନୀୟ ଲୋକଙ୍କ ଅନୁସାରେ ହନୁମାନ ମୃତ୍ୟୁ ସଞ୍ଜୀବନୀ ନେଇ ଫେରୁଥିବାବେଳେ ଏହି ଜାଗାରେ ତାଙ୍କର ପାଦ ସ୍ୱର୍ଶ ହୋଇଥିବା ବେଳେ ଏହି ଜାଗାରେ ତାଙ୍କର ପାଦ ସ୍ୱର୍ଶ ହୋଇଥିଲା । ତାଙ୍କ ପାଦର ଚିହ୍ନ ଏବେ ବି ସେହି ପାହାଡ଼ ଚୂଡ଼ାରେ ଅଛି । ରାତିରେ ମଙ୍କି ପଏଣ୍ଟରୁ ଚଣ୍ଡିଗଡ଼ ସହରର ସୁନ୍ଦର ଆଲୋକମାଳା ଦେଖିବାର ଦୃଶ୍ୟ ସତରେ ଅବର୍ଣ୍ଣନୀୟ ।

## ଧରମପୁର:

କସୌଳିରୁ ଏହି ସ୍ଥାନର ଦୂରତ୍ୱ ମାତ୍ର ୧୫ କିମି । ଜାତୀୟ ରାଜପଥ -୨୨ରେ ପାର୍ଶ୍ୱରେ ଧରମପୁର ଅବସ୍ଥିତ । ସୁବାସିତ ପାଇନ ବୃକ୍ଷର ପରିବେଷ୍ଟିତ ଏହି ଜାଗାରେ ଭାରତର ଅନ୍ୟତମ ଟିବି ଚିକିତ୍ସାଳୟ ଅବସ୍ଥିତ । ଜଳବାୟୁ ପରିବର୍ତ୍ତନ ନିମନ୍ତେ ଇଚ୍ଛୁକ ଲୋକଙ୍କ ପାଇଁ ଏହି ସ୍ଥାନ ଆଦର୍ଶ । ଶୀତଦିନେ ଏଠାକାର ତାପମାତ୍ରା ଶୂନ୍ୟ ଡିଗ୍ରୀ ପାଖାପାଖି ପହଞ୍ଚିଯାଏ । ଖରାଦିନେ ଏଠାକାର ପରିବେଶ ସୁନ୍ଦର ଓ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଶୀତଳତାର ନରମ ସ୍ୱର୍ଶ ପାଇବାକୁ ଚାହୁଁଥିଲେ ଖରାଦିନେ କସୌଳି ଭ୍ରମଣରେ ଗଲେ ଭଲ ।

## କେମିତି ଯିବେ

କେସୌଲିର ନିକଟତମ ଏୟାରପୋର୍ଟ ହେଲା ଚଣ୍ଡୀଗଡ଼ । ସିମଳା ହେଲା ସୋଲାନ ଭ୍ୟାଲି ପହଞ୍ଚିବା ପାଇଁ ନିକଟତମ ଏୟାରପୋର୍ଟ । ନିକଟତମ ଏୟାରପୋର୍ଟ । ନିକଟତମ ରେଳ ଷ୍ଟେସନ ହେଲା କାଲକା ଯାହା ହରିୟାଣାରେ ଅବସ୍ଥିତ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତୃତୀୟ ପିଢ଼ିର ରାଜନେତା-ସିଞ୍ଜୋ ଆବେ...

ଜାପାନର ଉଚ୍ଚ ସଦନ ନିମନ୍ତେତ ସପ୍ତାହାନ୍ତ ନିର୍ବାଚନ ପାଇଁ ପ୍ରଚାର କରିବା ସମୟରେ ନିଜର ପ୍ରାଣ ଦେବାକୁ ପଡ଼ିଛି ଏହାର ସର୍ବାଧିକ କାଳ ପ୍ରଧାନମନ୍ତ୍ରୀ ରହି ଆସିଥିବା ସିଞ୍ଜୋ ଆବେଙ୍କୁ। ଶୁକ୍ରବାର ଦିନ ପ୍ରାତଃ ସମୟରେ ଜାପାନର ଏକ ପ୍ରାଚୀନ ରାଜଧାନୀ ସହର ନାରାରେ ପ୍ରଚାର ଉପରାନ୍ତେ ଜଣେ କନିଷ୍ଠ ରାଜନେତାଙ୍କ ଡାକରେ ଟିକେ ଅଟକି ଗଲେ, ଆଉ ପର ମୁହୂର୍ତ୍ତରେ ତାଙ୍କ ବେକରେ ବାଜିଲା ଆତତାୟୀର ଗୁଳି ଯାହାର ଆଘାତରେ ସେ ଟଳି ପଡ଼ିଲେ ସେଇଠି ସଡ଼କ ଉପରେ। ସଙ୍ଗେସଙ୍ଗେ ତାଙ୍କୁ ହେଲିକେପ୍ଟର ଯୋଗେ ନିଆ ଯାଇଥିଲା ନାରା ମେଡିକାଲ ୟୁନିଭର୍ସିଟି ହସ୍ପିଟାଲକୁ ଯେଉଁଠି ପହଂଚିବା ବେଳକୁ ସେ କାଡିଆକ୍ ଆରେଷ୍ଟର ଶିକାର ହୋଇ ସାରିଥିଲେ ଏବଂ ତାଙ୍କୁ ବଂଚାଇବା ପାଇଁ ଡାକ୍ତରମାନେ ଆପ୍ରାଣ ଉଦ୍ୟମ କରିଥିଲେ ସୁଦ୍ଧା ୫ଟା ୩ମିନିଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ଘୋଷଣା କରିଥିଲେ। ତାଙ୍କ ବେକରେ ଦୁଇ ଗୋଟି ବନ୍ଧୁକର ଗୁଳିଜନିତ କ୍ଷତ ରହିଥିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିବା ମଧ୍ୟ ଡାକ୍ତର କହିଛନ୍ତି। ୬୭ ବର୍ଷୀୟ ଆବେଙ୍କ ନିଧନ ସମଗ୍ର ଜାପାନକୁ ହତଚକିତ କରି ଦେଇଥିବା ବେଳେ ବିଶ୍ୱର କୋଣ ଅନୁକୋଣରୁ ତାଙ୍କ ବିୟୋଗରେ ଆସିବାକୁ ଲାଗିଛି ଶୋକବାର୍ତ୍ତାମାନେ। କେବଳ ଦେଶ ଭିତରେ ନୁହେଁ, ବିଶ୍ୱର ରାଜନୀତିକ ନେତୃମଣ୍ଡଳୀଙ୍କ ମଧ୍ୟରେ ସେ ଥିଲେ ସର୍ବାଧିକ ପ୍ରଭାବଶାଳୀ ନେତା ଭାବରେ ପରିଗଣିତ ହୋଇ ଆସିଥିବା ଜଣେ ପ୍ରଧାନମନ୍ତ୍ରୀ। ଯାହା ସମସ୍ତଙ୍କୁ ସବୁଠୁ ବେଶୀ ଆଶ୍ଚର୍ଯ୍ୟ କରିଛି, ତାହା ହେଉଛି- ଜାପାନରେ ବନ୍ଧୁକ ସମ୍ପର୍କିତ ଆଇନ ଖୁବ୍ କଠୋର ଏବଂ ଏଠାରେ ହିଂସ୍ର ଅପରାଧର ସଂଖ୍ୟା ମଧ୍ୟ ଢ଼େର କମ୍। ତା' ସତ୍ତ୍ୱେ ଏଭଳି ଏକ ଭୟଙ୍କର ଘଟଣା ଘଟିବା ସମଗ୍ର ବିଶ୍ୱକୁ ସ୍ତବ୍ଧ କରି ଦେଇଛି। ସଦ୍ୟତମ ସମ୍ବାଦ ମୁତାବକ ଆତତାୟୀ ୪୧ ବର୍ଷୀୟ ତେତ୍‌ସୂୟା ୟାମାଗାମିଙ୍କୁ ପୁଲିସ ଗିରଫ କରି ସାରିଥିବାବେଳେ ସେ ଏକ ଦେଶୀ ବନ୍ଧୁକରୁ ଗୁଳି ଚଳାଇ ଥିବା ମଧ୍ୟ ସ୍ୱୀକାର କରିସାରିଛି। ସେ କହିଛି ଯେ ଆବେଙ୍କୁ ହତ୍ୟା କରିବା ତାର ଉଦ୍ଦେଶ୍ୟ ଥିଲା, କାରଣ ତାର ଏକ ନିର୍ଦ୍ଦିଷ୍ଟ ସଂଗଠନ ବିରୋଧରେ ଆକ୍ରୋଶ ରହିଥିଲା, ଯାହାର ଆବେ ଏକ ଅଂଶ ଥିଲେ। ଜାପାନର ସାମୁଦ୍ରିକ ଆତ୍ମରକ୍ଷା ବଳରେ କାର୍ଯ୍ୟ କରିସାରିଥିବା ଏହି ଆତତାୟୀ ଜଣକ ରାଜନୀତିକ କାରଣରୁ ଆବେଙ୍କୁ ହତ୍ୟା କରି ନଥିବା ମଧ୍ୟ ପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ ଯେ ୧୯୬୦ରେ ଆବେଙ୍କ ଜେଜେବାପା ନୋବୁସୁକେ କଶ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିବାର ଅଳ୍ପ ସମୟ ପରେ ଏକ ହତ୍ୟା ଉଦ୍ୟମର ଶିକାର ହୋଇଥିଲେ। ତାଙ୍କଠାରେ ଛଅଥର ଛୁରା ଭୁଷା ଯାଇଥିଲେ ମଧ୍ୟ ସେ ବଂଚି ଯାଇଥିଲେ। ସିଞ୍ଜୋ ଆବେ ଥିଲେ ଜଣେ ରୂପାନ୍ତରଣକାରୀ ନେତା। ଜାପାନରେ ଯେତେବେଳେ ସରକାରରେ ବାରମ୍ବାର ପରିବର୍ତ୍ତନ ଘଟି ଚାଲିଥିଲା, ଆବେ ସେ ସମୟରେ ଦାୟିତ୍ୱ ଗ୍ରହଣ କରି ଦେଶକୁ ଏକ ସ୍ଥାୟୀ ସରକାର ପ୍ରଦାନ କରିବା ସହିତ ଦେଶଣ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ରହିପାରିଥିଲେ। ଜଣେ କଠୋର ଜାତୀୟତାବାଦୀ ନେତା ଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ ଉତ୍ପାଦ ଭାବରେ ରହି ଆସିଥିବା ଶାନ୍ତିବାଦର ଏକ ଉଲ୍ଲିଖିତ ନୀତିର ସୀମିତତାକୁ ଅତିକ୍ରମ କରିବାରେ ସେ ନିଜ ଦେଶକୁ ସାହାଯ୍ୟ କରିଥିଲେ ଏବଂ ଏମିତି ଏକ ଶକ୍ତି ଭାବରେ ଉଭା ହେବା ଦିଗରେ ପରିଚାଳିତ କରି ନେଇଥିଲେ, ଯାହା ରାଷ୍ଟ୍ର ପରିଚାଳନାର ବାସ୍ତବାବଦୀ ଉପକରଣଗୁଡ଼ିକ ସହିତ ସ୍ୱଚ୍ଛନ୍ଦରେ କାର୍ଯ୍ୟ କରୁଥିଲା। ଜଣେ ତୃତୀୟ ପିଢ଼ିର ରାଜନେତା ଭାବରେ ବିଶ୍ୱରେ ଜାପାନ ସ୍ଥାନ, ଉଦ୍ଧତ ଚୀନ୍ ରୂପରେ ଜାପାନ ପାଇଁ ଉଭା ହେବାକୁ ଯାଉଥିବା ବିପଦ ସମୂହ ଏବଂ ଯୁକ୍ତରାଷ୍ଟ୍ର ଆମେରିକ ଭଳି କେବଳ ବିଦ୍ୟମାନ ମିତ୍ର ଶକ୍ତିମାନଙ୍କ ସହିତ ନୁହେଁ, ବରଂ ନୂଆ ନୂଆ ମିତ୍ର ରାଷ୍ଟ୍ର ସୃଷ୍ଟି କରିବାକୁ ନେଇ ଆବେ ଗଭୀର ଭାବରେ ସଚେତନ ଥିଲେ। ଆଉ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ରଣକୌଶଳବିତ୍ ଭାବରେ ସେ ସମଗ୍ର ବିଶ୍ୱକୁ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରକୁ ଏକ ସାଧାରଣ ଭୂ-ରାଜନୀତିକ ଅଂଚଳ ଭାବରେ ନିର୍ମାଣ କରିବାର ଅବବୋଧ ସହିତ ଏହି କ୍ଷେତ୍ରରେ ନିୟମାନୁସାରେ ଖେଳ ହେବା ନେଇ ସୁନିଶ୍ଚିତତା ପ୍ରଦାନ କରିବାକୁ ଏକ ସୁଚିନ୍ତିତ ବ୍ୟବସ୍ଥା ଭାବରେ କ୍ୱାଡ୍‌କୁ ପ୍ରଦାନକରି ଯାଇଛନ୍ତି। ଯଦିଓ ଜାପାନର ଶାନ୍ତିବାଦୀ ସମ୍ବିଧାନର ସଂଶୋଧନ ତାଙ୍କର ଏକ ଅସମାପ୍ତ କାର୍ଯ୍ୟସୂଚୀ ହୋଇରହିଛି ଯାଇଛି, ୨୦୧୫ରେ ତାଙ୍କ ପ୍ରଶାସନ କିନ୍ତୁ ସମ୍ବିଧାନର ଯୁଦ୍ଧ-ପରିତ୍ୟାଗକାରୀ ଅନୁଚ୍ଛେଦ ୯କୁ ପୁନଃତର୍ଜମା କରି ପାରିଥିଲା ଏବଂ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ଅଧୀନରେ ଜାପାନର ଆତ୍ମ-ରକ୍ଷାକାରୀ ବଳଙ୍କୁ ବିଦେଶକୁ ଯାତ୍ରା କରିବାର ଅନୁମତି ପ୍ରଦାନ କରିଥିଲା। ସେହିପରି ଦେଶର ସ୍ଥାଣୁ ପାଲଟି ଯାଇଥିବା ଅର୍ଥନୀତିକୁ ଦୃଢ଼ କରିବାକୁ ଆବେଙ୍କର ଢ଼ିଲା ଆର୍ଥିକ ନୀତି, ପାଣ୍ଠି ପ୍ରୋତ୍ସାହନ ତଥା ସାଂଗଠନିକ ସଂସ୍କାରଗୁଡ଼ିକ ମିଶ୍ରିତ ଫଳାଫଳ ଆଣି ଦେଇଥିଲା।

## ଫଇସଲା ଅପେକ୍ଷାରେ ୧୬ଲକ୍ଷ ମାମଲା



ସୌରଚନ୍ଦ୍ର ମହାପାତ୍ର

ଓଡ଼ିଶାର ବିଭିନ୍ନ ଆଇନ ଅଦାଲତ ଗୁଡ଼ିକରେ ପାଖାପାଖି ୧୩ ଲକ୍ଷ ଫୌଜଦାରୀ ମାମଲା ସମେତ ପ୍ରାୟ ୧୬ ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଗୋଟିଏ ପଟେ ମାମଲା ସଂଖ୍ୟା ବଢ଼ି ଚାଲୁଥିବା ବେଳେ ଅନ୍ୟ ପଟେ ସରକାର ନୂଆ ଅଦାଲତ ପ୍ରତିଷ୍ଠା କରୁଥିଲେ ମଧ ପରିସ୍ଥିତିରେ ଆଶାନୁରୂପ ସୁଧାର ଆସୁନାହିଁ। ଯେଉଁ ହାରରେ ମାମଲା ସଂଖ୍ୟା ବଢୁଛି ଓ ଫଇସଲା ହେଉଛି ତାହା ଅବ୍ୟାହତ ରହିଲେ ଏବେ ବିଚାରାଧୀନ ଥିବା ସମସ୍ତ ମାମଲା ଫଇସଲା ହେବାକୁ ଅତିକମରେ ୩୦ରୁ ୪୦ ବର୍ଷ ସମୟ ଲାଗିଯିବ ବୋଲି ଅଭିଜ୍ଞ ଆଇନଜୀବୀମାନେ ମତବ୍ୟକ୍ତ କରୁଛନ୍ତି। ଉଦବେଗର କଥା ହେଉଛି ଯେ ଆଜିର ଦିନରେ ବି ଆଇନ ଅଦାଲତଗୁଡ଼ିକରେ ୩୦ ବର୍ଷରୁ ପୁରୁଣା ହଜାର ହଜାର ମାମଲା ବିଚାରା ପ୍ରତୀକ୍ଷାରେ ରହିଛି। ଓଡ଼ିଶା ହାଇକୋର୍ଟରେ ପ୍ରାୟ ଏକ ତୃତୀୟାଂଶ ବିଚାରପତି ପଦବୀ ଖାଲି ପଡ଼ିଥିବା ବେଳେ ଯେତିକି ମାମଲା ରହିଛି ସେଗୁଡ଼ିକର ସୀମିତ ସମୟ ମଧରେ ଫଇସଲା କରିବା ପାଇଁ ଅନୁନ୍ୟ ୪୫ ଜଣ ବିଚାରପତିଙ୍କ ଆବଶ୍ୟକତା ରହିଥିବା ଆଇନଜ୍ଞମାନେ କହୁଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟ ଲାଗି ୨୭ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ପରେ ଆଉ ଛଅଟି ନୂଆ ପଦବୀ ସୃଷ୍ଟି କରାଯାଇ ଏହି ସଂଖ୍ୟା ୩୩କୁ ବୃଦ୍ଧି କରାଯାଇଥିବା ବେଳେ ଏବେ ଏଠାରେ ୨୨ଜଣ ବିଚାରପତି କାର୍ଯ୍ୟରତ ଥିବା ସୂଚନା ବିଧାନସଭାରେ ଦେଇଛନ୍ତି ଆଇନମନ୍ତ୍ରୀ ଜଗନ୍ନାଥ ସାରକା। ତାଙ୍କ ତଥ୍ୟ ମୁତାବକ ଓଡ଼ିଶା ହାଇକୋର୍ଟରେ ମୋଟ ୧ ଲକ୍ଷ ୯୦ ହଜାରରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଉଲ୍ଲେଖନୀୟ ଯେ ପ୍ରବଳ ମାମଲା ବୋଝକୁ ହାଲୁକା କରିବା ପାଇଁ ହାଇକୋର୍ଟର ବିଚାରପତିମାନେ ନିରନ୍ତର ପ୍ରଚେଷ୍ଟା ଜାରି ରଖିବା ସଙ୍ଗେ ସଙ୍ଗେ ଲୋକ ଅଦାଲତ ମାଧମରେ ବି ଅନେକ ମାମଲାର ସମାଧାନ କରୁଛନ୍ତି। ତେବେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣରେ ପ୍ରାୟ ୭୦ ହଜାର ମୂଳ, ବିବିଧ ଓ ଅଦାଲତ ଅବମାନନା ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଏଗୁଡ଼ିକର ତ୍ୱରିତ ଫଇସଲା ଉପରେ ଗୁରୁତ୍ୱ ନ ଦେଇ ରାଜ ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ସାଟ ଉଚ୍ଛେଦ କରିବାରୁ ଏହି ମାମଲା ଗୁଡ଼ିକର ଚାପ ହାଇକୋର୍ଟଙ୍କ ଉପରକୁ ଆସିଛି। ସାଟରେ ୬ଜଣ ବିଚାରପତିଙ୍କ ଦ୍ୱାରା ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଚାକିରି, ପେନସନ ଆଦି ସଂକ୍ରାନ୍ତୀୟ ମାମଲା ଗୁଡ଼ିକର ଶୁଣାଣି ହେଉଥିଲା। ଏବେ ହାଇକୋର୍ଟରେ ଏକାଧିକ ବେଞ୍ଚରେ ଏହି କିସମର ମାମଲା ସବୁ ତାଲିକାଭୁକ୍ତ ହେଉଥିଲେ ମଧ ସଂପୃକ୍ତ ବିଚାରପତିମାନଙ୍କୁ ଆଉ ଅନେକ କିଷମର ମାମଲା ଶୁଣିବାକୁ ପଡୁଛି। ହାଇକୋର୍ଟରେ ଅନୂନ ୮ଟି ସ୍ୱତନ୍ତ୍ର ସର୍ଭିସ ଓ ପେନସନ ସଂକ୍ରାନ୍ତୀୟ ମାମଲା ଗୁଡ଼ିକର ଫଇସଲା ସୀମିତ ସମୟ ମଧରେ ହୋଇପାରିବ। ଯଦି ଏହା କରାଯାଇପାରୁ ନାହିଁ, ତେବେ କେନ୍ଦ୍ରୀୟ ପ୍ରଶାସନିକ ନାୟାଧିକରଣ ଢ଼ାଞ୍ଚାରେ ପୁଣି ସାଟକୁ କାର୍ଯ୍ୟକ୍ଷମ କରିବା ଲାଗି ଆଇନଜୀବୀ ମହଲରୁ ମତ ପ୍ରକାଶ ପାଇଛି। ହାଇକୋର୍ଟରେ ବିଚାର ପ୍ରତୀକ୍ଷାରେ ଥିବା ମାମଲାଗୁଡ଼ିକ ମଧ୍ରୁ ପାଖାପାଖି ୫୦ ହଜାର ଫୌଜଦାରୀ ମାମଲା। ହାଇକୋର୍ଟରେ ବିଚାରାଧୀନ ଥିବା ମାମଲା ଗୁଡ଼ିକ ମଧ୍ରୁ ୪୪ ହଜାରରୁ ଅଧିକ ୫ରୁ ୧୦ ବର୍ଷ ଧରି ରହିଥିବାବେଳେ ୨୭ ହଜାରରୁ ଅଧିକ ମାମଲା ୧୦ରୁ ୨୦ ବର୍ଷ ଧରି ଗଡୁଛି। ଏମିତିକି ଏଠାରେ ପାଖାପାଖି ୫ ହଜାର ମାମଲା ୨୦ରୁ ୩୦ ବର୍ଷ ଧରି ବିଚାର ପ୍ରତୀକ୍ଷାରେ ଥିବାବେଳେ ୯୪୦ଟି ମାମଲା ୩୦ରୁ ବର୍ଷରୁ ଅଧିକ ସମୟ ଧରି ଗଡୁଥିବା ଜାତୀୟ ଜୁଡ଼ିସିଆଲ ଡାଟା ଗ୍ରୀଡ଼ର ତଥ୍ୟ କହୁଛି। ରାଜ୍ୟର ଆଇନ ଅଦାଲତଗୁଡ଼ିକରେ ୧୨ଲକ୍ଷରୁ ଅଧିକ ଫୌଜଦାରୀ ମାମଲା ବିଚାରା ପ୍ରତୀକ୍ଷାରେ ଥିବାବେଳେ କେବଳ ଦୁର୍ନୀତି ନିବାରଣ ମାମଲାରେ ଦଣ୍ଡବିଧାନ ହାର ପ୍ରାୟ ୫୦ ପ୍ରତିଶତ ରହୁଛି ଏବଂ ଅନ୍ୟ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର ୨ରୁ ୩୦ ପ୍ରତିଶତ ମଧରେ ସୀମିତ ଥିବାରୁ ସଂଖ୍ୟାଧିକ ଅପରାଧିକ ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖସି ଯାଉଛନ୍ତି। ଦିନକୁ ଦିନ ନୂଆ ମାମଲା ଦରଜ ହେଉଥିବାବେଳେ ସେ ତୁଳନାରେ ଫଇସଲା ହେବାରେ ବିଳମ୍ବ ହେଉଛି ଯାହାଦ୍ୱାରା ନ୍ୟାୟ ପ୍ରକ୍ରିୟା ମଧ ଏକ ପ୍ରକାର ଧିମେଇ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଚାରପତିଙ୍କ ଅଭାବ, ନ୍ୟାୟାଭିତ୍ତିଭୂମିର ଅଭାବ ଓ ଅନେକ କ୍ଷେତ୍ରରେ ପୋଲିସ ପ୍ରଶାସନ ସଠିକ ସମୟରେ କୋର୍ଟରେ ସଠିକ ତଥ୍ୟ ଉପସ୍ଥାପନ କରିବାରେ ବିଳମ୍ବ ମଧ ହେଉଛି ତେଣୁ ଏ ସବୁର ତ୍ୱରିତ ସମାଧାନ ହେଲେ ମାମଲାର ଫଇସଲା ତୁରନ୍ତ ହେବ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୦୦୪୪୬୬'
ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ


## ପ୍ରବଂଚକ

ଆଦିତ୍ୟ ଚନ୍ଦ୍ର ଦାସ

ମୂଳରୁ କହିରଖୁଛୁ ପାଟିଥିଲେ ସମସ୍ତେ ପ୍ରବଂଚକ ସାଜି ପାରିବେ ମାତ୍ର ପ୍ରବଚକ ସାଜି ପାରିବେ ନାହିଁ। ପ୍ରବଂଚକମାନଙ୍କ ପ୍ରବଂଚନା ପୂର୍ଣ୍ଣ ପ୍ରବଚନ ପ୍ରମୋଦ ଆଣେନା ବରଂ ଅନ୍ୟର ବାହାଘରରେ ନିଜେ କେତେ କଥା ଭାବିବା ଭଳି ବେହିଆମିକୁ ପଦାରେ ପକାଏ।

ବୌଦ୍ଧପୂର୍ଣ୍ଣମୀ ଦିନ ଏକ ସଭାରେ ଦାସେ ଶ୍ରୋତା ହିସାବରେ ଲକ୍ଷ୍ୟ କଲା ଯେ, ଶ୍ରୋତାଙ୍କ ଠାରୁ ସେ ସଭାରେ ବକ୍ତାଙ୍କ ସଂଖ୍ୟା ଅଧିକ(ଆଜିକାଲି ପ୍ରାୟ ସବୁ ସଭାର ଅବସ୍ଥା ସେଇଆ!)। ଏବେ ଯେକୌଣସି ସଭାକୁ ବକ୍ତାମାନେ ପ୍ରବଚନ ଦେଲାଭଳି ଶୈଳୀରେ ଆଗକୁ ନେଲେଣି। ବୁଦ୍ଧ ପୂର୍ଣ୍ଣିମାରେ କିଛି ଛକୁଆ (ଛକରେ ଆତଯାତ ହେଉଥିବା ହେତୁ !) ଗୌତମ ବୁଦ୍ଧଙ୍କ ପ୍ରସ୍ତର ମୂର୍ତ୍ତିଟିଏ ଛକ ଆଡ଼କୁ ମୁହଁକରି ସ୍ଥାପନା କଲେ। ଗୌତମ ବୁଦ୍ଧ କେଉଁଭଳି ମହାନ୍ ଆତ୍ମା ଥିଲେ ମାତ୍ର ସେ ଆଜି ଦିନରାତି ୨୪ ଘଂଟା ଛକ ଜଗିବା ଟ୍ରାଫିକ୍ ପୋଲିସ୍ (ଏମାନେ ମଧ ଦରମା ପାଇ ୨୪ ଘଂଟା କାର୍ଯ୍ୟ କରୁନାହାଁନ୍ତି!) ଠାରୁ ନ୍ୟୁନ ହୋଇଗଲେ। ଟ୍ରାଫିକ୍ ପୋଲିସ୍‌ମାନଙ୍କର ହେଲେ ମୁଣ୍ଡ ଉପରେ ବାକୁସ ପରି ଯନ୍ତ୍ରଟାଏ ଅଛି ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ମାତ୍ର ଏ ନୂଆ ପୋଷ୍ଟିଙ୍ଗ୍ ପାଇଥିବା ବୁଦ୍ଧଦେବଙ୍କ ତାଲିମ୍ ସମୟରେ ସେ ବନ୍ଦୋବସ୍ତ ନାହିଁ (ଟ୍ରେନିଂ / ତାଲିମ୍ ପିରିୟଡ଼୍ ତ ତେଣୁ କଷ୍ଟ ଟିକେ କରିବାକୁ ପଡ଼ିବ!)। ଦୀର୍ଘଦିନ ହେବ ବୁଦ୍ଧଦେବ ବର୍ଷା ଓ ଖରା ଖାଇନାହାଁନ୍ତି ତ ଟିକେ ଖାଆନ୍ତୁ! ତାଙ୍କ ବେଳେ ଖରା କାଟୁଥିଲା କି ନାହିଁ ସେ କ'ଣ ଅନୁଭବ କରିଥିଲେ କେଜାଣି ଏବେ ଅନୁଭବ କରନ୍ତୁ ଖରାର ପ୍ରଭାବ କେତେ! ଆଗକୁ ବର୍ଷାରେ ଭିଜିବେ ବର୍ଷାଦିନେ! ଦୈନିକ ଛକ ବଜାର ଉପରେ ଘଟୁଥିବା ଚୋରୀ, ନାରୀ, ଡ଼କାୟତି, ଠକେଇ ଘଟଣା ଓ ଦୁର୍ଘଟଣା ଦେଖିବା ପାଇଁ ଏଇ ଏକ ସୁନ୍ଦର ବ୍ୟବସ୍ଥା ଆମ ଅଂଚଳରେ ବୁଦ୍ଧଦେବଙ୍କ ନିମିତ୍ତ! ଦେଖାଯାଉ, ବେପରୁଆ ଗାଡ଼ି ଚାଳକମାନେ କେତେଦିନ ବୁଦ୍ଧଙ୍କୁ ଦୁର୍ଘଟଣା ମୁକ୍ତ ରଖୁଛନ୍ତି!

ସଭାରେ ଯାହାର ଯାହା ମନକୁ ଆସିଲା ସେମାନେ ସେଇଆ କହିଲେ। କିଏ ଭାଷଣ ଭିତରେ ଗୀତ ବୋଲି ସଭାଜନମାନଙ୍କୁ ବୁଝେଇବାରେ ଲାଗିଲେ ତ କିଏ ସମୟ ଅଭାବରୁ ଶ୍ରୋତାମାନଙ୍କୁ କମ୍ ବିରକ୍ତ କରି ଅଳ୍ପ କହିଲେ। ଆଉକିଏ 'ମା' ନିଷାଦ' ଶବ୍ଦକୁ ବହୁଳ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ କହିବାକୁ ଲାଗିଲେ ତ କିଏ ନିଜକୁ ବିରାଟ ଭାବି ଓଡ଼ିଶା କଥା ନ କହି ଆମେରିକା କଥା କହିଲେ। ସତେ ଯେମିତି ଲାଗୁଥିଲା ବକ୍ତା ଜଣକ ମଂଚାସୀନ ଓ ଶ୍ରୋତାମାନଙ୍କୁ ଜଣାଉଥିଲେ ଯେ ସେ ଆମେରିକା ଯାଇଛନ୍ତି ଏବଂ ଆମେରିକାରେ କ'ଣ କ'ଣ କରିଛନ୍ତି। ଆଉ କିଛିକିଛି ବକ୍ତା ଶ୍ରୋତାମାନଙ୍କୁ ଛାତ୍ରଛାତ୍ରୀ ଭାବି ପ୍ରଶ୍ନ ପଚରାପଚରି କରି ଜାଣିବ ପ୍ରଶ୍ନୋତ୍ତର କ୍ଲାସ୍ (ଶ୍ରେଣୀ!) କଲେ! ଆଉ କିଏ କିଏ ରାଜନୀତିକୁ ଭାଷଣରେ ଭିତ୍ତିକରି ଜିଲ୍ଲାପାଳ, ମାଓବାଦ, ତହସିଲ୍‌ଦାର୍. ଅମିନ ଓ ସରକାରଙ୍କ ଉପରେ ବିଷୋଦ୍‌ଗାର କଲେ। ମଝିରେ ମଝିରେ ଖବର ବିକାଳୀଙ୍କ ଫଟୋଉଠା ଯନ୍ତ୍ରଟା କିଛି କିଛି ଯନ୍ତ୍ରରେ ବନ୍ଦୀ କରି ନେଉଥାଏ ଆସନ୍ତା ଦିନରେ ଖବରକାଗଜରେ ଅବା ବୈଦ୍ୟୁତିକ ଗଣମାଧମରେ ଛପା ବା ପ୍ରସାରଣ ପାଇଁ! ସଭା ସରିଲା ପରେ ମଧ ଜଣେ ଜଣେ ଆହୁରି ପ୍ରସ୍ତାବ ରଖୁଥାନ୍ତି ଅମୁକେଇ କଲେ ଧମୁକେଇ ହୁଅନ୍ତା ଓ ସମୁକେଇ କଲେ ସମୁକେଇ ହୋଇପାରନ୍ତା! ସେ ସଭାରେ ମୁଖ୍ୟଅତିଥିଙ୍କୁ 'ମୁଖ୍ୟମନ୍ତ୍ରୀ' କହିବା ଏକ ଐତିହାସିକ ପର୍ବତର ନାମକୁ ଲାଞ୍ଛଭଳି ଶବ୍ଦ ବ୍ୟବହାର କରି ଅପଭ୍ରଂଶ କରିବା, କେଉଁ ଏକ ପ୍ରତିନିଧିଙ୍କ ସାଙ୍ଗିଆ ଅନ୍ୟ ଏକ ବଡ଼ ପ୍ରତିନିଧିଙ୍କ ଦ୍ୱାରା ବଦଳିଯିବା, ଜାତି ମଧ ବଦଳିଯିବା ଭଳି କାର୍ଯ୍ୟକ୍ରମ ବିନା ଆଫିଡ଼େଭିଟ୍‌ରେ ଏଠାରେ ହେବା ଲକ୍ଷ୍ୟ କରାଗଲା। ପାଖରେ ଏକ ବିରାଟ ବିଜୁଳି ବ୍ୟବସ୍ଥା ଥାଇ ରାତିରେ ମାତ୍ର ଗୋଟିଏ ବଲ ଜଳୁଥିବା କଥା କୌଣସି ମଂଚାସୀନଙ୍କୁ ଦେଖାଯାଉନଥିଲା। ଉଠା ଦୋକାନୀମାନେ ରାସ୍ତାକଡ଼ରେ ପ୍ରତି ୪/୫ମାସ ଥରେ ସ୍ଥାନ ପରିବର୍ତ୍ତନ କରି ହଇରାଣ, ହରକତ ଭୋଗୁଥିବା କଥାକୁ ଦୃଷ୍ଟି ନଦେଇ ବୋଧେ କିଛି ବଡ଼ଧରଣର ଡ଼ାବୁ କେଉଁଠୁ କାହା ହାତରେ ପଡ଼ିଗଲା କେଜାଣି ଗୌତମ ବୁଦ୍ଧଙ୍କୁ ଅଚାନକ ବିଗତ କେତେ ବୌଦ୍ଧ ପୂର୍ଣ୍ଣିମାରେ ମନେ ନପକାଯାଇ ଏଥରକ ମନେ ପକାଗଲା! ସଭା ସରିଲା। ପଙ୍ଗତରେ ବସି ଘରକୁ ଫେରିଲି। ଭାବୁଥିଲି, ଏ ଯେଉଁ ଜନ୍ମ ଓ ମରଣ ଦିବସରେ ମହାପୁରୁଷ ବା ଯୋଗଜନ୍ମାମାନଙ୍କୁ ମନେପକାଇବାର ପରମ୍ପରାଟା କେବେଠୁ ଓଡ଼ିଶା ରାଜ୍ୟକୁ ଆସିଲାଣି? ଏ ପ୍ରବଂଚନା ବି କେତେଦିନ ଏ ପ୍ରବଂଚକମାନଙ୍କୁ ନେଇ ଚାଲିବ? ଏ ପରମ୍ପରା ବିଦେଶାଗତ କି ଅନ୍ୟ କେଉଁଠାରୁ ଆସିଛି, ଟିକେ ସେ ବିଷୟରେ ପତ୍ତା ଲଗାନ୍ତୁତ ଆଜ୍ଞା?


+କ୍ଷେତ୍ରପାଳ, ଙ୍କଟିଗଡ଼ିଆ, ଯାଜପୁର
ଭ୍ରାମ୍ୟଭାଷ- ୯୪୩୯୩୬୮୩୫୯


## ପଦ୍ମିନୀଚକ୍ର



ଅଜୟ କୁମାର ବେହେରା

ଅଷ୍ଟଦଳ ପଦ୍ମ, ମୂଳ କେନ୍ଦ୍ର ଅଂଶରୁ ୪ ଦିଗ ଓ ୪ କୋଣକୁ ପାଖୁଡ଼ା ମେଲି ରହିଥିବା ଏକ ଅଷ୍ଟଦଳ ପଦ୍ମ। ଯଦି ଏହାକୁ ବୃତ୍ତ ଗୋଲକ କ୍ଷେତ୍ରରେ ନ୍ୟାସ କରିବା ତେବେ ଏହା ନିଶ୍ଚେ ୩୬୦୦ ଅଂଶର ବୃତ୍ତ ସଦୃଶ କ୍ଷେତ୍ର ହେବ ଓ ଏହାକୁ ୮ ଭାଗ କଲେ ୧ ଭାଗ ୪୫ ଅଂଶ ବିଶିଷ୍ଟ ହେବ। ରାଶିଚକ୍ରର ଏହି ୩୬୦୦ ଅଂଶ ୧୨ ଭାଗରେ ବିଭକ୍ତ ବୋଲି ୧ ରାଶି = ୩୦ ଅଂଶ। ମାତ୍ର ଦିଗ କୋଣ ବିଧାନରେ ଏହା ୪୫ ଅଂଶ। ରାଶିର ୦ ଅଂଶ ଯେଉଁଠି ଆରମ୍ଭ ସେଇଠି ୩୬୦ ଅଂଶ ଶେଷ ଅର୍ଥାତ ୦ ଓ ୩୬୦ ମଧରେ ବିଭେଦ ନାହିଁ। ଏହି ପଦ୍ମିନୀ ଚକ୍ର ମୁଖ୍ୟତଃ ୪ ୪ଦିଗ ଆଶ୍ରାରେ ରହେ। ଏହା ୯୦ ଅଂଶରେ ପ୍ରକାଶ କରାଯାଏ ମାତ୍ର ଏହାର ଦ୍ୱିଧା ଯୋଡ଼ରେ ଗ୍ରହଗତିରେ ଆସୁଥିବାରୁ କୌଣ ସମ୍ବନ୍ଧ ପାଇଁ ୪୫ ଅଂଶ ବିଭକ୍ତରେ ବିଚାର ନିଆଯାଏ।

ପଦ୍ମିନୀଚକ୍ରର ପୂର୍ବରେ ମେଷ, ବୃଷ, ମିଥୁନ, ଦକ୍ଷିଣରେ କର୍କଟ, ସିଂହ, କନ୍ୟା, ପଶ୍ଚିମରେ ତୁଳା, ବିଛା, ଧନୁ, ଉତ୍ତରରେ ମକର, କୁମ୍ଭ, ମୀନ ରହେ। ସବୁଚର ରାଶିରୁ ଏହାର ଆରମ୍ଭ ସବୁ ଦ୍ୱାତ୍ମିକ ରାଶିରେ ଶେଷ। ଦ୍ୱାତ୍ମିକ ହିଁ ଯୋଡ଼େ କାରଣ ଏଥିରେ ଯୁକ୍ତ ବିଯୁକ୍ତ ଏପରି ଅଛି ପାଖ ରାଶିର + ସ୍ଥାନରେ + ଯୁକ୍ତ ହୋରାରେ ଆସେ। କ୍ରୁର ପାପଗ୍ରହ ମଧରେ ଶନିଙ୍କୁ ସମସ୍ତଙ୍କର ଡର ସେ ପଦ୍ମିନୀଚକ୍ରର ଦିଗ ଅଂଶ ପାଖୁଡ଼ାରେ ୩ ରାଶି ଧରି ଗତିକଲାବେଳେ ସେହି ସେହି ଦିଗରେ ଦୁଷ୍କାଳ ଦେଶଭଙ୍ଗ ବିଗ୍ରହ ପରଚକ୍ର ସୃଷ୍ଟି କରନ୍ତି। ଯଥା ବର୍ତ୍ତମାନ ୨୦୨୨ରେ ମକର କୁମ୍ଭରେ ବସତି ଅଛି ଏହା ଜଟିଳ ପରଚକ୍ର ଉତ୍ତର ଓ ପଶ୍ଚିମରେ କରାଉଛନ୍ତି। ମକର, କୁମ୍ଭ, ମୀନ - ଉତ୍ତର ତୁଳା, ବିଛା, ଧନୁ ପଶ୍ଚିମ। ଦୁଇର ଯୋଡ଼ାଇ ଧନୁ ଦ୍ୱାତ୍ମିକ ପାଖ ମକର ଅତଏବ ଉତ୍ତର ପଶ୍ଚିମର ଯୋଡ଼ାଇ ଉତ୍ତରରେ ଦୁଷ୍କାର୍ଥ ଦେଶ ଭଙ୍ଗ ବିଗ୍ରହ ପରଚକ୍ର କରାଉଛନ୍ତି। ଏହା ସ୍ଥୁଳ ହେଲେ ବି ଏହାର ଧାରା ଅବଶ୍ୟ ଫଳଦଃ ଏପରି ଦୈବଜ୍ଞମାନେ ଜାଣି ପ୍ରତିକାର ଦ୍ୱାରା ଶାନ୍ତିକାରୀ ପ୍ରଶାସନକୁ ଜଣାନ୍ତି। ସେମାନେ ଦେବଜ୍ଞଙ୍କ ଦ୍ୱାରା ତନ୍ତ୍ର ମତ, ବୈଦିକ ମତରେ କର୍ମକାଣ୍ଡରେ ଶାନ୍ତି କରାଇ ଉଗ୍ରତାକୁ ଶାନ୍ତି କରାନ୍ତି। ମାତ୍ର ଏବର ଖର୍ଚ୍ଚ ପ୍ରକ୍ରିୟାରେ ଏହି କର୍ମହତାଶ।


+'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩





### ନୀଳାଦ୍ରି ବିଜେ

ରମେଶ ଚନ୍ଦ୍ର ନାୟକ

ଏଇ ମନ ମୋର ତୋର ଶ୍ରୀମନ୍ଦିର
ଏ ଦେହ ତୋ' ବଡ଼ଦାଣ୍ଡ
ସେହି ଦାଣ୍ଡପଥେ ନନ୍ଦିଘୋଷ ରଥେ
ଆରେ ଆ' ମୋ କଳାଚାନ୍ଦ ।

ମୁଁ ଦେଖିବି ତୋର କଳା ଶିରିମୁଖ
ତୋ' ପୀତବସନ ବେଶ
ଆହୁରି ଦେଖିକି ହୋଇବି ମୁଁ ଖୁସି
ତୋ' ରଙ୍ଗା ଅଧରେ ହସ ।

ସୁଭଦ୍ରା ଭଉଣୀ ଭାଇ ହଳଧର
ସୁଦର୍ଶନଙ୍କୁ ଆଣିବୁ
ସଭିଙ୍କ ପାଇଁ ତ ଏ ଘୋଷଯାତରା
ଯେମିତି ତୁ ନଭୁଲିବୁ ।

ବରଷକେ ଥରେ ଆଷାଢ ମାସରେ
ତୋର ଏଇ ଘୋଷଯାତ
ସେହି ଯାତ ପାଇଁ ଏ ସାରା ଜଗତେ
ହୋଇଛୁରେ ଧନ ଖ୍ୟାତ ।

ଭାଇ ଭଉଣୀଙ୍କୁ ଆଦର କରିଲୁ
ଭୁଲିଗଲୁ ଲକ୍ଷ୍ମୀ ମାତ
ଅଭିମାନ କରି ମନେ ମନେ ଝୁରି
ଚାହିଁଛନ୍ତି ତୁମ ପଥ ।

ଶ୍ରୀମନ୍ଦିର ଦ୍ୱାର ଖୋଲନ୍ତିନି ବୋଲି
ଖୁଆଇବୁ ରସଗୋଲା
ପାଟଶାଢ଼ୀ ଦେଇ ମନ କିଣି ନେବୁ
ଦେଖାଇ ମାନବଲୀଳା ।

ତୋ' ନିଳାଦ୍ରୀ ବିଜେ ସଫଳ ହୋଇବ
ବସି ରତ୍ନ ସିଂହାସନେ
ପୂଜା ପାଉଥିବୁ ବସି ଏକା ଏକା
ବିନା ଭକତ ଗହଣେ ।

କାଳିଆ ନାମରେ ବଡ଼ ଦେଉଳରେ
ବସି ଦେଖୁ ଥିବୁ ଖେଳ
ଆଉ ଖେଳିବୁନି ତୁହିରେ କାଳିଆ
ସରିଛି କରୋନା କାଳ ।

କରୋନା ଦାଉରୁ ରକ୍ଷାକଲୁ ପ୍ରାଣ
ନିଳାଦ୍ରୀ ବିହାରୀ ତୁହି
ତୋ' ବଡ଼ ଦେଉଳ ଖୋଲିଲା ଏଥର
ଜଗତ ଉଦ୍ଧାର ପାଇଁ ।


କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦


### ବନ ମହୋତ୍ସବ

ଲୀଳାବତୀ ପରିଡ଼ା

ଜୁଲାଇ ମାସର ଅଟେ ପ୍ରଥମ ସପ୍ତାହ,
ବନ ମହୋତ୍ସବ ପାଳୁ ଭରିଣ ଉତ୍ସାହ।
ଆସ ଭାଇ ଭଉଣୀଏ ଲଗାଇବା ଗଛ,
ଗଛ ଲଗାଇଲେ ହେବ ପରିବେଶ ସ୍ୱଚ୍ଛ।

ତିଆରି ହୋଇବ ଏକ ସୁନ୍ଦର ବନାନୀ,
ସବୁଜିମା ବଳୟରେ ରହିବ ଅବନୀ।
ଗଛ ଦେବ ଅମ୍ଳଜାନ ଖାଦ୍ୟ ବସ୍ତ୍ର ବାସ,
ଜୀବଜଗତ ମୁହଁରେ ଫୁଟିବ ଯେ ହସ।

ଝୁଣା ଲାଖ ମହୁ ସଙ୍ଗେ ବନ ମହୋଷଧି,
ଚେର ମୂଳି ଦୂର କରି ଥାଏ ମହାବ୍ୟାଧି।
ବାଟୋଇକୁ ଛାୟା ପୁଣି ଫୁଲ ଆଉ ଫଳ,
ଗଛ ପାଇଁ ହୁଏ ବର୍ଷା ଦେଉଥାଏ ଜଳ।

ବିଶ୍ୱତାପ ନିୟନ୍ତ୍ରଣ ଅବଶ୍ୟ ହୋଇବ,
ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ହେବ।
ମୃତ୍ତିକା କ୍ଷୟକୁ ରୋକେ ଜାବୁଡ଼ି ମାଟିକୁ,
ବୃକ୍ଷ ଅଟେ ବନ୍ଧୁ ଆମ ବଞ୍ଚାଏ ବିଶ୍ୱକୁ।


କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬


### ରଥ ଦଉଡିର ସ୍ପର୍ଶ

କୁନା ସେଠୀ

ବିଶ୍ୱ କାରୀଗର ସେ କଳା ଠାକୁର
ବିଶ୍ୱରେ ନାଆଁ ଯେ ତାର
ବିଶ୍ୱ ହିତ ଲାଗେ ଜନମ ତାହାର
ବଡ଼ ଦାଣ୍ଡେ ତାର ଘର ।

କୋଟିଏ ଭକ୍ତ ର ସେ ଏକା ଠାକୁର
କୋଟିଏ ଆଖିର ତାରା
କୋଟି କୋଟି ଭକ୍ତ ଡାକନ୍ତି ଜଗତେ
କୋଟିଏ ହୃଦୟେ ପରା ।

ପାପୀର ଠାକୁର ତପୀର ଠାକୁର
ପାପ ପୂଣ୍ୟ ଦୁଇ ଆଖି
ପାପୀ ଡାକେ ନାଥ ତପି ଡାକେ ନାଥ
ତାଠାରେ ମମତା ରଖି ।

ଜାତିର ଠାକୁର ଅଜାତି ଠାକୁର
ଜାତି ଧର୍ମ ହୀନ ସିଏ
ଜାତିର ଭକତ ଅଜାତି ଭକତ
ତାକୁ ଦେଖିବାକୁ ଯାଏ ।

ଧର୍ମ ହୀନ ସିଏ ଭକତ ର ପାଇଁ
ଧର୍ମ ରେ ବି ଲୀନ ସିଏ
ଧର୍ମ ପ୍ରେମୀ ତାକୁ ନିଜ ଧର୍ମେ ରଖି
ପୂଜନ୍ତି ମରିବା ଯାଏ ।

କୋଟି ଭକତ ର ହୃଦୟ ର ରଜା
କୋଟି ଜନତାର ଆଶା
କୋଟି କୋଟି ଜନ ଦର୍ଶନ ନିମନ୍ତେ
ରଥ ଯାତ୍ରା ତାର ନିଶା ।

ଡୋରି ଲଗାଇ ତା ଟାଣି ଆଣେ ପୁଣି
ଡୋରୀରେ ବାନ୍ଧଇ ମନ
ଡୋରି ବନ୍ଧାବନ୍ଧି ହୁଅନ୍ତି ଏକାଠି
ରଥ ଯାତ୍ରା ପାଇଁ ଧନ ।

ବାଟ ତ ଅଜଣା ଘାଟ ବି ଅଜଣା
ବାଟ ପଡେନାହିଁ ଜଣା
ବାଟରେ ବାଟରେ ବାଟୁଆ ଭାଇ ଯେ
ଜଗା ପାଇଁ ହୁଏ ବଣା ।

ଛୁଟି ଆସେ କିଏ ସୁଦୂର ବାଟରୁ
ଛୁଟିଆସେ ବିଦେଶରୁ
ଛୁଟିଆସେ ପୁଣି କିଏ କେଉଁ ଠାରୁ
ସବୁ ଦେଖେ ସେ ରଥରୁ ।

ରଥରେ ଦେଖିଲେ ପାପ ଦୂର ହୁଏ
ରଥ କୁ ଟାଣିଲେ ଧନ୍ୟ
ରଥ ଦଉଡି କୁ ହାତରେ ଧରିଲେ
ମିଳେ ପରା କୋଟି ପୂଣ୍ୟ ।

ସେଥି ପାଇଁ ଜଗା କରୁଛି ଗହଳି
ସେଥିପାଇଁ ତାର ଯାତ
ସେଥିପାଇଁ ଭକ୍ତ ପଶେ ଠେଲି ପେଲି
ବଢ଼ାଇ ତାହାର ହାତ ।

ରଥ ଦଉଡି ର ସ୍ପର୍ଶ ର ମାତ୍ରକେ
ରଥରେ ଲାଗଇ ମନ
ରଥ ଗଡିଯାଏ ପଥ ସରିଯାଏ
ସରିଯାଏ ପୁଣି ଦିନ ।

ସେଥିପାଇଁ ମନ ହୁଏ ଯେ ବ୍ୟାକୁଳ
ସେଥିପାଇଁ କୋଳାହଳ
ଦଳାଚକୁଟା କୁ ଭୟ ନାହିଁ ତାର
ରଥ ଦଉଡି ର ଖେଳ ।

ରଥରେ ଠାକୁର ପଥରେ ଠାକୁର
ରଥ ପଥ ଜଗନ୍ନାଥ
ରଥରେ ଦର୍ଶନ ମିଳେ କୋଟି ପୁଣ୍ୟ
ଅନାଥର ସିଏ ନାଥ ।


ଭୁତସରସିଙ୍ଗି, ଗଞ୍ଜାମ


### ନୀଳାଦ୍ରି ବିଜେ

ସୁଧାକର ରାଉତ

ଭାଇ ଭଉଣୀଙ୍କୁ ଘେନି ସଙ୍ଗତରେ
ରତ୍ନ ବେଦୀରୁ ବାହାରି
ଜନମ ବେଦୀରେ କାଟି ସାତଦିନ
ବାହୁଡ଼ନ୍ତି ଚକ୍ରଧାରୀ ।
ମହାଲକ୍ଷ୍ମୀଙ୍କୁ ସାଥିରେ ନ ନେବାରୁ
ଭାରି ତାଙ୍କ ଅଭିମାନ
ପ୍ରତିଶ୍ରୁତି ଦେଇ ଯାଇଥିଲେ ଶୀଘ୍ର
କରିବେ ପ୍ରତ୍ୟାବର୍ତ୍ତନ ।
ନିଜ ପତ୍ନୀ ପ୍ରତି ଏ ଅବିଚାରକୁ
କିପରି ଥାନ୍ତେ ସେ ସହି
ହେରାପଞ୍ଚମୀ ରେ ନନ୍ଦିଘୋଷ ଚକ
ଭାଙ୍ଗିଥିଲେ ରୋଷ ବହି ।
ମା'ଙ୍କ ନାମେ ପରା ଶ୍ରୀ ମନ୍ଦିର ଗଢା
ଭୁଲିଲେ ପ୍ରଭୁ ଏକଥା

ଶ୍ରୀୟା ଚଣ୍ଡାଳୁଣୀ ଉପାଖ୍ୟାନ ମନେ
ଜଗାଏ ନାହିଁକି ବ୍ୟଥା ।
ସର୍ବଜ୍ଞ ହୋଇଣ ପ୍ରଭୁ ଚକ୍ରଧର
କଲେ କାହିଁକି ଏ ଦୋଷ
ତା'ର ପରିଣାମ କେତେ ଯେ ଅସହ୍ୟ
ତା ଜାଣିବେ ଜଗଦୀଶ ।
ବଡ଼ଭାଇ ଆଉ ଗେହ୍ଲା ଭଉଣୀଙ୍କୁ
ନାହିଁ କିଛି କଟକଣା
ସବୁଦୋଷ କାଳିଆ ସାଆନ୍ତଙ୍କର
ଯେ ସବୁ ଜାଣି ଅଜଣା ।
ମା'ଙ୍କ ଆଦେଶେ ଶ୍ରୀ ମନ୍ଦିର ଦ୍ୱାର
ରୁଦ୍ଧ କରି ଦାସୀଗଣ
ଛଦ୍ମ କଠୋରତା ଦେଖାନ୍ତି ମା'ଙ୍କର
କଟୁ ବଚନ କହିଣ ।
ପ୍ରଭୁଙ୍କର ବିନୟ ବଚନ ପରେ
ଖୋଲେ ଶ୍ରୀ ମନ୍ଦିର ଦ୍ୱାର
ରସଗୋଲା ଖାଇ ଆନନ୍ଦିତ ମନେ
ରୋଷ ହୁଏ ପରିହାର ।
ଅନାଥର ନାଥ ଆହେ ଜଗନ୍ନାଥ
ମାନବୀୟ ଲୀଳା ତୁମ
ଦେବତାଙ୍କୁ ଅଗୋଚର ଅଟେ ପରା
କି ବୁଝିବି ନରାଧମ ।


♥ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ମୋ' ମାଟି

### ଅଧ୍ୟାପକ ଶରତ କୁମାର ଦାସ



ମୋ' ମାଟି ଏକ ଅନାବୃତ ଇସ୍ତାହାର
ମୋ' ନିଃଶ୍ୱାସ ଓ
ମୋ' ବିଶ୍ୱାସର ନାଭିକେନ୍ଦ୍ର
ସମଗ୍ର ବିଶ୍ୱରେ ନିଆରା,
ମର୍ତ୍ତ୍ୟରେ ଅମର୍ତ୍ତ୍ୟ
ଭାବରେ,ଭାବନାରେ ,ଚିନ୍ତନରେ
ପୁଣି ଚିରନ୍ତନ ଦୃଶ୍ୟ ସମୂହରେ ।
ଅଭିମନ୍ତ୍ରିତ ଦିନଚର୍ଯ୍ୟା ପ୍ରଣବ ମନ୍ତ୍ରରେ
ରାତି ଓହ୍ଲେଇ ଆସେ ମାଟିର ଛାତିକୁ
କିଟିକିଟି ଅନ୍ଧକାର ହଜିଯାଏ
ନିରପେକ୍ଷତାର ତେଜସ୍ୱୀ ଔଜ୍ଜ୍ୱଲ୍ୟରେ।
ଦିବ୍ୟ ଭୂମି ,ନିରାସକ୍ତ
ନିର୍ବାଣର କୋଟି ତୀର୍ଥ
ପ୍ରୀତି-ପ୍ରତ୍ୟୟର ମନ୍ମୟ ଇନ୍ଦ୍ରପ୍ରସ୍ଥ ,
ସ୍ନିଗ୍ଧ ,ମୁଗ୍ଧ ,ତନ୍ମୟ ଓ ତଲ୍ଲୀନ
ଏହାର ଲାଳିତ୍ୟ ଓ ମାଧୁର୍ଯ୍ୟ
ତ୍ୟାଗ ବଳିଦାନରେ ସଦା
ଅଧୀର ଓ ବିଭୋର ।
ମୋ' ମାଟି ଏକ ଭୂଗୋଳ ନୁହେଁ,
ଏକ ମଧୁସିକ୍ତ ସମର୍ପଣ ଭାବ ;
ଚିତ୍ର ନୁହେଁ, ଏକ ସମ୍ମୋହିତ
ଶୁଦ୍ଧପୂତ ଚେତନା
ଆଧ୍ୟାତ୍ମିକତା ଏହାର ଶାଶ୍ୱତ ଆଧାର
ଅନାହତ ନାଦ ଅନବରତ କ୍ରୀୟାଶୀଳ
ଯାହା ସଦା ପ୍ରକଟିତ ପୂର୍ଣ୍ଣତାରେ ।
ବୈଚିତ୍ର୍ୟମୟ ରୂପର ପସରା
ଫୁଲ-ଫଳ-ଗଛ-ପତ୍ର
ପୁଣି ରଙ୍ଗ ଓ ରସରେ,
ସବୁ ଦୃଶ୍ୟ ଭିତରେ
ଖୁନ୍ଦିହୋଇ ରହିଛି ଦର୍ଶନ
ପ୍ରତିଟି ଘଟଣା ପଛରେ
ଆତ୍ମଗୋପନ କରିଛି ଚେତନା
ଓ ଚେତନାର ଅନ୍ତରାଳେ
ଆତ୍ମଶୁଦ୍ଧିର ବଳିଷ୍ଠ ଅଙ୍ଗୀକାରବଦ୍ଧତା ।
ଦାରିଦ୍ର୍ୟର କରାଳ ପଂଝା ଭିତରେ
ଆତ୍ମ ପ୍ରକାଶ କରିଛି ପ୍ରାଣପ୍ରାଚୁର୍ଯ୍ୟ
ଓ ତଥାକଥିତ ପ୍ରାଚୁର୍ଯ୍ୟ ଭିତରେ ଅଛି
ଏକ ଗୌରବ ମୟ
ଗୈରିକ ବୈରାଗ୍ୟ ।
ଆଧ୍ୟାତ୍ମିକ ଶୁଦ୍ଧତାରେ
ଭରପୂର ଏହାର ସ୍ପନ୍ଦନ
କ୍ଷୁଦ୍ର ଦୃଶ୍ୟମାନ ଘଟଣା ଭିତରେ
ଭରି ରହଛି ଏ ଜାତିର ବଡପଣ
ଆମାୟିକ ଆତିଥ୍ୟତାର
ଅନାବିଳ, ନିବିଡ ଓ
ମାର୍ମିକ ଅନୁଭବ।
ଆତ୍ମପ୍ରଚାର ନୁହେଁ,
ବରଂ ଆତ୍ମିକ ପ୍ରଚାରରେ
ମହମହ ବାସୁଥାଏ
ଏ ମାଟି-ପାଣି-ପବନର ଇତିବୃତ୍ତ
ପୁଣି ଏ ମହନୀୟ ସଭ୍ୟତା ଓ ସଂସ୍କୃତି
ରୋମାଞ୍ଚିତ କରେ ଦେହ,ମନ ଓ ପ୍ରାଣ।
ବିଶ୍ୱସନୀୟତାର ତୂର୍ଯ୍ୟନାଦରେ ପ୍ରକମ୍ପିତ
ଏ ମାଟିର ସ୍ୱାଧୀନତା ଆନ୍ଦୋଳନ
କେତେ ବୀର ଯୋଦ୍ଧାଙ୍କ ରକ୍ତ ବିସର୍ଜନରେ
ସମୃଦ୍ଧ ଏହାର ନଦ- ନଦୀ-
କାନନ-କେଦାର ।
ପ୍ରଜ୍ଞାଦୀପ୍ତ ବୈଦୂର୍ଯ୍ୟର ଆଭାରେ
ଦେଦୀପ୍ୟମାନ ଏହାର
ଇତିହାସ ଓ ଐତିହ୍ୟ
ସମ୍ପଦ ଓ ସମ୍ପତ୍ତି, ଚିତ୍ର ଓ ଚରିତ୍ର ।
ଅବର୍ଣ୍ଣନୀୟ, ଅତୁଳନୀୟ ଓ ଅକଳନୀୟ
ଏହାର ଅମୂଲ୍ୟ ସିଦ୍ଧ ଅବଦାନ
ବିଶ୍ୱ ସଂସ୍କୃତିର ମହାମିଳନରେ
ସଦା ଜାଜ୍ୱଲ୍ୟମାନ
ମୋ' ମାଟି ଚିରସ୍ରୋତା
ଫଲଗୁର କଳ କଳ ଧାର।

♥ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ପ୍ରାବୃଟ ଗୋ ! ତବ ଆଗମନେ

### ନୀଳମଣି ଚାନ୍ଦ



ପ୍ରାବୃଟର ଆଗମନେ ଧରା ହୁଏ ସବୁଜିମା
କେଦାର,କାନନ ଦିଶେ ମନୋରମ,ଅନୁପମା
ନୃତ୍ୟରତ ମୟୂରର ପୁଚ୍ଛଟିରେ କେତେ ରଙ୍ଗ
ନଭ ନୀର ଲଭୁଥାଏ ଉ ପ୍ତ ମାଟିର ସଙ୍ଗ।

ଇନ୍ଦ୍ରଗୋପ ଭିଜିଯାଏ ଦୁର୍ବାଦଳ ପ୍ରାନ୍ତରରେ
ବିରହର ବହ୍ନି ଜର୍ଜ୍ଜରିହୀର ଅନ୍ତରରେ
ଇନ୍ଦ୍ରଚାପ ନଭେ ଉଠି ହୋଇଯାଏ ଚିତ୍ରକର
ରତୁଟିଏ ଇଏ କିଆ, କେତକୀ ଓ କଦମ୍ବର।

ବାରିଧାରା ରିମ୍ ଝିମ୍ ରିମ୍ ଝିମ୍ ଗାଇଯାଏ
କଳାବାଦଲରେ ଏବେ ସାରା ନଭ ଛାଇଯାଏ
ଚପଳାର ଚମକରେ ମନେ ଜାଗୁଥାଏ ଭୀତି
ଭାସିଲେ କାଗଜ ଡଙ୍ଗା ଆସଇ କୈଶୋର ସ୍ମୃତି।

ଆ'ରେ ଦର୍ଦ୍ଦୁର ଆ' ପିଙ୍କି ପରି ଖେଳ୍ ପୁଚି
ପ୍ରାବୃଟର ଆଗମନେ ନିଦାଘ ଗୋ ଯାଅ ଲୁଚି।

♥୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ପ୍ଲାଟଫର୍ମ

### ଭରତ ଚନ୍ଦ୍ର ଦାଶ



ପ୍ଲାଟଫର୍ମରେ ଏକା ଏକା
ମୁଁ କାହିଁ କେତେକାଳୁ ପ୍ରତୀକ୍ଷାରେ ଅଛି
ସୂଚନା ସତର୍କ ଦେଇ
ଗୋଟିଏ ପରେ ଗୋଟିଏ
ଟ୍ରେନ ଚାଲିଯାଉଛନ୍ତି ନିଜର ଗନ୍ତବ୍ୟ ସ୍ଥଳକୁ
କାହାକୁ କିଛି ନ କହି ।
ଗତି ହିଁ ତ ପ୍ରଗତିର ଚିତ୍ର
ପ୍ରତି ମୁହୂ ର୍ତ୍ତରେ ଗତି ବଢୁଛି
ପ୍ରଗତି ମଧ ତା' ପଥରେ ଯଥେଷ୍ଟ ଆଗରେ
ପ୍ଲାଟଫର୍ମ ଅଛି ବୋଲି ତ
ଜୀବନର ବେଗ ବଢିଛି ।

ପ୍ଲାଟଫର୍ମ ପ୍ରତି ମୋର ଦୁର୍ବଳତା
ଏବେ ନୁହେଁ ହେତୁ ହେବା ଠାରୁ ମୋର
ଆକର୍ଷଣ ବଢିଛି ତା' ପ୍ରତି
ପ୍ରାରମ୍ଭର ସଂପର୍କ ବୋଧହୁଏ ।
ଏକ ଗୋଧୂଳି ଲଗ୍ନ ଅପରାହ୍ଣ ପା ଟା ହେବ
ଷ୍ଟିମ୍ ଇଞ୍ଜିନର କଳାଧୁଆଁ ଛାଡି
ଆସନସୋଲ ଆସି ଠିଆ ହେଲା
ପୁରୀରୁ ଗୟା ଭାୟା ଆସନସୋଲ
ଆସିଲେ ସଂଧ୍ୟା ଦୀପ ଲାଗେ
ସଂଧ୍ୟାର ବା ର୍ତ୍ତାବହ ବୋଲି ମୋର ଧାରଣାଥିଲା
ଅନେକ ଦିନ ଯାଏ।
ତାର ଛୁକ୍ ଛୁକ୍ ଶବ୍ଦରେ ମୁଁ ଚାଲିଲି ତା' ସହ
ଚାଲିଲି ନି ତ ଉଡିବାକୁ ଲାଗିଲି
ପୁରୀ ଠୁଁ ଗୟା
କଳ୍ପବୃକ୍ଷ ଠୁଁ ପିପ୍ପଳ ବୃକ୍ଷ ଯାଏ
ବୁଦ୍ଧତ୍ୱରୁ ନିର୍ବାଣ ପର୍ଯ୍ୟନ୍ତ ।

ପ୍ଲାଟଫର୍ମ ମୋ ଜୀବନ ଚକ୍ରର
ବିଶ୍ରାମସ୍ଥଳୀ, ଏକାନ୍ତ ଆପଣାର
ଠିଆ ହେବା ଠୁଁ ଚଳନଶୀଳ ଯାଏ
ପ୍ଲାଟଫର୍ମ ମୂକସାକ୍ଷୀ
ଚାଲିଛି ଚାଲିବାର କଳା ଶିଖାଇଛି।
ମନରେ ଡେଣା ଲଗାଇଛି
ନିରନ୍ତର ଉଡିବା, ଜୀବନକୁ ପରଖିବା
ଲକ୍ଷସ୍ଥଳରେ ପହ ଞ୍ଚିବାର
ପ୍ରେରଣା ହିଁ ପ୍ଲାଟଫର୍ମ ।
ପ୍ଲାଟଫର୍ମ ଅଛି ବୋଲି ତ
ଜୀବନ ଜୀଇବାର କଳାରେ
କାଳରେ କାଳୋ ର୍ତ୍ତ ସେ ।
ମୋ ପ୍ରେମର, ମୋ ପ୍ରତ୍ୟୟର
ଆତ୍ମ ପରିତୃପ୍ତିର ଏକ ଦିବ୍ୟ ଭବ୍ୟ ଭୂମି
ପରିଚୟର ଅନ୍ୟ ନାମ ପ୍ଲାଟଫର୍ମ ।

♥ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
(ମୋ) ୯୪୩୭୩୭୨୧୬୬

## ମିଥ୍ୟାବାଦୀ...

### ଆନନ୍ଦ କୁମାର ମାଇତି



ଏଇତ ମୁଁ, ମୋତେ ପ୍ରଶ୍ନ କଲି
ମୁଁ କେଉଁ ଆତ୍ମାର ଆପଣାର ?

ଧକ୍ ଧକ୍ କରି ପାଖ ବଦଳୁ ଥିବା
ବିବେକ ଆଉ ଅବିବେକ ଉତ୍ତର ଦେଲା
କାହିଁକି ତୁ କେବଳ ତୋର,
ଏଥିରେ ସନ୍ଦେହ ଅଛି ?

ମୁଁ ହସିଲି, ସେ ହାହା କି ହିଁ ହିଁ ନୁହେଁ
ଗୋଟେ ତାଚ୍ଛଲ୍ୟର
ଯେ ପଯ୍ୟନ୍ତ ନିଜ ନିଶ୍ୱାସ ବିଶ୍ୱାସର ନୁହେଁ !

ସେମାନେ ଗୋପନରେ ଲୋତକ ଢାଳିଲେ।

ପୁନଶ୍ଚ ମୁଁ ପ୍ରଶ୍ନ କଲି
ବିବେକ ତୁମେ କା'ର ?
ସେ ଗୁଁ ଗୁଁ ହୋଇ କହିଲା, ତୁମର,
ତେବେ ଅବିବେକ କାହାର ?
ସେ ସେଇଠି ମୋତେ ଓଠ ଫରକିଲା ଆଉ
କହିଲା
ମୁଁ ତ ଗୋଟାପଣେ ତୁମର।

ମୁଁ କହିଲି ଏ ଗୋଟେ ମିଛ କଥା।
ତେବେ ମୁଁ କାହାର ?
ସେମାନେ ମାଡ଼ି ବସିଲେ ତାଙ୍କ ସମ୍ପତ୍ତି।

ସେମାନେ ଭାଗ କଲେ ଏମିତି
ଜଣେ ନେଇଗଲା ମୋର ମିଠା ସ୍ୱର
ଅନ୍ୟ ଜଣେ ତମାମ ବଦରାଗ।

ଶେଷକୁ କିଛି ବଳି ଥିଲା ଯେ
ତାକୁ ବି ବାଦ୍ ଦେଲେନି
ଘେନି ନେଇ ଗଲେ କସେଇଁଖାନା ପରେ
ନିଆଁ ଲଗା ପଡ଼ିଆକୁ।

ଖଣ୍ଡ ଖଣ୍ଡ ହେବାକୁ ଲାଗିଲି,
ସେଇଠି ମୁଁ ଖୋଲା ହସଟେ ହସି
ତାଙ୍କୁ କହିଲି 'ମିଥ୍ୟାବାଦୀ' ।

♥ଏରସମା, ଜଗତସିଂହପୁର
ମୋ ୯୪୩୯୦୭୭୩୯୫

## କଳା ଶ୍ରୀମୁଖ

### ଦୀପକ କୁମାର ମିଶ୍ର



କଳା ଶ୍ରୀମୁଖେ ଚାହିଆ ଶୋଭିତେ
ଚକା ଆଖି ଝଟଝଟ ଦିଶେ
ଭକ୍ତ ବିହ୍ୱଳିତ, ହୃଦ ଆନ୍ଦୋଳିତ
ମନ ଯେ ଉଚ୍ଛନ ହୁଏ ।

ଏତେ ଅପରୂପେ ତୁହି ବିମଣ୍ଡିତ
ତୁଣ୍ଡରେ ତୁଣ୍ଡି ଯେ ପଡେ
ଶବ୍ଦର ଅଭାବେ, ଭାବରେ ପୂର୍ଣ୍ଣତା
ଦ୍ୱନ୍ଦରେ ଭକତ ରହେ ।

ତୋର ମହିମା ଗାନ ସମ୍ଭବ ହୁଏନା
ଏ ଛାର ମଣିଷ ପାଶେ
ତୋ ରୂପର ଫାସରେ ଫସିଛି ଭକତ
ମନ ଆନମନା ହୁଏ ।

ଶ୍ରୀକ୍ଷେତ୍ର ରୁ ଗମନ ଅନିଚ୍ଛା ପ୍ରକାଶେ
ଭକ୍ତ ବଡ଼ଦାଣ୍ଡ ଧୂଳିରେ ଗଡେ
ଧର୍ମର ସରାଗ ଆଉ ପୁଣ୍ୟର ସରଗ
ତୋ ଶ୍ରୀଚରଣେ ପ୍ରାପ୍ତ ହୁଏ ।

ଦେଖିଦେଲେ ତତେ କଲମ ଚାଲେଯେ
ଭାବ ନିର୍ଭୟରେ ବହିଯାଏ
ଦୋଷ ତ୍ରୁଟି ଥିଲେ ଧରିବୁନି ପ୍ରଭୁ
ଏ ମୁରୁଖ ତୋ ଗୁଣଗାଏ ।

♥ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଏକାନ୍ତପଣ

### ତପସ୍ୱିନୀ ମିଶ୍ର

ମୁଁ ତ ଲୁଚି ଯାଉଛି ମୋରି ଭିତରେ
ଆତ୍ମଶୂନ୍ୟତାର ଏକାନ୍ତପଣରେ
ନିସ୍ତେଜ ଆଖିରୁ ଝରି ଆସୁଥିବା
ତତଲା ଲୁହରେ
ବିବଶତାର ବିବର୍ଣ୍ଣ ବ୍ରହ୍ମାଣ୍ଡରେ .....।।

ଖୋଜିଛି ତ ଏମିତି ଅନେକ ବାର
ମରିଯାଇଥିବା ବିଶ୍ୱାସ ଭିତରେ
କଡ଼ଲେଉଟାଉ ଥିବା ନିଶ୍ୱାସଟିକୁ ...
କଳିଛି ବିଶ୍ୱାସର ସ୍ୱରୂପକୁ
ଫିକା ପଡ଼ି ଥିବା ଅତୀତ ପୃଷ୍ଠାରେ
ପୁଣିଥରେ ଜିଇଁବାକୁ
ଜୀବନର ମାନେଟି ବୁଝିବାକୁ .....।।

ସୁଖ ବିକୁଥିବା ଦୁଃଖର ହାଟରେ
ଏଇ ଦେଖ...ସବୁତକ ପାଦଚିହ୍ନ ମୋର
ନା ଆଗକୁ ବଢ଼ିଛି
ନା ପଛକୁ ଫେରି ପାରିଛି
ଚାଲି ବାର ଅଭିନୟ କେବଳ କରିଛି
ପହଞ୍ଚୁ ପହଞ୍ଚୁ ଦେଖ....
ଚିହ୍ନା ପାଦଚିହ୍ନ ଉପରେ ...ଅଚିହ୍ନାପଣର
ମୋହର ଲାଗିଯାଇଛି.....।।

ପ୍ରଶ୍ନ ସବୁ ଫେରନ୍ତା ପଥରେ
ନୂଆ ଏକ ପ୍ରଶ୍ନ ଗୁଚ୍ଛରେ
ଛନ୍ଦି ହୋଇପଡୁଛି ସମୟଚକ୍ରରେ
ମୋ ସହ ମୁଁ ଖେଳୁଥିବା
ଲୁଚକାଳି ଖେଳରେ ....।।

ବେହିସାବ ମୁଁ ଗଢ଼ି ଚାଲିଛି
ଆଶା ଓ ଅଭିଳାଷର ସୌଧଗୁଡ଼ାକୁ...
ବିତୃଷ୍ଣାର ପାଦ ଶବ୍ଦରେ
ଭାଙ୍ଗି ପଡୁଥିବା ଅଗଣିତ ସମ୍ପର୍କ ମାନଙ୍କୁ ....।
କିଛି ପ୍ରଶ୍ନ ପାଇଁ ଉତ୍ତର ଅଭାବ
ତ, କେବେ ପୁଣି
ପ୍ରଶ୍ନ ବଦଳାଏ ଜୀବନର ଭାବ
ବେଦନାସିକ୍ତ ମାନସିକତା
ପ୍ରଶ୍ନବାଣରେ କୃଶବିଦ୍ଧ
ପ୍ରଶସ୍ତ ଯୌବନ ଦୁଆରେ
ମରଣର ପ୍ରଶ୍ନ ବିଚ୍ଛୁରିତ... ।।

♥କବିସୂର୍ଯ୍ୟନଗର, ଗଞ୍ଜାମ

## ମନେ ପଡିଯାଏ ରାଧା

### ଦିଲ୍ଲୀପ କୁମାର ସାହୁ



କାଳିଆ ଯାଏଲୋ ଆଡ଼ପ ମଣ୍ଡପ
ମନେ ପଡିଯାଏ ରାଧା
ଭାବର ଉଆଶେ ଗୁପତ ରାହାସ
ପ୍ରେମ ପରତିରେ ବନ୍ଧା
ବନ୍ଧୁରେ ବନ୍ଧୁରେ...
ଛନ୍ଦା ପୟରରୁ ପଡେ ଝରି କରୁଣା ବୁନ୍ଦା...
ଛାଡି ଆସିଥିଲା ଗୋପରେ ରାଧାକୁ
ନୀଳାଚଳେ ବିଜେ ହୋଇଲା
ରୁକ୍ମିଣୀ ହରଣ ଲକ୍ଷ୍ମୀଙ୍କୁ ବରଣ
ଲୀଳାସେ କେତେ ଭିଆଇଲା
ଗୁଣ୍ଡିଚା ମନ୍ଦିରେ ନିଇତି ରାତିରେ
ରାଧା ପାଖେ ଯାଏ ଚାଲିଲୋ
ରାଧାକୁ କୋଳେଇ ଦୋଳି ଖେଳେ ଜଗା
ଫୁଲ ଝୁଲଣାରେ ଝୁଲେଲୋ
ପହିଲି ପ୍ରେମକୁ ପାଶୋରି ପାରୁନି
ରାଧା ପାଖେ ମନ ବନ୍ଧା ...
ଲକ୍ଷ୍ମୀଙ୍କ କାନରେ କଥା ପହ ଞ୍ଚଇ
ପାରନ୍ତିନି ସିଏ ସହିଲୋ
ହେରାପ ଞ୍ଚମୀ ରେ ଗୁଣ୍ଡିଚା ମନ୍ଦିର
ମାଆ ଆସିଥାନ୍ତି ଧାଇଁଲୋ
କପଟି କାଳିଆ ଦେଖା ଦିଏ ନାହିଁ
ମାଆ ଲକ୍ଷ୍ମୀ କରନ୍ତି ମାନ
ଲେଉଟିଲେ କାନ୍ତ କବାଟ କିଳନ୍ତି
ଜଗା ଭାଙ୍ଗଇ ଅଭିମାନ
ଶରଧାବାଲି ରେ ପ୍ରେମର ସଉଦା
ରାଧା ପାଖେ ରହେ ଅଧା ...

♥ଶଙ୍କରପୁର, ଚାରବାଟିଆ,
ଯଠୌଦ୍ୱାର, କଟକ



## ବାପା

### ରତ୍ନକାନ୍ତି ମିଶ୍ର



ଧୁ ଧୁ ଖରାରେ ବୁଲି
ଝୋ ଝୋ ବର୍ଷାରେ ଭିଜି
ଥୁରୁ ଥୁରୁ ଶୀତ ଖାତର ନକରି
ପିଲାଙ୍କ ପାଇଁ
ଖାତା କଲମ ବହି
ସାର୍ଟ ପ୍ୟାଂଟ ଖେଳନା
ପକୁଡ଼ି, ଜିଲାପି, ବରା
ଆଉ ଯେତେ ଯାହା ଅଳି ଅର୍ଦ୍ଦଳି
ସାଧ୍ୟମତେ ସାଉଁଟି ଆଣିବାରେ
ସବୁ ବାପାଙ୍କର ଖୁସି ନିହିତ

ଦୋଳରେ, ଦଶହରାରେ, ମନ୍ଦିରରେ
ପୁଅକୁ କାନ୍ଧ ଉପରକୁ ଟେକି
ଦିଅଁ ଦେଖାଇବାର ଝୁଙ୍କ୍ ଥାଏ
ବାପାଙ୍କ ମନରେ
ସନ୍ତାନର ଇଚ୍ଛାକୁ
ନିଃସର୍ତ୍ତରେ ପୂରଣ କରିବା
କଳ୍ପବୃକ୍ଷଟିର ନାଁ ପରା 'ବାପା'

ଘରେ ହେଉ ଅବା ଜରାନିବାସରେ
ଭୋକରେ ହେଉ ଅବା ଭରା ପେଟରେ
ଆଉଁସାରେ ଅବା ଧକ୍କାରେ
ବାପା କିନ୍ତୁ ସବୁବେଳେ ବାପା
ଥାଆନ୍ତି ଖୁବ୍ ହାତ ପାହାନ୍ତାରେ
ଯାହାଙ୍କୁ ନେଇ ଲେଖିହୁଏ
ଗପ ବା କବିତା
ପୋଷ୍ଟ କରିହୁଏ ବାପାଙ୍କ ମୁହଁର ହସ
ଡିଜିଟାଲ ପୃଷ୍ଠାରେ,
ପିତୃଦିବସରେ
ଆନ୍ତରିକତାରେ ଅବା
ଲୋକଦେଖାଣିଆ ସଉକରେ...!!!!

♥ଆଳି, କେନ୍ଦ୍ରାପଡା

## ମନେରଖିବ ନା.. ?

### ରମାକାନ୍ତ ଦାସ



ତୁମେ ଚାଲିଯାଉଛ ଆଜି
ପୁଣି କେବେ ଦେଖାହେବ କି ନାହିଁ
ମୁଁ ଜାଣେନାହିଁ
ପୁଣି କେବେ କଲ୍ କରିବ କି ନାହିଁ
ତା ବି ମଧ ମୁଁ ଜାଣେନାହିଁ
କାହିଁକି କେଜାଣି ମତେ ଏମିତି ଲାଗୁଛି
ଯେମିତି ମୋ ହୃଦୟଟା
ତୁମ ପାଖେ ଅଟକି ଯାଇଛି ।।

ଭାବୁଛି କହିଦିଅନ୍ତି କି !!
ମୋ ହୃଦୟରେ ସାଇତି ରଖିଥିବା
ସେ ଅକୁହା କଥା ସବୁକୁ
ତୁମ ଅଜାଣତେ,
ମୁଁ ଗଢି ଚାଲିଥିଲି ପ୍ରେମର ତାଜମହଲ
ମୋ ସ୍ୱପ୍ନର ରାଇଜରେ
ଆଙ୍କି ଚାଲିଥିଲି ଆମ ଦୁହିଁଙ୍କର
ମହାମିଳନର ପ୍ରତିଛବି
କେତେବେଳେ ତୁମ
ପ୍ରେମର ବର୍ଷାରେ ଭିଜୁଥିଲି ତ
କେତେବେଳେ ଫଗୁଣରେ ବାସୁଥିଲି ।।

କେମିତି କହିବି !!
ତୁମକୁ ମୁଁ ଏ ସବୁ
ପ୍ରତିଦିନ ଆଖିବନ୍ଦ କରି
ମୁଁ ଭାବେ ତୁମ କଥା
ମନେ ମନେ ବହୁତ ହସେ
ତୁମ କଲ୍ ଆସିଲେ
ମୋ ହୃଦୟର ସ୍ପନ୍ଦନ
ମତେ ଜୋରସେ ଶୁଣାଯାଏ
ତୁମ ସହ କଥାହେଲେ
ସବୁକିଛି ପାଇଗଲା ପରି ଲାଗେ
ତୁମ ସହ ଦେଖା ହେଲେ
ତୁମ ଓଠର ହସ ଦେଖି
ମୁଁ ସବୁ ଦୁଃଖ ଭୁଲିଯାଏ
ବହୁ ଚେଷ୍ଟାପରେ ବି
ମୁଁ ତୁମକୁ ଏ ସବୁ କଥା
କେବେ ବି କହିପାରେନି
କାରଣ, ତମକୁ ହରେଇବାର ଭୟ
ମତେ ବାରମ୍ବାର ଭୟଭୀତ କରିଦେଇଛି ।।

ହେଲେ, ଏ ସମୟ ଆଜି
ବହୁତ ନିଷ୍ଠୁର ସାଜିଛି
ସବୁଦିନ ପାଇଁ ଅଲଗା କରିଦେଉଛି
ମୋ ଠୁ ତୁମକୁ
ନା ମନକଥା କହି ହୁଏ
ନା ତୁମକୁ ରୋକି ହୁଏ
ମୁଁ ଆଜି ନିରୁପାୟ
ଚାହିଁଲେ ବି ତୁମକୁ
ଜୋର କରି ରଖିପାରେନି ।।

କେମିତି କହିବି ତୁମକୁ !!
ତୁମ ଆସିବାରେ
ମୋ ହୃଦୟରେ ସୃଷ୍ଟି ହେଇଥିଲା
ପ୍ରେମର ଏକ ନୂଆ ପରିଭାଷା
ତୁମେ ଶିଖେଇଥିଲ
ପ୍ରକୃତ ପ୍ରେମର ଅର୍ଥ କଣ
ତୁମେ ବୁଝେଇଥିଲ
ପ୍ରକୃତ ପ୍ରେମର ସଂଜ୍ଞା କଣ
ଖୁବ୍ କମ୍ ଦିନରେ
ନିଜର କରି ଦେଇଥିଲ ତୁମେ
ଏଇଟା ତୁମର ମୋ ପ୍ରତି
ପ୍ରେମଥିଲା ନା ଆଉ କିଛି ?
ମୁଁ ଆଜିଯାଏ ବି ବୁଝିପାରିନି
ବାସ୍ ଏଇ ଅନ୍ତିମ ବେଳାରେ
ମୋ ହୃଦୟ ଚାହେଁ
ତୁମ ଆଖିରେ ଆଖି ମିଶେଇ
ତୁମକୁ ପଚାରିବାକୁ
ମନେରଖିବ ନା.......... ?

♥ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## କିଏ ତୁମେ ପ୍ରିୟା

### ଶୁଭଦର୍ଶିନୀ ଦାଶ



କିଏ ତୁମେ ପ୍ରିୟା
ଶୁଣାଇ ଦେଇଗଲ
ତୁମ ସେ ମଧୁର କଣ୍ଠ ସ୍ୱର
ଗୋଧୂଳି ଆରତୀ ଛାତିକୁ ଚିରି
ଚଳଚଞ୍ଚଳ କରିଗଲ ଯେ
ଅଧୀର ମନକୁ ମୋର ।
ଜାଣେନା ମୁଁ ଯେ କିଏ ତୁମେ ସଖି
ଅଜଣା ବି ଥିଲା ତୁମ ସ୍ୱର
ଆନ୍ଦୋଳିତ କରେ ହୃଦୟକୁ ମୋର
ମୋ ମନରେ ମାରିଛ ଶର ।
ଚଳଚିତ୍ତ ପାଦ ମୋ ଯାଏ ଅଟକି
ଦେଖିବାକୁ ତୁମ ଶ୍ରୀମୁଖ
ବେନି ନୟନ ମୋ ବିଚଳିତ
ଯେବେ ଖୋଜେ ତୁମକୁ ଆଜ
ବାଦୁଆ ରାତିର କିଟି କିଟି କଳା
ଢାଙ୍କିଦିଏ ମୋ ପ୍ରିୟା ମୁହଁ ।
ଏତେ ଛଳନାରେ ଚାଲିଗଲ ପ୍ରିୟା
ଅବୁଝା କାବ୍ୟଟେ ହୋଇ
ହୃଦୟେ ଭେଦିଛି କେଉଁ ତୁମ ସ୍ୱର
ଜାଣି ପାରୁନାହିଁ ମୁହିଁ
ଥିଲା କି ତୁମ ଏ ପ୍ରୀତି ଭିଜା ଭେଟି
ନା ପ୍ରଥମ ପ୍ରେମର ଚିଠି ।

♥ଭୁବନେଶ୍ୱର

## ସୃଷ୍ଟିର ସୌରଭ... ହେ ଉତ୍କଳ ଗୌରବ

### ମିନାକ୍ଷୀ ଦ୍ୱିବେଦୀ



ସୁଆଣ୍ଡୋ ଗ୍ରାମର ମୃଣ୍ମୟ ପ୍ରାଙ୍ଗଣେ
ଆସିଲ ତୁମେ ନୂଆ ଅତିଥି,
ମା 'ସ୍ୱର୍ଣ୍ଣମୟୀ' ପୂଣ୍ୟ ମୟୀ କୋଳେ
ବିଞ୍ଚିଲ ଜୀବନ ଜ୍ୟୋତି।

ପିତା 'ଦୈତାରି' ଛାୟା ବୃକ୍ଷ ତଳେ
ସଂଚରିଲା ତୁମ ପ୍ରାଣ,
ଝରାଇଲ ମଧୁ ଆନନ୍ଦ ଆଲୋକ
କରିଲ ଲକ୍ଷ ସାଧନ।

ତ୍ୟାଗ, ସେବାର ମୂର୍ତ୍ତି ମନ୍ତ ତୁମେ
ପ୍ରେରଣା ଅଟ ଯୁବ ପିଢୀର,
ଗୁରୁ 'ରାମ ଦାସ' ଶିକ୍ଷା ଆଚରି
ବାନ୍ଧିଲ ସେନେହ ଡୋର।

'ସତ୍ୟବାଦୀ ବନବିଦ୍ୟାଳୟ' ସ୍ଥାପିଲ
ତମାଳ ବକୁଳ କୁଞ୍ଜେ,
ପଞ୍ଚସଖା ମିଶି ଝରାଇଲ ଅମୃତ
ନିତି ସକାଳ ସଞ୍ଜେ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନେ
ସଦା ଥିଲ ଅଗ୍ରଗାମୀ,
ତବ ଆଗମନେ ମ୍ଳାନ ହେଲା ଦୁଃଖ
ହସିଲା ଉତ୍କଳ ଭୂମି।

ଆତଙ୍କ ଦୁର୍ଭିକ୍ଷ ବନ୍ୟା ବାତ୍ୟା ଦେଖି
ବିଳପି ଉଠିଲା ମନ,
ଦୁଃଖି, ଅରକ୍ଷିତ ଦୁଃଖେ ମର୍ମାହତ
ବାଣ୍ଟିଲ ଅନ୍ନ, ଧନ।

'ସତ୍ୟବାଦୀ', ମହାଦ୍ରୁମ 'ସମାଜ'
ଅଟେ ତୁମ ଅବଦାନ,
ସାହିତ୍ୟ ଭାଷାର ଉନ୍ନତି ନିମନ୍ତେ
ବ୍ରତୀ ଥିଲ ରାତିଦିନ।

'ଉତ୍କଳ ମଣି' ନାମେ ଗୌରବ ଲଭିଲ
ସତ୍ୟ, ଧର୍ମ ପଥେ ରହି,
ରସାଣିତ କଲ କାବ୍ୟ, କବିତା
ସଂଗ୍ରାମର ବାର୍ତ୍ତା ବହି।

ଯୁବ ସମାଜର ଅଟ ମେରୁଦଣ୍ଡ
ଆଜି ଭି ହେ ବୀର ପୁଙ୍ଗବ
ତୁମ ସ୍ମୃତି ଧରି ତୁମ ପାଦ ଚିହ୍ନେ
ବାଣ୍ଟନ୍ତି ସର୍ବେ ପ୍ରୀତି ସୌରଭ।

ଜୀବନର ଲକ୍ଷ କଳ୍ପନା, ସାଧନା
ମନେ ଭରିଦେଲା ବିଶ୍ୱାସ,
ସବୁରି ପ୍ରାଣରେ ଅମୃତର ବିନ୍ଦୁ
ମନେ ଆଣିଦେଲା ଉଚ୍ଛ୍ୱାସ।

ଏ ମାଟି, ପବନ ନିତ୍ୟ ଋଣି ତୁମ
ଭରି ଦେଲ ମୁଖେ ହସ
ଆଜିର ଉତ୍କଳ କରେ ନମସ୍କାର
ଆହେ 'ଗୋପବନ୍ଧୁ ଦାସ'।

♥ନିଉ ଦିଲ୍ଲୀ
ମୋ: ୭୯୭୮୦୮୨୮୩୪

# କେନ୍ଦ୍ରମନ୍ତ୍ରୀଙ୍କ ସହ ପୌରାଧ୍ୟକ୍ଷାଙ୍କ ଆଲୋଚନା

କନ୍ଧମାଳ,୧୧/୦୭ (ନି.ପ୍ର): କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରୀ ଯୋହନ ବାରଲାଙ୍କୁ ରବିବାର ସକାଳେ ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ସ୍ଥାନୀୟ ସର୍କିଟ ହାଉସଠାରେ ସୌଜନ୍ୟମୂଳକ ସାକ୍ଷାତ କରିବାସହ ପୌରାଂଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରସରକାରଙ୍କ ଯୋଜନାର ସୁଫଳ ଯେପରି ଗ୍ରାମାଚଂଳ ଲୋକଙ୍କ ପାଖରେ ପହଂଚିବ ସେଥିପ୍ରତି ଦୃଷ୍ଟି ଦେବାଲାଗି ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲା ବିଜେପି ସଭାପତି ଜଗନ୍ନାଥ ସାହୁ, ଉପସଭାପତି ରମେଶ ମହାନ୍ତି, ନଗର ବିଜେପି ସଭାପତି ସୁଶାନ୍ତ ମହାନ୍ତିଙ୍କ ସମେତ ବହୁ ବିଜେପି ନେତା ସର୍କିଟ ହାଉସରେ ପହଂଚି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ବିଜେପି କର୍ମକର୍ତ୍ତାଙ୍କ ସହ ମଧ୍ୟ ସଂଗଠନ ସମ୍ପର୍କରେ ଆଲୋଚନା କରିବା ସହ ସଂଗଠନକୁ ସୁଦୃଢ କରିବାକୁ ନେତା ଓ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# କର୍କଟ ରୋଗରେ ଶଯ୍ୟାଶାୟୀ ପୁଅ

## ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ମା'ର ଆକୁଳ ନିବେଦନ

ମାଲକାନଗିରି,୧୧/୦୭ (ନି.ପ୍ର): ଯେଉଁ ବୟସରେ ହାତରେ ବହି ବସ୍ତାନୀ ଧରି ସ୍କୁଲ ଯିବା କଥା ସେହି ବୟସରେ ସେ ଏବେ ଶଯ୍ୟାଶାୟୀ ହୋଇ ଘରେ ପଡି ରହିଛି । ଏ କାହାଣୀ ହେଉଛି ଜଣେ କର୍କଟ ରୋଗରେ ପୀଡ଼ିତ ୬ଷ୍ଠ ଶ୍ରେଣୀର ଛାତ୍ର ବାପୁନ ଖରାର। କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମଭି - ୯୦ ଗ୍ରାମରେ ବାପୁନ ଖରାର ଘର। ବାପା ଟୁନିଆ ଖରା ୬ ବର୍ଷ ହେଲା ଆରପାରିକୁ ଚାଲିଯାଇଥିବା ବେଳେ ମା ସୁବାସିନୀ ଖରା ଏବେ ମୂଲ ମଜୁରୀ ଲାଗି ନିଜର ଦୁଇଟି ପୁଅ ଓ ଗୋଟିଏ ଝିଅକୁ ବଡ଼ କଷ୍ଟରେ ଚଳାଉଛନ୍ତି । ବାପୁନ ଏମଭି - ୯୦ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ଏବେ ପାଠ ପଢୁଛି । ତେବେ ସାନ ପୁଅ ବାପୁନର ମଝିରେ ମଝିରେ ଜ୍ୱର ହେବା ସହିତ ଦେହ ଭଲ ରହୁ ନଥିଲା । ପୂର୍ବରୁ ମଧ୍ୟ ଏହିପରି ଭାବରେ ତାର ଦେହ ବେଳେବେଳେ ଅସୁସ୍ଥ ହୋଇପଡ଼େ । ପ୍ରଥମେ ପରିବାର ଲୋକ କାଲିମେଲା, ମାଲକାନଗିରି ଓ ଶେଷରେ ଭଦ୍ରାଚଳମ ମେଡିକାଲ ନେଇ ଚିକିତ୍ସା କରାଇଥିଲେ । ହେଲେ ରୋଗ ଭଲ ହେଉନାହିଁ । ତେଣୁ, ବାପୁନକୁ ଗତ ମାସରେ ସେମାନେ ପୁନର୍ବାର ଭଦ୍ରାଚଳମ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ଡାକ୍ତର ବାପୁନର ପରୀକ୍ଷା ନିରୀକ୍ଷା କରିବା ପରେ ତାକୁ ରକ୍ତ କର୍କଟ ରୋଗ ହୋଇଥିବାର କହିଥିଲେ । ଏହା ଶୁଣି ବାପୁନର ବିଧବା ମା''ର ପାଦ ତଳୁ ମାଟି ଖସିପଡ଼ିଥିଲା । ଗରିବ ବାପା ଛେଉଣ୍ଡ ପୁଅକୁ ଭଗବାନ ଏତେ ଦଣ୍ଡ ଦେବେ ବୋଲି ସେ କେବେ ଭାବି ନଥିଲେ । ମୂଲ ଲାଗି ଚଳୁଥିବା ସୁବାସିନୀ ଏବେ ପୁଅର କିପରି ଚିକିତ୍ସା କରିବେ ସେହି ଚିନ୍ତାରେ ଆଖିରୁ ଲୁହ ଶୁଖୁନି । କର୍କଟ ରୋଗରେ ପୁଅ ଏବେ କେବଳ ଶୋଇ ରହୁଛି । ରୋଗର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଥିବା ବେଳେ ଏତେ ଟଙ୍କା ସେ କେଉଁଠୁ ଆଣିବେ ସେହି ଚିନ୍ତାରେ ଅଛନ୍ତି । ତେବେ ତାଙ୍କ ନିକଟରେ ରାଜ୍ୟ ସରକାର ଦେଇଥିବା ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ଖଣ୍ଡିଏ ରହିଛି । ହେଲେ ସେହି କାର୍ଡର ବ୍ୟବହାର ସଂପର୍କରେ ସେ ସଂପୂର୍ଣ୍ଣ ଅଜ୍ଞ ବୋଲି କହିଛନ୍ତି । ବାହାର ରାଜ୍ୟରେ ଏହି କାର୍ଡ କାମ କରୁଛି କି ନାହିଁ ସେ ଜାଣିନାହାଁନ୍ତି ତେଣୁ ସେ ନିଜ ପୁଅର ଚିକିତ୍ସା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି ।

# କଫ ସିରପ ବିକ୍ରିକୁ ନେଇ ଗଣ୍ଡଗୋଳ: ୩ ଆହତ

ବଲାଙ୍ଗିର,୧୧/୦୭ (ନି.ପ୍ର): ବଲାଙ୍ଗିର ସହରର ବରପାଲିପଡା ଠାରେ କଫ୍ ସିରପ ବିକ୍ରିକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିବା ଜଣାପଡିଛି । ଏହି ଗଣ୍ଡଗୋଳରେ ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ଗତକାଲି ଦିନ ବେଳା ବରପାଲିପଡାରେ କଫ୍ ସିରପ ବିକ୍ରି କରିବାକୁ କୃଷ୍ଣ ଜେନା ନିଜ ଭାଇ ପ୍ରଶାନ୍ତ ଜେନାଙ୍କୁ ବାରଣ କରିଥିଲେ। ଫଳରେ ଉତ୍ୟକ୍ତ ହୋଇ ପ୍ରଶାନ୍ତ ଜେନା କୃଷ୍ଣ ଜେନାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ଉକ୍ତ ଆକ୍ରମଣରେ କୃଷ୍ଣ ଜେନାଙ୍କ ପରିବାରର ୩ ଜଣ ସଦସ୍ୟ ଆହତ ହୋଇ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି ହୋଇଛନ୍ତି।

# ବାଲିଗୋଠ ନେମ୍ବରା ରାସ୍ତା ଶୋଚନୀୟ

କେନ୍ଦ୍ରାପଡା,୧୧/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଗୋଠ ନେମ୍ବରା ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଆୟବା ପଂଚାୟତର ବାଲିଗୋଠ ଠାରୁ ଆରମ୍ଭ କରି ମହାକାଳପଡା ପଂଚାୟତର ନେମ୍ବରା ପଂଚାୟତ କୁ ଏହି ରାସ୍ତା ସଂଯୋଗ ହୋଇଛି। ରାସ୍ତାରେ ଆଣ୍ଠୁଏ ଲେଖାଏଁ ଖାଲ ଥିବାରୁ ଏଥିରେ ବର୍ଷାଜଳ ଛିଡାହୋଇ ରହୁଛି । ଏହି ରାସ୍ତାରେ ଦୈନିକ ଉଭୟ ବ୍ଲକର ହଜାର ହଜାର ଲୋକ ଯାତାୟତ କରୁଛନ୍ତି। ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଆୟବା ସରପଂଚ କାଦମ୍ବିନୀ ବିଶ୍ୱାଳ ଦାବି କରିଛନ୍ତି।

# ସାପ୍ତାହିକ ପ୍ରେରଣା ପକ୍ଷରୁ ବହୁଭାଷୀ କବିତା ପାଠଚକ୍ର ଓ ଆଲୋଚନାଚକ୍ର

ବଲାଙ୍ଗିର ,୧୧/୦୭ (ନି.ପ୍ର): ଆଜି ଲୋଇସିଂହା ବ୍ଲକ ରୁଗୁଡିଖାଲ ମାନସ ବିହାର ଠାରେ ସାପ୍ତାହିକ ପ୍ରେରଣା ତରଫରୁ ଏକ ବହୁଭାଷୀ କବିତା ପାଠୋତ୍ସବ ଓ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରେରଣାର ସଂପାଦକ ରଘୁନନ୍ଦନ ସିଂହ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗାଳ୍ପିକ ମଳୟ ମିଶ୍ର ଯୋଗ ଦେଇ ପ୍ରତ୍ୟେକ ମଣିଷ ନିଜ ଭିତରେ ଥିବା କବିତ୍ୱକୁ ଜାଗ୍ରତ କରିବାର ଆବଶ୍ୟକ ଅଛି ବୋଲି କହିଥିଲେ । କବୟିତ୍ରୀ ସବିତା ମହରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ କବି ମହେନ୍ଦ୍ର ପଟେଲ,ଗଜିନ୍ଦ୍ର ଦଣ୍ଡସେନା, ରାମଚନ୍ଦ୍ର ପଟେଲ, ସୁଦାମ ଚରଣ ବଘାର, କୌସ୍ତୁଭ ଜାଲ, ଅନାଦି ସେଠ, ସତ୍ୟ ନାରାୟଣ ପାଣିଗ୍ରାହୀ, ଶ୍ରୀମତୀ ତପସ୍ୱିନୀ ପଶାୟତ, ସନାତନ ମିଶ୍ର, ଫକୀର ଭୋଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବିତା ଆବୃତି କରିଥିବା ସମସ୍ତ କବି ମାନଙ୍କୁ ପ୍ରେରଣା ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରେରଣାର ବାହୁଡା ଯାତ୍ରା ସଂଖ୍ୟା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ସୁଶୀଲ ମିଶ୍ର, ମହେଶ କର, ଦେବାନନ୍ଦ ପଟେଲ ସୁଶାନ୍ତ ବାରିକ, ସାରଙ୍ଗ ଭୋଇ, ବିନୋଦ ଦୀପ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବ୍ରହ୍ମପୁର ଡକ୍ଟର୍ସ ଫୋରମର ୫ମ ଦ୍ୱିବାର୍ଷିକ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ଗଞ୍ଜାମ,୧୧/୦୭ (ନି.ପ୍ର): ବ୍ରହ୍ମପୁର ଡକ୍ଟରସ ଫୋରମର ୫ମ ଦ୍ୱିବାର୍ଷିକ ଉତ୍ସବ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଫୋରମର ବୈଠକରେ ବିଭିନ୍ନକମିଟି ଗଠନ କରାଯାଇଛି। ଏଥିପାଇଁ ସଂଗଠନ ସଂପାଦକ ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଡାକ୍ତର ସମରେନ୍ଦ୍ର ସାହୁ, ଉପଦେଷ୍ଟା ମଣ୍ଡିଳିରେ ଡାକ୍ତର ଶଂକର୍ଷଣ ପାତ୍ର, ପ୍ରଫେସର ପି.ସି. ସାହୁ, ପ୍ରଫେସର କେ.ଏମ. ପାଠୀ, ପାର୍ଟେନରସ ସଦସ୍ୟ ଅନ୍ତର୍ଯ୍ୟାମି ସାହୁ, ପ୍ରଫେସର ଡା.ନାରାୟଣ ମିଶ୍ର, ଡା. ବି ଏନ ଆର ସୁବୁଦ୍ଧି, ଡା. ପ୍ରକାଶ ଚନ୍ଦ୍ର ପାତ୍ର, ମଣ୍ଡପ ସାଜସଜ୍ଜାରେ ଡା. କିରଣ କୁମାର ପାଣିଗ୍ରାହି, ଡା. ସମରେନ୍ଦ୍ର କୁମାର ସାହୁ, ସାଇଂଟିଫିକ୍ ଟିମ୍ ର ଡା. ରାଜେନ୍ଦ୍ର କୁମାର ବେହେରା, ଡା.ଲିଲିମା ଦାଶ, ଡା.ଭାସ୍ୱତି ପଣ୍ଡା, ସ୍ମରଣୀକା ପ୍ରକାଶମଣ୍ଡଳିରେ ଡାକ୍ତର ହୃଷୀକେଶ ମହାନ୍ତି, ଡାକ୍ତର ପି.କେ. ଅଗ୍ରୱାଲ, ଡାକ୍ତର ସାଗର ରଂଜନ ତ୍ରିପାଠି, ମନୋରଂଜନ କାର୍ଯ୍ୟ ପାଇଁ ଡା.ବିଜୟ କୁମାର ସୁବୁଦ୍ଧି, ଡା. ମିରା ପଣ୍ଡା, ଡା. ରାମକୃଷ୍ଣ ସାହୁ, ଅଭ୍ୟର୍ଥନା କମିଟିର ଡା. ସୁକାନ୍ତ କୁମାର ଶତପଥୀ, ଡା.ଇନ୍ଦୁଭୂଷଣ ପଟ୍ଟନାୟକ, ଡା.ପ୍ରଶନ୍ନ କର ଏବଂ ଖାଦ୍ୟ କମିଟିରେ ଡା.ରବିନ୍ଦ୍ର କୁମାର ଗନ୍ତାୟତ, ଡା.ସମୀର କୁମାର ନାୟକ, ଡା.ଅନୀଲ କୁମାର ସାହୁ ଦାୟିତ୍ୱ ବହନ କରି କାର୍ଯ୍ୟନିର୍ବାହ କରୁଛନ୍ତି।

# ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ପୁରୀ ରଥଦାଣ୍ଡରେ ପାନୀୟ ଜଳ ବଣ୍ଟନ

କେନ୍ଦ୍ରାପଡା,୧୧/୦୭ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ପୁରୀ ରଥଦାଣ୍ଡରେ ପାନୀୟ ଜଳ ବଣ୍ଟନ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ରଥ ଟାଣିବା ପାଇଁ ଆସିଥିବା ଭକ୍ତ, ସେବକ, ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ଘଣ୍ଟା ଘଣ୍ଟା ଧରି ନିଜର କର୍ତବ୍ୟ ପାଳନ କରୁଥିବାରୁ ଏହି ଟ୍ରଷ୍ଟ ପକ୍ଷରୁ ସେମାନଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଛି । ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି, ସହ ସଂପାଦକ କେଦାର ସ୍ୱାଇଁ, ଧନୁଆ ସାହୁ, ସତ୍ୟଜିତ କାନୁନଗୋ, ରାକେଶ ବଳ, କାଳନ୍ଦୀ ମଲିକ, ଆକାଶ ଦାସ, ଶ୍ରୀକାନ୍ତ ମହାକୂଳ, ସୌମ୍ୟ ରଞ୍ଜନ ପରିଡା, ମାନସ ରଞ୍ଜନ ଜେନା, ପ୍ରିୟବ୍ରତ ସାହୁ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସାଂସଦ ମହେଶ ସାହୁଙ୍କ ଦ୍ୱାରା ସେବାୟତ ସମ୍ବର୍ଦ୍ଧିତ

ଭୁବନ,୧୧/୦୭ (ନି.ପ୍ର): ଚଳିତ ବର୍ଷ ଭୁବନରେ ରଥଯାତ୍ରା ଓ ବାହୁଡା ଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସଂପନ୍ନ ହୋଇଥିବାରୁ ବରିଷ୍ଠ ସେବାୟତଙ୍କ ସମେତ ସଂକୀର୍ତନ ମଣ୍ଡଳୀ କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଥମ ଥର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସଦ ମହେଶ ସାହୁ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଙ୍କୁ ଦର୍ଶନ କରିଥିଲେ ଓ ପରେ ସୁନାବେଶ ସମ୍ବର୍ଦ୍ଧନା ସଭାରେମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥଯାତ୍ରାରେ ପ୍ରମୁଖ ସେବା, ଶୃଙ୍ଖଳା ଓ ସହଯୋଗ ପାଇଁ ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ, ଅଗ୍ନିଶମ ଅଧିକାରୀ ମନୋରଂଜନ ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ସେବାୟତ ଓ ସଂକୀର୍ତନ ମଣ୍ଡଳୀଙ୍କୁ ପ୍ରଶଂସାପତ୍ର ସହିତ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଦିଲ୍ଲୀପ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଆଦ୍ୟସେବକ ରାମଚନ୍ଦ୍ର ରାଉତ, ବରିଷ୍ଠ ସେବାୟତ ତୁଷାରକାନ୍ତି ମିଶ୍ର, ଉପଦେଷ୍ଟା ଗୋପୀନାଥ ମହାନ୍ତି, କାଉନସିଲର ପପୁ କୁମାର ସାହୁ, ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଲୁପ୍ତ ପ୍ରାୟ ସାଧବ ବୋହୂ (ପାଟ ପୋକ): ଚାଷରେ ରସାୟନିକ ସାର ପ୍ରୟୋଗର ପରିଣାମ

କନ୍ଧମାଳ,୧୧/୦୭ (ନି.ପ୍ର): ଚାଷ ଜମିରେ ବର୍ଷା ଦିନ ଆସିଲେ ନାଲିନାଲି ରଙ୍ଗର କୋମଳ ଶରୀର ଥିବା ଅତି ସୁନ୍ଦର ପାଟ ପୋକ ମାନଙ୍କୁ ଦେଖିବାକୁ ମିଳିଥାଏ । ଏହାକୁ ଦେଖିବାକୁ ଛୋଟଛୋଟ ପିଲା ମାନଙ୍କ ସମେତ ବଡ ଲୋକେ ମଧ୍ୟ ଅତ୍ୟନ୍ତ କୌତୁହଳ ବସତଃ ହାତରେ ଧରି ଥାଆନ୍ତି ଏବଂ ଏହାକୁ ଦେଖି ଆନନ୍ଦିତ ହୋଇ ଥାଆନ୍ତି । ବର୍ଷା ଋତୁରେ ପିଲାବାନେ ଏହାକୁ ଧରି ତାର କୋମଳ ଶରୀରର ସ୍ପର୍ଶ ଜନିତ ଆନନ୍ଦ ନେଇ ଥାଆନ୍ତି । କେବଳ ସେତିକି ନୁହେଁ ସାଧବ ବୋହୁ ନାନମରେ ପରିଚିତ ଏହି ପୋକ ଅଧିକାଂଶ କ୍ଷେତ୍ରରେ ଚାଷ ଜମିରେ ହିଁ ଦେଖିବାକୁ ମିଳି ଥାଏ । କାରଣ ଏହି ପୋକ ବର୍ଷା ଦିନ ହେଲେ ଚାଷ ଜମିରେ ହିଁ ଜନ୍ମ ନେଇ ଥାଏ ଓ ଚାଷ ଜମିରେ ହିଁ ତାର ମଳ ତ୍ୟାଗ କରିବା ସହିତ ବଂଶ ବିସ୍ତାର କରି ଚାଷ ଜମିକୁ ଉର୍ବର କରି ଥାଏ । କିଛି ଦିନ ପରେ ଜମିରେ ହିଁ ତାର ମୃତ୍ୟୁ ଘଟି ଥାଏ । ଫଳରେ ଚାଷ ଜମିରେ ତାର ଶରୀର ଏକ ପ୍ରକାରର ଜୈବିକ ସାର ଭାବରେ କାର୍ଯ୍ୟ କରୁ ଥିଲା ଏବଂ ଚାଷ ଜମିର ଉତ୍ପାଦକତାରେ କୌଣସି କୁ ପ୍ରଭାବ ପଡୁ ନଥିଲ । କିମ୍ବା ଏହା ଦ୍ୱାରା ଉତ୍ପାଦିତ ଶଶ୍ୟକୁ ଖାଇ ଲୋକେ କୌଣସି ପ୍ରକାରର ରୋଗରେ ପଡୁ ନଥିଲେ। ଏହାର ପରିଣାମ ସ୍ୱରୁପ ଜୈବିକ ପ୍ରଣାଳିରେ ଚାଷ ପ୍ରାକୃତିକ ଭାବରେ ହେଉଥିଲା । ସେତେବେଳେ କୌଣସି ରସାୟନିକ ସାରର ଆବଶ୍ୟକତା ପଡୁ ନଥିଲା ବୋଲି ପୁର୍ବରୁ କୃଷିକୁ ନିଜର ଜୀବିକା ଭାବରେ ଧରି ନେଇଥିବା ଲୋକେ କହିଛନ୍ତି । କାଳ କ୍ରମେ କୃଷିରେ ରସାୟନିକ ସାରର ପ୍ରୟୋଗରେ କୃଷିକୁ ଅଧିକ ଅମଳକ୍ଷମ କରିବା ପାଇଁ ଯୋଜନା କରା ଯିବା ଫଳରେ ଏହାର ରସାୟନିକ ପ୍ରଭାବରେ ଏହି ସାଧବ ବୋହୁ (ପାଟ ପୋକ ) ଗୁଡିକ ଲୋପ ପାଇବାରେ ଲାଗିଲେ । ଏହାର କୁ ପ୍ରଭାବରେ ଚାଷ ଜମିର ଉତ୍ପାଦକତା ମଧ୍ୟ ପ୍ରଭାବିତ ହେବା ସହିତ ରସାୟନିକ ସାରର ବ୍ୟବହାର କରାଯାଇଥିବା କୃଷି ଉତ୍ପାଦନ ସାମଗ୍ରୀ ଖାଇ ଲୋକେ କାଳକ୍ରମେ ବିଭିନ୍ନ ଦୁରାରୋଗରେ ମଧ୍ୟ ପିଡିତ ହେବାରେ ଲାଗିଛନ୍ତି । ଏହାର ଦିର୍ଘ ଦିନ ପରେ କୃଷି ବିଭାଗ ଏବଂ କୃଷି ବୈଜ୍ଞାନିକ ମାନେ ରସାୟନିକ ସାରର କୁ ପରିଣାମ ବାବଦରେ ଜଣିବା ପରେ ବର୍ତମାନ କୃଷି ବିଭାଗ ପୁଣି ସେହି ପୁରାତନ ଜୈବିକ କୃଷି ପ୍ରଣାଳିକୁ ଆପଣେଇବାକୁ ଜିଆ ଖତ (ଭର୍ମି କମ୍ପୋଷ୍ଟ) ତିଆରି କରି ତାକୁ ଜୈବିକ ଚାଷରେ ବ୍ୟବହାର କରିବାକୁ ଚାଷି ମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ସେହିପରି ଏହି ସାଧବ ବୋହୁ(ପାଟ ପୋକ)କୁ ଏବଂ କୃଷିରେ କୃଷିପାଇଁ ଯେଉଁ ଉପକାରୀ କୀଟ ମାନେ ସହାୟକ ହେଉଛନ୍ତି ମାନଙ୍କର ବଂଶ ବିସ୍ତାର ଦିଗରେ ଚିନ୍ତା କରିବାର ସମୟ ଆସିଛି । ଯେମିତି ଧାନ ବିଲରେ ମାଛ ମଧ୍ୟ ରହୁଥିଲେ । ସେମାନେ ଫସଲ ପାଇଁ କ୍ଷତି କାରକ କୀଟ ମାନଙ୍କୁ ଖାଇ ଜମିରେ ମଳ ତ୍ୟାଗ କରୁଥିଲେ । ତାହା ମଧ୍ୟ ଏକ ପ୍ରକାରର ଜୈବିକ ସାର ଭାବରେ ଫସଲ ପାଇଁ ସହାୟକ ର କାର୍ଯ୍ୟ କରୁଥିଲା । ହେଲେ ରସାୟନିକ ସାରର ବ୍ୟବହାରରେ, ଏହି ସବୁ ଫସଲ ପାଇଁ ଉପକାରୀ କୀଟ ଧିରେଧିରେ ଲୋପ ପାଇବାରେ ଲାଗିଛନ୍ତି । ସାଧବ ବୋହୁ ଦିନକୁ ଦିନ ଲୋପ ପାଇବାରେ ଲାଗିଛି । ଏହାର ମଧ୍ୟ ପୁନରୁଦ୍ଧାର ଆବଶ୍ୟକ ।

# ଜାତୀୟ ଆନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,୧୧/୦୭ (ନି.ପ୍ର): ଲୋଇସିଂହା ଷ୍ଟାଡିୟମ ଠାରେ ପଶ୍ଚିମ ଓଡିଶା ମହିଳା ସଂଗଠନ ବଲାଙ୍ଗିର ଜାତୀୟ ମହିଳା ଫୁଟବଲ ଖେଳାଳି ଅନିସା କୁମ୍ଭାର ଏବଂ ଆନ୍ତର୍ଜାତୀୟ ଫୁଟବଲ ଖେଳାଳି ନିକିତା ବିଶି ଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସଭା ଆୟୋଜନ କରିଥିଲା । ସଭାନେତ୍ରି ସବିତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର, ସ୍ୱତନ୍ତ୍ର ଅତିଥି ବରିଷ୍ଠ ଆଇନଜିବୀ ତଥା ଷ୍ଟାଡିୟମର ପ୍ରତିଷ୍ଠାତା ସଦସ୍ୟ ଦିଲିପ ବେହେରା ସମ୍ମାନିତ ଅତିଥି, କାଉନସିଲର ତଥା ସଭାପତି ଜିଲ୍ଲା କୁଲି ରାଜମସ୍ତ୍ରୀ ସଂଘ ସଭାପତି ସମ୍ଭୁ ନାଗ, ସଂପାଦିକା ସୁଷମା ବଏ ଯୋଗଦାନ କରିଥିଲେ । ପ୍ରଥମ କରି ଫୁଟବଲରେ ପଶ୍ଚିମ ଓଡିଶାରୁ ଜଣେ ଦଳିତ ଏବଂ ଜଣେ ଆଦିବାସୀ ମହିଳା କୃତିତ୍ୱ ଲାଭ କରିଥିବାରୁ ଆମ ଅଂଚଳ ପାଇଁ ଗୌରବର କଥା ବୋଲି ମତ ପ୍ରକାଶ ପାଇଥିଲା । ଏହି ଦୁଇ ଖେଳାଳିଙ୍କ ଫୁଟବଲ କୋଚ ସ୍ୱଳ୍ପ ଦରମାରେ ଚାକିରି କରୁଥିଲେ ମଧ କିଭଳି ଭାବରେ ଖେଳାଳିଙ୍କୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରକୁ ପହଂଚାଇ ପାରୁଛନ୍ତି ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଶିକ୍ଷା ସହିତ ଖେଳର ଆବଶ୍ୟକତା ରହିଛି କହିଥିଲେ । ସ୍ୱତନ୍ତ୍ର ଅତିଥି ଦୁଇ ଖେଳାଳିର କୃତିତ୍ୱରେ ଖୁସି ହେବା ସଙ୍ଗେ ସଙ୍ଗେ ଏହି ଖେଳାଳିମାନଙ୍କର ସମସ୍ତ ପ୍ରକାର ସୁବିଧା ଅସୁବିଧା ବୁଝିବାକୁ ପ୍ରତିଶୃତି ଦେଇଥିଲେ । ଆଗାମୀ ଦିନରେ ତାଙ୍କ ସହିତ ଯୋଗାଯୋଗ ରଖିବାକୁ ପରମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଦିଲିପ ବେହେରା ଫୁଟବଲ ଖେଳ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମକୁ ଶଙ୍କର ନନ୍ଦ, ହେମ ସୁନ୍ଦର ନାଗ, ତରଣିସେନ ଦିପ ପରିଚାଳନା କରିଥିଲେ । ଶତାଧିକ ମହିଳା, ଖେଳ ପ୍ରେମୀ ଯୋଗଦାନ କରିଥିଲେ ।

# ବୃକ୍ଷ ରୋପଣ କାଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୧୧/୦୭ (ନି.ପ୍ର): ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟ ତରଫରୁ ରବିବାର ବୃକ୍ଷ ରୋପଣ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନୂତନ ତହସିଲ କାଯ୍ୟାଳୟ ପରିସରରେ ଟ୍ରଷ୍ଟର ସଦସ୍ୟ ମାନେ ବୃକ୍ଷ ରୋପଣ କରିଥିଲେ । ଏହି ବୃକ୍ଷ ରୋପଣ କାଯ୍ୟକ୍ରମରେ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା, ରେଞ୍ଜର ରଞ୍ଜିତା ନାୟକ , ଟ୍ରଷ୍ଟର ପ୍ରଫୁଲ କୁମାର ପାଠୀ, ଅମିତା ମଲ୍ଲିକ, ରାଜେନ୍ଦ୍ର ଆଚାରି, ଶୁଭମ ପ୍ରମୋଦ ରାଉଳ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରାଯାଇ କରାଯାଇଥିଲା ।

# ବୃକ୍ଷ ହିଁ ଜୀବନ - ଶପଥ ନେଲେ କୁଲୁତା ସମାଜ ଯୁବ ସଦସ୍ୟ

ବଲାଙ୍ଗିର,୧୧/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଆଗଲପୁର ବ୍ଲକ ଭରସୁଜା ଜଳନ୍ଦର କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ଟି ଚାରା ରୋପଣ କରାଯାଇଥିଲା । ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନୀୟ ଅତିଥି ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନିରୁପମା ପ୍ରଧାନ, ଭରସୁଜା ସରପଂଚ ପ୍ରମିଳା ସାହୁ, ଝରଣିପାଲି ସରପଂଚ ସୁନିତା ସାହୁ, କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ । ଯୁବ କୁଲୁତା ସମାଜର ସମସ୍ତ କାର୍ଯ୍ୟକ୍ରମ ପ୍ରଶଂନିୟ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିବା ବେଳେ ନାରୀ ସମାଜ ମଧ ମୁଖ୍ୟ ସ୍ରୋତକୁ ଆସି କାମ କରିବା ଉଚିତ ବୋଲି ସମ୍ମାନିୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ । ଏ ଅବସରରେ ଅର୍ଚ୍ଚିତା ପାତ୍ରଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଲେଙ୍କା ସାହୁ, ପୂର୍ବତନ ସରପଂଚ ଶ୍ରଦ୍ଧାପାଳି ଜିପି ସଂଜିବ ଭୋଇ, ଲକ୍ଷ୍ମୀକାନ୍ତ ଭୋଇ, କରୁଣା ପାତ୍ର, ପ୍ରେମାନନ୍ଦ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଲ, ଭୁବନେଶ୍ୱର ଭୋଇ, ଅମିତ ବାରିକ, ଦେବାଶିଷ ପ୍ରଧାନ ସମେତ ଆଗଲପୁର ବ୍ଲକର ଅନେକ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅସୀମ ସାହୁ ପରିଚାଳନା କରିଥିବା ବେଳେ ସମାଜସେବୀ ଫଂଚୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଆଗଲପୁର ବ୍ଲକ କୁ ସବୁଜିମା କରିବା ପାଇଁ ସମସ୍ତ ସଦସ୍ୟ ସପଥ ନେଇଥିଲେ ।

# ୪୦୦ ଲିଟର ଦେଶୀ ମଦ ଜବତ : ଜଣେ ଗିରଫ

ବଲାଙ୍ଗିର,୧୧/୦୭ (ନି.ପ୍ର): ବଲାଙ୍ଗିର ପୁଇଁତଳା ବ୍ଲକ ଅନ୍ତର୍ଗତ ଗଇଁତଲା ଗ୍ରାମରେ ସମ୍ବଲପୁର ଅବକାରୀ ବିଭାଗର ଦ୍ୱାରା ଚଢ଼ାଉ କରାଯାଇ ୪୦୦ ଲିଟର ଦେଶୀ ମଦ ଜବତ କରିବା ସହିତ ୨ ଟି ସିଲ ମ୍ୟାସିନ ଜବତ କରିବା ସହିତ ସୁଧାଂଶୁ ନାଗ ୪୦ ବର୍ଷ ନାମକ ଜଣଙ୍କୁ ଗିରଫ କରାଯାଇଛି. ଗିରଫ ବ୍ୟକ୍ତି କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

# ପୁରସ୍କାର ଘୋଷିତ ମାଓବାଦୀ ଗିରଫ : ଦେଶୀ ବନ୍ଧୁକ ଜବତ

ମାଲକାନଗିରି,୧୧/୦୭ (ନି.ପ୍ର): ମାଓବାଦୀ ଗୋଷ୍ଠୀର ଶିବିର ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ଗୁପ୍ତଚର ସୂଚନାକୁ ଆଧାର କରି ଏସଓଜି ଏବଂ ଡିଭିଏଫ ୟୁନିଟକୁ ନେଇ ମିଳିତ ସ୍ୱତନ୍ତ୍ର ଆଂଟି-ନକ୍ସଲ ଅପରେସନ୍ ଆରମ୍ଭ କରାଯାଇଥିଲା ମାଥିଲି ଥାନା ଅନ୍ତର୍ଗତ ଛତିଶଗଡ ରାଜ୍ୟ ସୀମାନ୍ତ ତୁଳସୀ ସଂରକ୍ଷଣ ଜଙ୍ଗଲ ଅଂଚଳରେ। ଜଙ୍ଗଲ ଅଂଚଳରେ ଖୋଜାଖୋଜି କରିବା ସମୟରେ ଯବାନ ମାନେ ଜଣେ ସନ୍ଦିଗ୍ଧ ମାଓବାଦୀ କ୍ୟାଡରକୁ ଧରିଥିଲେ ଏବଂ ତା ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିଲେ। ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହା କହିଥିଲେ। ଆହୁରି ମଧ ସେ କହିଥିଲେ ଯେ, ଯାଂଚ୍ ପରେ ଏହି ମାଓବାଦୀ କ୍ୟାଡର ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର କାଙ୍ଗେରଗୀ ଏରିଆ କମିଟି ଅଧୀନରେ ମହପୁଦର ଏଲଜିଏସର ଲକ୍ଷ୍ମଣ ପଡିଆମୀ ଓରଫ ଲକ୍ଷ୍ମଣ କୁରାମି ପାର୍ଟି ସଦସ୍ୟ ବୋଲି ଚିହ୍ନଟ କରାଯାଇଥିଲା। ତାର ଘର ବସ୍ତର ଜିଲ୍ଲା ଦରଭା ଥାନା ଅନ୍ତର୍ଗତ ଚନ୍ଦାମେଟା ଗ୍ରାମରେ। ମାଲକାନଗିରି ଜିଲ୍ଲା (ଓଡିଶା) ତଥା ଛତିଶଗଡର ଅନେକ ମାମଲାରେ ସେ ଜଡିତ ଅଛି। ସେ ୨୦୧୭ ମସିହାରେ ମାଓ ସଙ୍ଗଠନରେ ଯୋଗ ଦେଇଥିଲା ଏବଂ ମାଓ ସଙ୍ଗଠନରେ ଯୋଗଦେବା ପୂର୍ବରୁ ସେ ମାଓବାଦୀଙ୍କ ପାଇଁ ମିଲିସିଆ ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲା । ତା ନାମରେ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ରହିଛି। ତା ନାମରେ ମାଥିଲି ଥାନା ଟେମୁରୁପାଲ୍ଲୀ ପଚାଂୟତ କାର୍ଯ୍ୟାଳୟ ବିସ୍ଫୋରଣ ଏବଂ୧ ୮/୫ / ୧୯ ସରକାରୀ ସମ୍ପତି ଲୁଟ୍ ଓ ୧ ୭/୧୨/୨୦ ତାଳପଦର ଗାଁର ସୁକୁମାର ମଣ୍ଡଳ ନାମକ ଜଣେ ସାଧାରଣ ନାଗରିକଙ୍କୁ ହତ୍ୟା ମାମଲା ରହିଛି। ସେ ଛତିଶଗଡରେ ମଧ ସକ୍ରିୟ ଥିଲା । ଛତିଶଗଡରେ ମାଓବାଦୀ ହିଂସା ମାମଲାରେ ତାର ସମ୍ପୃକ୍ତି ଯାଂଚ୍ ଚାଲିଛି। ଛତିଶଗଡ ସରକାର ତା ବିରୋଧରେ ନଗଦ ପୁରସ୍କାର ରାଶି ମଧ ଘୋଷଣା କରିଥିଲେ।

# ରକ୍ତ ଭଣ୍ଡାରରେ ଅଧିକ କର୍ମଚାରୀ ନିଯୁକ୍ତି ଓ ନୂତନ ମେଡିକାଲ ନିକଟକୁ ରକ୍ତ ଭଣ୍ଡାର ସ୍ଥାନାନ୍ତର ପାଇଁ ଦାବି

ମାଲକାନଗିରି,୧୧/୦୭ (ନି.ପ୍ର): ରାଜ୍ୟ ସରକାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ନମ୍ବର ଚିକିତ୍ସାଳୟ ଭାବେ ପୁରସ୍କାର ପ୍ରଦାନ କରିଛନ୍ତି । ନୂତନ ସାତ ମହଲା ମେଡିକାଲ ନିର୍ମାଣ କରି ଉନ୍ନତମାନର ରୋଗୀ ସେବା ସହ ଏୟାର ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ବହୁ ନୂତନ ଯୋଜନା କରାଯାଇଥିବା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ଭିତିଭୂମି ଓ କର୍ମଚାରୀ ଅଭାବ ଯୋଗୁଁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ହଇରାଣ ହରକତ ହେଉଥିବା ଜୟ ମାଲକାନଗିରି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସମାଜସେବୀ ରବି ରାଜେଶ ଗୁରୁତର ଅଭିଯୋଗ କରିଛନ୍ତି । ବିଶେଷ କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ରକ୍ତଭଣ୍ଡାର ପ୍ରାୟ ତିନି କିଲୋମିଟର ଦୂରରେ ରହିଛି । ଜିଲ୍ଲାରେ ପ୍ରତିମାସରେ ୪୦୦ ୟୁନିଟ ରକ୍ତର ଆବଶ୍ୟକତା ରହିଛି। ତେବେ ରକ୍ତ ଭଣ୍ଡାରରେ ୨୪ ଘଂଟା କାର୍ଯ୍ୟ କରିବା ପାଇଁ ମାତ୍ର ତିନି ଜଣ ଲ୍ୟାବ ଟେକ୍ନିସିଆନଙ୍କୁ ନିଯୁକ୍ତି ଦିଆଯାଇଛି । ଗୋଟିଏ ୟୁନିଟ୍ ରକ୍ତ ସଂଗ୍ରହ କରିବା ପାଇଁ ଜଣେ ଲାବ ଟେକ୍ନିସିଆନଙ୍କୁ୧୫ ମିନିଟରୁ ଉର୍ଦ୍ଧ୍ୱ ସମୟ ଲାଗୁଛି । ପ୍ରାୟ ୮ଟି ରେଜିଷ୍ଟ୍ରରରେ ସମସ୍ତ ତଥ୍ୟ ଲେଖିବା ପରେ ସେ ରକ୍ତ ସଂଗ୍ରହ କରି ପୁନର୍ବାର ରକ୍ତ ଦେଉଛନ୍ତି । ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ଗୁରୁତର ସମୟରେ ରକ୍ତ ପାଇବାକୁ ହେଲେ ଅଧଘଂଟା ସମୟ ଅପେକ୍ଷା କରିବାକୁ ପଡୁଛି । ଦୈନିକ ୫୦ରୁ ଉର୍ଦ୍ଧ୍ୱ ରୋଗୀ ମାଲକାନଗିରି ରକ୍ତ ଭଣ୍ଡାରକୁ ଆସି ରକ୍ତ ନେଇଥାନ୍ତି । ତେବେ ଘଂଟା ଘଂଟା ଧରି ରୋଗୀର ସମ୍ପର୍କୀୟ ରକ୍ତ ପାଇଁ ଅପେକ୍ଷା କରୁଛନ୍ତି । ଗୁରୁତର ରୋଗୀଙ୍କୁ ଜରୁରୀ ସମୟରେ ରକ୍ତ ମିଳୁନାହିଁ । ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ଦାବି ହେଉଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଏଠାରେ ଅଧିକ ନିଯୁକ୍ତି ଦିଆ ଯାଉନାହିଁ। ଏ ସମ୍ପର୍କରେ ଏଲ୍.ଡି.ଙ୍କୁ ପଚାରିବାରୁ ବିଳମ୍ବ ହେଉଥିବା ନେଇ ସେ ସ୍ୱୀକାର କରିଥିବାବେଳେ ଅଧିକ କର୍ମଚାରୀଙ୍କ ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି । ଜଣେ ମାତ୍ର କର୍ମଚାରୀ ଏହି ସମସ୍ତ କାର୍ଯ୍ୟ କରୁଥିବାରୁ ସମସ୍ୟା ଉପୁଜୁଥିବା ସେ କହିଛନ୍ତି । ରକ୍ତଭଣ୍ଡାରକୁ ମୁଖ୍ୟ ଚିକିତ୍ସାଳୟ ନିକଟକୁ ସ୍ଥାନାନ୍ତର ପାଇଁ ଦାବି ହେଉଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା ସ୍ଥାନାନ୍ତର ହୋଇପାରିନାହିଁ । ତୁରନ୍ତ ରକ୍ତ ଭଣ୍ଡାରରେ ନୂତନ କର୍ମଚାରୀ ନିଯୁକ୍ତି ଦେବାସହ ରକ୍ତ ଭଣ୍ଡାରକୁ ଜିଲ୍ଲା ଚିକିତ୍ସାଳୟ ନିକଟକୁ ସ୍ଥାନାନ୍ତର ପାଇଁ ଦାବି ହୋଇଛି ।

# ଯୋଗୀ ସୁବାସ ମୁନିଙ୍କ ୮୭ତମ ଜୟନ୍ତୀ : ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ



ବେତନଟୀ, ୧୧/୦୭ (ନି.ପ୍ର): ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆସ୍ଥିତ ଶିବମୁନି ଯୋଗାଶ୍ରମରେ ମୁନିସମାଜର ପ୍ରାକ୍ତନ ଅଧକ୍ଷ ତଥା ଜ୍ଞାନଦୀପର ପ୍ରତିଷ୍ଠାତା ସମ୍ପାଦକ ଯୋଗାଚାର୍ଯ୍ୟ ମୁନିଶିରୋମଣି ଯୋଗୀ ସୁବାସ ମୁନିଙ୍କ ୮୭ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି । ଆୟୋଜକ ଯୋଗୀ ସୁବାସମୁନି ସ୍ମୃତିକମିଟି ସଭାପତି ମୁନିମତୀ ତୁଳାମଣି ଭୂୟାଁ ସତ୍ୟ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରି ଆୟୋଜିତ ସଭାକାର୍ଯ୍ୟରେ ଅଧକ୍ଷତାରେ କରିଥିଲେ । ମୁଖ୍ୟଅତିଥି ଭାବେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜର ଅଧକ୍ଷ ମୁନିଶ୍ୱର ପଣ୍ଡିତ ନିରଞ୍ଜନ ମୁନି ମହାରାଜ ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତାଭାବେ ପ୍ରାଧାପକ ଯୋଗୀ ସୁଧାଂଶୁଶେଖର ମୁନି, ସମ୍ମାନିତ ବକ୍ତାଭାବେ ଓଡ଼ିଶା ମୁନିସମାଜର ସହସମ୍ପାଦକ ଯୋଗୀ ଅଭୟ ପଳେଇ, ସମ୍ମାନିତ ଅତିଥି ଭାବେ ଯୋଗୀ ଦାମୋଦର ମୁନି, ଯୋଗୀ ହରେକୃଷ୍ଣ ମୁନି, କେନ୍ଦ୍ରସହ ମନ୍ତ୍ରୀ ଭରତମୁନି, ମୁନିଭାରତୀ ଯୋଗୀ ମଙ୍ଗରାଜମୁନି ପ୍ରମୁଖ ଆଦି ମୁନିଶ୍ୱର ଶିବମୁନି ଓ ଯୋଗୀ ସୁବାସମୁନିଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ର ଏମପିସି ହାଇସ୍କୁଲର ଗୌରବ ସଦୁଆଳ ଏବଂ ବେତନଟୀ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟଙ୍କୁ ସୁବାସ ମୁନି ସ୍ମୃତି ମେଧା ସମ୍ମାନରେ ସମ୍ମାନିତ କରିବା ସହିତ ନଗଦ ଅଢ଼େଇ ହଜାର ଟଙ୍କାର ମେଧାରାଶି ପ୍ରଦାନ କରାଯାଇଥିଲା । ଏଥିରେ ଓଷ୍ଟା ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ବ୍ଲକ୍ ସମ୍ପାଦକ ସୂର୍ଯ୍ୟନନ୍ଦ ନାୟକ ଯୋଗ ଦେଇଥିଲେ । ମୁନିମତୀ ଗୀତାଞ୍ଜଳୀ ଭୂୟାଁ ମାନପତ୍ର ପାଠ କରିଥିଲେ । ଯୋଗୀ ନରୋତ୍ତମ ମୁନି ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ଡ. ଅଳକା ମଞ୍ଜରୀ ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସଂଚାଳକ ରତିକାନ୍ତ ମୁନି, ଅବନୀ ମୁନି, ମୁନିମତୀ ଜୟଶ୍ରୀ ବିଶ୍ୱାଳ, ନିହାରିକା, ଯୋଗୀ ସତୀଶ ମୁନି, ଯୋଗୀ ପରେଶ ମୁନି ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

## ସାପ ଚୋଟରେ ଜୀବନ ଗଲା ଯୁବକର

ବସ୍ତାତା, ୧୧/୦୭ (ନି.ପ୍ର): ମୃତ୍ୟୁ କେତେବେଳେ ଆସିବ କାହାରିକୁ ଜଣା ନଥାଏ ଏମିତି ଏକ ଦୁଖଦ ଘଟଣା ସାମନାକୁ ଆସିଛି ବସ୍ତା ଥାନାର ବ୍ରାହ୍ମଣଦା ଗ୍ରାମର ସୂର୍ଯ୍ୟକାନ୍ତ ମହନ୍ତଙ୍କ ଏକମାତ୍ର ପୁଅ ବ୍ରଜକିଶୋର ମହନ୍ତବୟସ ୨୨ ଘରକାମ ସାରି ଖାଇ ଅପରାହ୍ନ ପ୍ରାଏ ୪ଟା ସମୟରେ ମସିଣାପକାଇ ଶୋଇଥିଲା ହଠାତ ନିଦ ଭାଙ୍ଗିରୁ ଉଠି କହିଲା ମତେ କଣ କାମୁଡା ତାରକିଛି ସମୟ ପରେ କହିଲା ମତେ ଆଉକିଛି ଦେଖାଯାଉନି ଏକଥାଜାଣିପରେ ଘରେ ଲୋକ ପଡିଶା ଲୋକମାନେ ନିକଟସ୍ଥ ବସ୍ତା ଡାକ୍ତଖାନା କୁ ଆଣି ଆସୁ ଚିକିତ୍ସା ଆରମ୍ଭ କରି ଥିଲେ ଚିକିତ୍ସା ସମୟ ରେ ପ୍ରାଣବାୟୁ ଉଡିଯାଇଥିଲା ଏଖର ଟି ପ୍ରଚାରିତ ହେବାପରେ ସ୍ଥାନୀୟ ରାଜ ତେତା ନିଗମାନନ୍ଦ ଗିରି ସଂଜୟ ବୁଗୁଡି, ଚନ୍ଦନ ଯେନା, ପୂର୍ଣ୍ଣଚନ୍ଦ୍ର ଖଟୁଆ ପ୍ରମୁଖ ଡାକ୍ତରରେ ପହଁଚି ପରିବାର ଲୋକଙ୍କୁ ସମବେଦନା ଦେଇଥିଲେ ଏନେଇ ବସ୍ତା ଥାନାରେ ଅପମୃତ ମାମଲା ଡାଏରି ହୋଇଛି ତେବେ ମୃତ ସୂର୍ଯ୍ୟକାନ୍ତ ର ବାପା ନିହାତି ଗରିବଶ୍ରେଣିର ଲୋକ ହୋଇଥିବାରୁ ପୁଅକୁ ନେଇ କେତେ ସପ୍ନ ଦେଖିଥିଲା ସବୁ ସପ୍ନ ଉଭେଇଗଲା ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇବାପାଇଁ ସାଧାରଣରେ ଦାବୀ ହୋଇଛି ।

## ଗ୍ରୀନ୍‌ରେ ଇଣ୍ଟରନେସନାଲ ଚିଟ୍‌ଫଣ୍ଡର ଏମଡି ଝାଡପଡା ଜେଲ୍‌ରେ ମୃତ

ଜଳେଶ୍ୱର, ୧୧/୭(ନି.ପ୍ର): ବହୁ ଚର୍ଚ୍ଚିତ ଚିଟ୍‌ଫଣ୍ଡ ଠକେଇରେ ହଜାର ହଜାର ଜମାକାରୀ ଠକାମୀର ଶୀକାର ହୋଇଥିବା ବେଳେ ଗତ ୫ବର୍ଷ ତଳେ ଜଳେଶ୍ୱରରେ ଥିବା ଗ୍ରୀନ୍‌ରେ ଇଣ୍ଟରନେସନାଲ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଥିଲା । କମ୍ପାନୀର ୩ଜଣ ଏମ୍‌ଡିଙ୍କ ମଧ୍ୟରୁ ମୁଖ୍ୟ ନିର୍ଦ୍ଦେଶକ ତଥା ଜଳେଶ୍ୱର ଶାସନବାର୍ଡ ଅଂଚଳର ମୀର ସହିରୁଦ୍ଦିନ ଓରଫ ଗୋରାକୁ କୋଲକତାର ଦମଦମ ବିମାନଘାଟିରୁ ୨୦୧୭ ଫେବ୍ରୁଆରୀ ୪ ତାରିଖରେ ସିବିଆଇ ଗିରଫ କରିଥିଲା । ଉକ୍ତ କମ୍ପାନୀ ଦେଶର ୧୩ଟି ରାଜ୍ୟରୁ ୧୦୦୦ କୋଟି ଟଙ୍କାର ଠକେଇ କରିଥିବା ବେଳେ ଓଡିଶାରୁ ୫୦୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତି ସମୟରେ ଜଳେଶ୍ୱର ଠାରେ ଥିବା କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ସିଲ କରାଯିବା ସହିତ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ଲାଗି ପ୍ରକିୟା ଆରମ୍ଭ କରାଯାଇଥିଲା । ମାତ୍ର ରବିବାର ଭୋର ସାଢେ ୪ଟାରେ ଜେଲ ଶୌଚାଳୟରେ ଗୋରା ଅଚେତ ଅବସ୍ଥାରେ ପଡିଥିବା ଦେଖି ଅନ୍ତେବାସୀମାନେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍‌ପିଟାଲକୁ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାର ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଶୌଚାଳୟରେ ଗୋଡ ଖସି ଏପରି ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି । ହୃଦ୍‌ଘାତ ଯୋଗୁଁ ଏପରି ମଧ୍ୟ ହୋଇଥାଇପାରେ ବୋଲି କୁହାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ପ୍ରକୃତ କାରଣ ଜଣାଯିବ ବୋଲି ପୁଲିସ୍ କହିଛି । ଲକ୍ଷ୍ମୀସାଗର ଥାନା ପୁଲିସ୍ ୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି । ମୃତ୍ୟୁ ପୂର୍ବଦିନ ତାର ପରିବାର ସହିତ ଫୋନ ଯୋଗେ କଥା ହୋଇଥିବା ସଂପର୍କରେ ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏପରି ଖବର ପ୍ରଚାରିତ ହେବା ପରେ ଜମାକାରୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି ।

## ବାଲିକୁଟି ସେବା ସମବାୟ ସମିତିର ସଭାପତି ଏବଂ ଉପସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ବାଲିଆପାଳ, ୧୧/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ସେବାସମବାୟ ସମିତିର ସଭାପତି ଓଉପସଭାପତି ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ।ପୂର୍ବରୁ ଭାପତି ଭାବେ ସମିତିର ନିର୍ଦ୍ଦେଶକ ଗୋପାଳକୃଷ୍ଣ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ଆଜି ଅନ୍ୟତମ ନିର୍ଦ୍ଦେଶକ ଅନୀତା ଧଳ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା,ବାଲିକୁଟିପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର ଧଳ,ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ ସମେତ କୀର୍ତନ ଧଳ, ଅକ୍ଷୟ କୁମାର ଭୂୟାଁ, ମୃତ୍ୟୁଞ୍ଜୟ ନାୟାକ, ନିତ୍ୟାନନନ୍ଦ ପାଣିଗ୍ରାହୀ, ମୀନକେତନ ଦାସ ମହାପାତ୍ର,ନିତ୍ୟାନନ୍ଦ ଦାସା ମହାପାତ୍ର, ବଳରାମ ପ୍ରଧାନ, ଭଗବାନା ଗିରି, ହରେନ୍ଦ୍ର ବେହେରା, ସୁଶାନ୍ତ ଜେନା, ବାପି ଜେନା, ପ୍ରଦୀପ ଜେନା, ହରିହର ଜେନା ସମେତ ବହୁ ଭଦ୍ରବ୍ୟକ୍ତି ଉପପସ୍ଥିତ ହୋଇ ନବନିର୍ବାଚିତ ସଭାପତି, ଉପସଭାପତି ଏବଂ ସମସ୍ତ ନିର୍ଦ୍ଦେଶକ ମାନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧୀତ କରିଥିଲେ ।

## ଓଷ୍ଟାର ଜଳେଶ୍ୱର ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ

ଜଳେଶ୍ୱର, ୧୧/୭(ନି.ପ୍ର) : ଆଜି ଅପରାହ୍ନରେ ଓଷ୍ଟାର ଜଳେଶ୍ୱର ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ତଥା ଜଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ସଭାପତିତ୍ୱ କରି ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ବ୍ଲକର ଏ-୧ ପାଇଥିବା ଶିକ୍ଷାର୍ଥୀ ମାନଙ୍କୁ ସମ୍ବର୍ଦ୍ଧନା, ପ୍ରତିଭା ଅନ୍ୱେଷଣ-୨୨, ଲାଇବ୍ରେରୀ ବହି, ଉତ୍କର୍ଷ ବହି ବଣ୍ଟନ ଓ ବିଭିନ୍ନ ପ୍ରକାର ୟୁସି ସଂପର୍କରେ ଆଲୋଚନା କରିଥିଲେ । ସଂପାଦକ ଡ. ଅଜିତ୍ ମହାନ୍ତି ପରିଚାଳନା କରିଥିବା ବେଳେ ଜିଲ୍ଲା ସଂପାଦକ ମନୋରଂଜନ ଦାସ, ରଶ୍ମିରେଖା ଦାସ, ମନୋଜ ମହାନ୍ତି, ଅଜୟ ଦାସଙ୍କ ସହିତ ବ୍ଲକର ବହୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଓଷ୍ଟା ସଭ୍ୟମାନେ ଉପସ୍ଥିତ ଥିଲେ ।

## ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା, ୧୦/୦୭ (ନି.ପ୍ର): ବାଲିପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୬୮ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ସମସ୍ତ ୬୮ଟି ଅଭିଯୋଗ ବ୍ୟକ୍ତିଗତ ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷ ରେ ୧ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଆଜି ପଞ୍ଚାୟତ ସମିତି ବାଲିପାଟଣା ପରିସରରେ ଅନୁଷ୍ଠିତ ହୋଇଥିବା ଏହି ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢ଼ୀ, ଉପଜିଲ୍ଲାପାଳ ଶ୍ରୀ ଦେବ୍ରବ୍ରତ ସାହୁ,ବିଡିଓ ଶ୍ରୀ ଆଦିକନ୍ଦ ବେହେରା, ତହସିଲଦାର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ୨୦୩ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୧/୦୭ (ନି.ପ୍ର): ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢ଼ିବାରେ ଲାଗିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୨୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୯୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୯ ହଜାର ୦୬୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୫୬ ହଜାର ୯୯୭ ଜଣ ସୁସ୍ଥ ହୋଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଡ଼ିଆ ସଂସ୍କରଣ 'ଅମିତ ଶାହ....

ମହାପ୍ରଭୁଙ୍କ ପ୍ରତି ଲୋକମାନଙ୍କ ଆସ୍ଥା କିପରି ଅତୁଟ ରହିବ, ତାହାର ମୁଖ୍ୟ ବିନ୍ଧାଣୀ ସାଜିଥିଲେ ମୋଦି ଓ ଶାହ । ସେହି ଘଟଣା ପରେ ଜନଆସ୍ଥା ପାଇଁ ଆଜି ପୃଥିବୀରେ ବିଜେପି ଏକ ସଶକ୍ତ ରାଜନୈତିକ ସଂଗଠନ ପାର୍ଟି ଭାବେ ଉଭା ହୋଇଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଅମିତ ଶାହ ଦେଶର ଜଣେ ବଳିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ । ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଦାୟିତ୍ୱରେ ଥିବା ବେଳେ ଓଡ଼ିଶାର ସଂଗଠନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ପ୍ରତି ବ୍ଲକର କାର୍ଯ୍ୟକର୍ତ୍ତାଙ୍କ ସହ ଶାହ କଥା ହୋଇ ରଣନୀତି ପ୍ରସ୍ତୁତ କରୁଥିଲେ । ଓଡିଶାର ସଙ୍ଗଠନାତ୍ମକ ଶକ୍ତି ବୃଦ୍ଧି ସେହି ସମୟରେ ହୋଇଥିଲା । ରାଜ୍ୟରେ ବିଜେପି ତିନି ନମ୍ବରରୁ ଦୁଇ ନମ୍ବର ଦଳ ହୋଇଛି ଏବଂ ବିରୋଧୀ ଦଳ ଭାବେ ସ୍ୱୀକୃତି ପ୍ରାପ୍ତ ନେତୃତ୍ୱ ମଧ ବିଜେପିକୁ ମିଳିଛି । ଏଥିରୁ ଶାହଙ୍କ ଓଡ଼ିଆ ଜନଜୀବନ ପ୍ରତି ଭଲ ପାଇବାର ପ୍ରମାଣ ଓ ଦୃଢ଼ ସଂଗଠକର କୃତିତ୍ୱକୁ ଦର୍ଶାଉଛି । ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ ରଖିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପରେ ଶାହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି ।

## ଜୁଲାଇ ୨୧ରେ ଇଡିରେ....

ସମ୍ମୁଖରେ କଂଗ୍ରେସ କର୍ମୀମାନେ ହଙ୍ଗାମା କରିଥିଲେ । ପରିସ୍ଥିତି ଅଣାୟତ୍ତ ହେବାରୁ ବିକ୍ଷୋଭକାରୀଙ୍କୁ ପୁଲିସ ଗିରଫ କରିଥିଲା । ନ୍ୟାସନାଲ ହେରାଲଡ୍ ମାମଲାରେ ପୂର୍ବରୁ ସୋନିଆ ଗାନ୍ଧିଙ୍କୁ ଜୁନ୍ ୮ ତାରିଖରେ ହାଜର ପାଇଁ ନୋଟିସ ହୋଇଥିଲା । କିନ୍ତୁ ଜୁନ ୧ରେ ସେ କୋଭିଡରେ ସଂକ୍ରମିତ ହୋଇ ସମୟ ମାଗିଥିଲେ । ବିଜେପି ନେତା ସୁବ୍ରମନିୟନ୍ ସ୍ୱାମୀଙ୍କ ଅଭିଯୋଗ ପରେ ନ୍ୟାଶନାଲ ହେରାଲ୍ଡ ମାମଲା ସାମ୍ନାକୁ ଆସିଥିଲା ।ସୋନିଆ ଗାନ୍ଧି ଓ ତାଙ୍କ ପୁଅ ରାହୁଲ ଗାନ୍ଧି ଏକ କମ୍ପାନୀ ପ୍ରତିଷ୍ଠା କରିବା ସହ ୯୦ କୋଟିର ଋଣଭାରରେ ବୁଡ଼ିଥିବା ଏଜେଏଲ୍‌ର ମାଲିକାନାକୁ ନିଜ ହାତକୁ ନେଇଥିଲେ । ୟଙ୍ଗ ଇଣ୍ଡିଆ ଲିଃ କମ୍ପାନୀ ଏହାକୁ କିଣିଥିଲା । ୟଙ୍ଗ ଇଣ୍ଡିଆ ଲିଃର ନିର୍ଦ୍ଦେଶକ ରାହୁଲ ଗାନ୍ଧି ରହିଥିଲେ । ତେବେ ଏଜେଏଲ୍‌ର ଶେୟାର ହୋଲ୍ଡରମାନଙ୍କୁ କମ୍ପାନୀର ମାଲିକାନା ପରିବର୍ତ୍ତନ ବେଳେ କୌଣସି ପ୍ରକାରର ନୋଟିସ ପଠା ଯାଇନଥିବା ଅଭିଯୋଗ ହୋଇଛି । ସୁବ୍ରମନିୟନ୍ ସ୍ୱାମୀ କହିଥିଲେ ଯେ ୟଙ୍ଗ ଇଣ୍ଡିଆ ଲିଃ ବେଆଇନ ଭାବେ ଏଜେଏଲର ସମ୍ପତ୍ତି ଦଖଲ କରିଥିଲା । ଏହା ମଧ୍ୟରେ ନ୍ୟାଶନାଲ ହେରାଲ୍ଡ ମଧ ରହିଥିଲା । ଏପରି କି ବେଆଇନ ଭାବେ କମ୍ପାନୀ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ହଡ଼ପ କରିଥିବା ସୁବ୍ରମନିୟନ୍ ସ୍ୱାମୀ ଅଭିଯୋଗ କରିଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କ ସମର୍ଥନ....

ଉପସ୍ଥିତି ରହିଥିଲେ । ସଞ୍ଜୟ ଯାଦବ, ସଞ୍ଜୟ ମାଣ୍ଡଲିକ ଓ ହେମନ୍ତ ପାଟିଲ ବୈଠକକୁ ଆସି ନାହାନ୍ତି । ତେବେ ସେମାନେ ଦଳୀୟ ନେତୃତ୍ୱଙ୍କ ନିଷ୍ପତ୍ତିରେ ଏକମତ ରହିଛନ୍ତି । ଦ୍ରୌପଦୀ ମୁର୍ମୁ ଏନଡିଏର ପ୍ରାର୍ଥୀ । କିନ୍ତୁ ସେ ଜଣେ ଆଦିବାସୀ ମହିଳା । ଦଳର ସବୁ ସାଂସଦ ତାଙ୍କୁ ସମର୍ଥନ ଦେବାକୁ ବୈଠକରେ ମତ ରଖିଛନ୍ତି ।

## ବିଜେବି କଲେଜ ସମ୍ମୁଖରୁ ରୁଚିକାଙ୍କ ....

ଅନଶନ ସ୍ଥଳରୁ ଉଠାଇ ନେଇଛି ପୋଲିସ । ଆଜି ସକାଳୁ ରୁଚିକାଙ୍କ ମାଆଙ୍କ ସହ ଅନ୍ୟମାନେ କଲେଜ ଗେଟ୍ ସମ୍ମୁଖରେ ଆସି ଧାରଣା ଦେଇଥିଲେ । ଧାରଣା ଦେବା କ୍ଷଣି ପୋଲିସ ରୁଚିକାଙ୍କ ମାଆ ଓ ଅନ୍ୟମାନଙ୍କୁ ଘୋଷାଡ଼ି ଘୋଷାଡ଼ି ନେଇଥିଲା । ବଳପୂର୍ବକ ପୋଲିସ ସେମାନଙ୍କୁ ଧାରଣାସ୍ଥଳରୁ ଉଠାଇନେଇଛି । ଗତକାଲି ରାତିରେ ବିଜେବି କଲେଜ ଆଗରେ ଟେଂଟ ଭାଙ୍ଗିବା ସହ ନବ ନିର୍ମାଣ ଯୁବ ସଂଗଠନର ସଦସ୍ୟ ମନୋହର ଅଲ୍ଲୀ ଓ ରୁଚିକାଙ୍କ ଭାଇକୁ ଉଠାଇ ନେଇଥିଲା ପୋଲିସ ।

## ୧୬ ବିଧାୟକଙ୍କୁ ଅଯୋଗ୍ୟ....

ଘୋଷଣା ମାମଲାରୁ ଶୁଣାଣି ପୂର୍ବରୁ ନୂଆ ବାଚସ୍ପତି ରାହୁଲ ନରୱେକର ଉଦ୍ଧବ ଠାକରେ ଏବଂ ତାଙ୍କ ପୁଅ ଆଦିତ୍ୟ ଠାକରେଙ୍କୁ ଛାଡି ତାଙ୍କ ଗୋଷ୍ଠୀର ଥିବା ବାକି ୧୨ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନେଇ ନୋଟିସ୍ ଜାରି କରିଥିଲେ । ଯାହା ଉପରେ ରୋକ ଲଗାଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଦୁଇ ପକ୍ଷ ପକ୍ଷରୁ ବିଧାୟକଙ୍କ ଅଯୋଗ୍ୟ ଘୋଷଣା ମାମଲାର ଶୁଣାଣି ହେବାକୁ ଥିବା ବେଳେ ସୋମବାର ନିର୍ବାଚନ କମିଶନଙ୍କ ପାଖକୁ ଯାଇଛନ୍ତି ଉଦ୍ଧବ ଠାକରେ । ଯଦି ସିନ୍ଦେ ଶିବସେନାର ଦଳୀୟ ଚିହ୍ନ 'ଧନୁ, ତୀର'ର ଦାବିଦାର ବୋଲି ଦାବି କରନ୍ତି, ତେବେ କୌଣସି ନିର୍ଦ୍ଦେଶ ନ ଦେବାକୁ ସର୍ତକ କରାଯାଇଛନ୍ତି ଉଦ୍ଧବଙ୍କ ଗୋଷ୍ଠୀ ।

## ଜାରି ରହିବ....

ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୮ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ କଟକ, ଢେଙ୍କାନାଳ, ଅନୁଗୁଳ, ମୟୂରଭଂଜ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, ଯାଜପୁର, ନୟାଗଡ଼, ଭଦ୍ରକ, ବଲାଙ୍ଗୀର, ସୋନପୁର, ପୁରୀ, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।

## ତାମିଲନାଡୁ ରାଜନୀତିରେ....

ବୋଲି ସୁପ୍ରିମ୍ କୋର୍ଟ ନିର୍ଦ୍ଦିଷ୍ଟ ଭାବେ କହି ସାରିଥିବାରୁ ଏହା ଉପରେ ରହିତାଦେଶ ଜାରି କରିବା ହାଇକୋର୍ଟ ପାଇଁ ଉଚିତ ହେବନାହିଁ । ସୂଚନା ଅନୁଯାୟୀ ଆଜି ସକାଳେ ଚେନ୍ନାଇର ରୟାପେଟ୍ଟାରେ ଥିବା 'ଏଆଇଏଡିଏମ୍‌କେ'ର ମୁଖ୍ୟାଳୟରେ 'ଇପିଏସ୍' ଏବଂ 'ଓପିଏସ୍' ସମର୍ଥକମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ସକାଳେ 'ଓପିଏସ୍' ମୁଖ୍ୟାଳୟରେ ପହଞ୍ଚିଥିବା ବେଳେ 'ଇପିଏସ୍' ସାଧାରଣ ପରିଷଦ୍ ବୈଠକରେ ଯୋଗ ଦେବାକୁ ଚେନ୍ନାଇର ବନଗରମକୁ ଯାଇଥିଲେ । ବୈଠକରେ ଇପିଏସ୍ ଦଳର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି ।

## ଉତ୍ସର୍ଗୀକୃତ ଭାବନା ମଣିଷକୁ ଅମରକରେ



ଭଦ୍ରକ, ୧୦/୦୭ (ନି.ପ୍ର): ଗରଦପୁର ଗ୍ରାମର ଅବସରପ୍ରାପ୍ତ ଜଳସେଚନ କର୍ମଚାରୀ, ସମାଜସେବୀ, ଗୁଣୀ, ଅମାୟିକ, ଧର୍ମପ୍ରାଣ ସରଳ ବ୍ୟକ୍ତିତ୍ୱ ସ୍ୱର୍ଗତ ନାରାୟଣ ବହଳୀଙ୍କ ପାଇଁ ଏକ ଶୋକସଭା ଶ୍ରୀଯୁକ୍ତ ଲକ୍ଷ୍ମଣ ମହାନ୍ତିଙ୍କ ପୌରୋହିତ୍ୟରେ ଭାଗୀରଥି ପାଠାଗାର ଗୃହରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ହରି ନାରାୟଣ ମଧ୍ୟ ଇଂରାଜୀ ବିଦ୍ୟାଳୟର ସଂପାଦକ ଦାୟିତ୍ୱ ହେଉ କି ଭାଗିରଥି ପାଠାଗାରର ପୁନରୁଦ୍ଧାର କାର୍ଯ୍ୟ,ଭାଗବତ ସପ୍ତା ନହେଲେ ଗ୍ରାମ୍ୟ ରାସ୍ତାକୁ ସରସ ସୁନ୍ଦର କରିବାପାଇଁ ସେ ବହୁବିଧ କାର୍ଯ୍ୟ କରିଥିଲେ । ସର୍ବୋପରି ଗ୍ରାମରେ ଆରମ୍ଭ ହୋଇଥିବା ଦୁର୍ଗା ପୂଜା କମିଟିକୁ ମାଆଙ୍କ ଘର ନିମିତ ନିଜର ବହୁମୂଲ୍ୟ ଜମିରୁ ମଧ୍ୟ ସେ କିଛି ଦାନ କରିଥିଲେ । ସେ ଏକାଧାରରେ ଜଣେ ସଫଳ କଳାକାର ମଧ୍ୟଥିଲେ ।ବିବିଧ କ୍ଷେତ୍ରରେ ଗ୍ରାମର ତଥା ସମାଜର ଉନ୍ନତି ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ନିରନ୍ତର ପ୍ରୟାସ ଓ ଉତ୍ସର୍ଗୀକୃତ ଭାବନା ନାରାୟଣ ବହଳୀ(ଗୁଲାନନା)ଙ୍କୁ ଅମର କରି ରଖିବ ବୋଲି ସ୍ମୃତି ସଭାରେ ଉପସ୍ଥିତ ଗ୍ରାମବାସୀ ଶ୍ରୀ ରାମଚନ୍ଦ୍ର କର, ରବିନାରାୟଣ ଜେନା, କୈଳାସ ଦାସ, ପୂର୍ଣ୍ଣଚନ୍ଦ୍ର ବହଳୀ, ବିଜୟ ଅଗସ୍ତି, ମଧୁସୂଦନ ତ୍ରିପାଠୀ, ହୃଷିକେଶ ମହାନ୍ତି, ସରୋଜ ମହାପାତ୍ର, ଜଗବନ୍ଧୁ ମିଶ୍ର, ଅକ୍ଷୟ ପାଣିଗ୍ରାହୀ, ପ୍ରଦ୍ୟୋତନ ସୁଆର, ଅଶୋକ ଦାସ, ସୁବାଷ ଦାସ, ନବ ପଣ୍ଡା, ଅମୂଲ୍ୟ ପାଢ଼ୀ, ହରିହର ମହାନ୍ତି, ବିଜୟ ବହଳୀ ପ୍ରମୂଖ ତାଙ୍କର ସ୍ମୃତିଚାରଣ କରିଥିଲେ । ଶେଷରେ ଗ୍ରାମ୍ୟ ବିକାଶ ସମିତିର ସଂପାଦକ ହୃଷିକେଶ ମହାନ୍ତି ସମସ୍ତଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ ।

# ଏବେ ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉ ନାହାନ୍ତି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୧/୦୭ (ନି.ପ୍ର): ସମଗ୍ର ଦେଶରେ ସଂକ୍ରମଣ ବଢ଼ିଥିବା ବେଳେ ଆମ ରାଜ୍ୟରେ ବି ଏବେ ୫ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ହେଲେ ଏବେ ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉ ନାହାନ୍ତି । ପ୍ରଥମ ଓ ଦ୍ୱିତୀୟ ଲହରରେ ୧୫% ଲୋକ ମେଡିକାଲ ଯାଉଥିଲେ । ଏବେ ୩୩୬୦ ଆକ୍ଟିଭ କେସରୁ ୨୮ ଜଣ ହସ୍ପିଟାଲରେ ରହିଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି । ସେ କହିଛନ୍ତି ଅଧିକାଂଶ ଲୋକ ବିନା ଲକ୍ଷଣଯୁକ୍ତ ରହୁଥିବା ବେଳେ ଗୁରୁତର ହେଉନାହାନ୍ତି । ଗତ ୪ ମାସ ହେବ ରାଜ୍ୟରେ ଆଉ ଡେଲଟାର ଉପସ୍ଥିତି ନାହିଁ । ମାତ୍ର ଲକ୍ଷଣ ଥିଲେ ପରୀକ୍ଷା କରି ଆଇସୋଲେଟ ହୋଇ ରୁହନ୍ତୁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଆମ ରାଜ୍ୟର ଉପରମୁହାଁ ହେଉଥିବା ଟ୍ରେଣ୍ଡ କିଛି ପରିମାଣରେ ବଢ଼ିବ, ମାତ୍ର ସେପରି ଭୟଙ୍କର ହେବ ନାହିଁ । ଯାହା ଅନୁମାନ କରାଯାଉଛି, ଏହା ବେଶୀ ଦିନ ରହିବ ନାହିଁ । ଖୁବ୍ ଶୀଘ୍ର ତଳମୁହାଁ ହେବ । ଘରୋଇ ହସ୍ପିଟାଲରେ କୋଭିଡ ପରୀକ୍ଷା ଲାଗି ଅଧିକ ଟଙ୍କା ନିଆଯାଉଥିବା ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରତିକ୍ରିୟା ରଖି କହିଛନ୍ତି, ସରକାରୀ ବ୍ୟବସ୍ଥାରେ କୋଭିଡ ପରୀକ୍ଷା ମାଗଣାରେ ହେଉଛି ।

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ବାହୁଡ଼ା ଯାତ୍ରା ଶେଷ

ନୀଳଗିରି, ୧୧/୦୭ (ନି.ପ୍ର): ନୀଳଗିରି ର ବଡ଼ଦାଣ୍ଡ ସଙ୍କରାଖୁଂଟା ପୋଖରୀ ପାର୍ଶ୍ୱ ଅର୍ଥାତ୍ ଅଧାବାଟରେ ବାହୁଡ଼ା ଯାତ୍ରାର ରଥ ଅଟକି ରହିଥିଲା । ସୋମବାର ଅପରାହ୍ନ ୩.୩୦ମି. ସମୟରେ ରଥକୁ ଭକ୍ତମାନେ ଜୟଜଗନ୍ନାଥ ଧ୍ୱନି ଦେଇ ଢ଼ୋଲ, ମହୁରୀ, ଶଂଖ, ହୁଳାହୁଳି ପକାଇ,ଘଂଟ ବାଜାର ତାଳେ ତାଳେ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖ ରେ ପହଂଚାଇଥିଲେ । ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ଶେଷହୋଇଛି । ଦ୍ୱିତୀୟ ଦିନ ବା ଶେଷ ଦିନ ରଥ ଟଣାରେ ଭକ୍ତମାନେ ଶ୍ରୀ ମନ୍ଦିର ଆଡ଼କୁ ଟାଣିଥିବା ବେଳେ ବଡ଼ଦାଣ୍ଡଟି ଜନସମୁଦ୍ର ସହ ଜୟଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡଟି ପ୍ରକମ୍ପିତହୋଇ ଉଠିଥିଲା । ଶ୍ରୀ ମନ୍ଦିର ସମ୍ମୁଖରେ ରଥ ରହିବା ପରେ ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ହଜାର ହଜାର ଶ୍ରଦ୍ଧାଳୁ ଲମ୍ୱା ଲାଇନରେ ରଥ ଉପରେ ଚଢ଼ି ଭକ୍ତ ମହାପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଏକାଠି ହୋଇଥିଲେ । ଦିନ ତମାମ ଲଘୁଚାପ ବର୍ଷାକୁ ଖାତିର ନ କରି ଆରାଧ ଦେବତା ଜଗତର ନାଥ କାଳିଆ ସାଆନ୍ତଙ୍କ ପାଦପଦ୍ମରେ ଧଣ୍ଡା ଟିଏ ଚଢ଼ାଇ ହାତ ଟେକି ନିଜର ଦୁଃଖ କଷ୍ଟ କାଳିଆକୁ ସମର୍ପିତ ଦେଇଥିଲେ ତ ଆଉ କିଏ ଭାବବିହ୍ୱଳ ହୋଇ ଛଳ ଛଳ ଆଖିରେ କାଳିଆ ଶ୍ରୀମୁଖକୁ ଅନାଇ ଥିଲେ । ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଓ ଉପଖଣ୍ଡ ଭାରପ୍ରାପ୍ତ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥ ପରିଚ୍ଛଳନା କରୁଥିବା ବେଳେ ଅଧାପକ ପ୍ରଦୀପ୍ତ ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି ଧାରା ବିବରଣୀ କାର୍ଯ୍ୟକ୍ରମ ଜାରି ରଖିଥିଲେ । ରଥ ଉପରେ ଠାକୁରଙ୍କ ନିକଟରେ ବିଭିନ୍ନ ନୀତିକାନ୍ତି ମଧ ହୋଇଥିଲା । ପରମ୍ପରା ଅନୁସାରେ ୨ଦିନ ଧରି ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଭକ୍ତ, ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀମାନେ ଗୁଣ୍ଡିଚ୍ଛା ମନ୍ଦିର ନିକଟରୁ ରଥ ଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ସଂଙ୍କରାଖୁଂଟା ପୋଖରୀ ସମ୍ମୁଖରେ ରଥକୁ ପହଂଚାଇଥିଲେ । ରଥ ଉପରେ ତିନି ଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ସୋମବାର ଅପରାହ୍ନରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ପହଂଚିଥିଲା । ନୀଳଗିରି ରଥଯାତ୍ରା ବହୁ ବର୍ଷ ଧରି ହୋଇ ଆସୁଥିବାରୁ ଏହା ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତ ହୋଇ ପାଳିତ ହୋଇଆସୁଛି । ମାତ୍ର ପୁରୀରେ ମହାପ୍ରଭୁଙ୍କ ଗୋଟିଏ ଦିନରେ ପହଣ୍ଡି ଓ ରଥଟଣା ହୋଇ ଶ୍ରୀମନ୍ଦିର ପହଂଚିଥିବା ବେଳେ ନୀଳଗିରିରେ ପହଣ୍ଡି ଓ ରଥଟଣା ୩ଦିନ ଧରି ହୋଇଥାଏ । ଏହି ବାହୁଡ଼ା ଯାତ୍ରାରେ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ବିଜେଡି ନେତା ସନ୍ତୋଷ ଖଟୁଆ, ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ଏସ.ଡି.ପି.ଓ. ରିତେଶ ମହାପାତ୍ର, ଆଇ.ଆଇ.ସି., ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପଧକ୍ଷା ଜ୍ୟୋର୍ତିମୟ ପୁଥାଳ , ସମାଜସେବୀ ବାପି ଦାସ , ବାବୁଲି ରାଉତ, ଗଙ୍ଗାଧର ମିଶ୍ର, ମାନିଆ ଦ୍ୱିବେଦୀ ପ୍ରମୁଖ ବାହୁଡ଼ା ଯାତ୍ରାରେ ସାମିଲ ହୋଇଥିଲେ । ବହୁସଂଖ୍ୟାରେ ଲୋକେ ସ୍ଥାନୀୟ କେ.ସି.ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ପଡ଼ିଆରେ ଦେଖିବାକୁ ମିଳିଥିଲା । ବାହୁଡ଼ା ଯାତ୍ରାର ଶେଷ ଦିନର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ଏସବୁକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଜଣେ ଏଡ଼ିସନାଲ ଏସ.ପି., ୨ଜଣ ଏସ.ଡି.ପି.ଓ. , ୩୦ଜଣ ଅଫିସର, ୫ପ୍ଲାଟୁନ ଫୋର୍ସ ଓ ଗୃହରକ୍ଷୀ ସାମିଲ କରାଯାଇଥିଲା । ଚଳିତବର୍ଷ ରଥଯାତ୍ରାରେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଉପଖଣ୍ଡ ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିବା ଦେଖିବାକୁ ମିଳିଛି ।

# ପ୍ରହସନ ପାଲଟିଲା ବିଜୁ ସ୍ୱାସ୍ଥ୍ୟ କାର୍ଡ : ଚିକିତ୍ସା ପାଇଁ ଗୋରୁ, ଗାଈ, ଛେଳି ବିକ୍ରୀ କଲେ ମଣୟ ସିଂ



ଉଦଳା, ୧୧/୦୭ (ନି.ପ୍ର): ରୋଗ ହେଲେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଗରିବ ଲୋକଙ୍କ ପାଇଁ ଅମୂଲ୍ୟ ସଂପଦ । କାରଣ ଏହି କାର୍ଡ ଥିଲେ ସରକାର ଚିକିତ୍ସା ପାଇଁ ମୋଟା ଅଙ୍କରେ ଅର୍ଥ ଯୋଗାଇ ଦେଉଛନ୍ତି ବୋଲି ବହୁଳ ଭାବରେ ପ୍ରଚାର ଚାଲିଛି । କିନ୍ତୁ ଏହା ଯେ ଏକ ପ୍ରହସନ ତାହା ପ୍ରମାଣିତ ହୋଇଛି କପ୍ତିପଦା ବ୍ଲକର ଲାବଣ୍ୟଦେଇପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗଣ୍ଡସାହିର ବାସିନ୍ଦା ମଣୟ ସିଂଙ୍କ କ୍ଷେତ୍ରରେ । ମଣୟ ସିଂକୁ ବର୍ତ୍ତମାନ ବୟସ ୬୩ ବର୍ଷ ଛୁଇଁଲା । ଦିନ ମଜୁରୀଆ ଭାବରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ମଣୟଙ୍କର କିଛି ଦିନ ପୂର୍ବରୁ ଦେହ ଅସୁସ୍ଥ ହେବାରୁ ସେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ଆମ୍ବୁଲାନ୍ସ ତାଙ୍କୁ ଘରୁ ଆଣି ଉଦଳା ସ୍ଥିତ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ପହଞ୍ଚାଇଥିଲା । ଏଠାରେ କିଛି ଦିନ ଚିକିତ୍ସା ପରେ ଡ଼ାକ୍ତର ତାଙ୍କର କିଡନୀ ଖରାପ ହୋଇଯାଇଥିବାର ଜଣାଇଥିଲେ । ତେବେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଆପୋଲ ହସପିଟାଲକୁ ଯିବା ପାଇଁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ଆପୋଲ ହସ୍‌ପିଟାଲରେ ସେ ଚିକିତ୍ସାଧୀନ ଅଛନ୍ତି । ଏଠାରେ ଔଷଧ କିଣିବା ପାଇଁ ତାଙ୍କୁ ପ୍ରତି ମାସ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏତିକି ବେଳେ ବିଜୁ ସ୍ୱାସ୍ଥ୍ୟ କାର୍ଡ କାମରେ ଆସିବ ବୋଲି କହି ସେ ଏହା ଡ଼ାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦେଖାଇଥିଲେ । ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଉକ୍ତ କାର୍ଡରେ ଆମେ ଟଙ୍କାଟିଏ ମଧ ସାହାଯ୍ୟ ଦେଇ ପାରିବୁ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଲେ । ଫଳରେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ମଣୟ ଅନ୍ୟ ଉପାୟ ନପାଇ ଘରେ ମହଜୁଦ ଥିବା ଧାନ ଓ ପରେ ଗୋରୁ, ଗାଈ, ଛେଳି ସବୁ କିଛି ବିକ୍ରୟ କରିଦେଲେ । ଏବେ ଅର୍ଥ ଅଭାବରୁ ଚିକିତ୍ସା ହୋଇ ନପାରି ସେ ଘରେ ମୃତ୍ୟୁକୁ ଅପେକ୍ଷା କରି ବସିଛନ୍ତି ।

ବାଲେଶ୍ୱର, ମଙ୍ଗଳବାର, ୧୨ ଜୁଲାଇ, ୨୦୨୨


ଧ୍ୱନି ପ୍ରତିଧ୍ୱନି



# ଭଦ୍ରକରୁ ଆତ୍ମପ୍ରକାଶ କଲା 'ଯାତ୍ରା ରାଜନନ୍ଦିନୀ'

ଭଦ୍ରକ,୧୧/୦୭ (ନି.ପ୍ର): କଳାକାରଙ୍କ ଏକ୍ତିଶାଳ ଭଦ୍ରକ ମାଟି । କଳାକାର ଭଦ୍ରକର, ବୈଷୟିକ ଲୋକ ଭଦ୍ରକର, ମାତ୍ର ଯାତ୍ରା ପାର୍ଟି ମାଲିକ ଅନ୍ୟ ଜିଲ୍ଲାର । ଏଣୁ ଭଦ୍ରକର ସୁନାମଧନ୍ୟ ବରିଷ୍ଠ କଳାକାର, ଟେକନିସିଆନ ଅତ୍ୟାଧୁନିକ ସାଜସଜ୍ଜାରେ ନାମିଦାମୀ କଳାକାରଙ୍କୁ ନେଇ ସମାଜକୁ ବାର୍ତ୍ତା ଦେବାପରି ପାରିବାରିକ ନାଟକ ପ୍ରସ୍ତୁତ କରି ଭଦ୍ରକର ଗତକାଲି ଆତ୍ମପ୍ରକାଶ କରିଛି ଯାତ୍ରା ରାଜନନ୍ଦିନୀ । ରାଣିତାଲ ଠାରେ ଏହାର ଶୁଭ ଉଦ୍‌ଘାଟନ ତଥା ଆଖଡା ପୂଜା ଆରମ୍ଭ ହୋଇଛି । ମା ସାରଳା,ମାଆ ଭଦ୍ରକାଳୀ,ବାବା ଆଖଣ୍ଡଳମଣିଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ଯାତ୍ରା ଜଗତର ଟାଇଗର ଦୈତାରୀ ପଣ୍ଡା ତଥା ବହୁ ନାମିଦାମୀ କଳାକାରଙ୍କ ଉପସ୍ଥିତିରେ ପୂର୍ବାହ୍ନରେ ନାମଯଜ୍ଞ ହୋମ ଆଦି ସମ୍ପନ୍ନ ହୋଇଥିଲା । ସଂଧ୍ୟାରେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବି.ଜେ.ପି.ନେତା ଡାକ୍ତର ପ୍ରଦୀପ ନାୟକ, ତ୍ୟାଗଭୂମୀ ସମ୍ମେଳନର ସଭାପତି ସମାଜସେବୀ ଅଜୟ ନାୟକ, ପୂର୍ବତନ ଭଦ୍ରକ ବ୍ଲକ ଅଧ୍ୟକ୍ଷ ପଫୁଲ୍ଲ ନାୟକ, ଚାନ୍ଦବାଲି ବିଧାୟକ ପ୍ରତିନିଧି ଅଶୋକ ବଳ ପ୍ରମୁଖ ଶୁଭ ଉଦଘାଟନରେ ଉପସ୍ଥିତ ରହି "ଯାତ୍ରା ରାଜନନ୍ଦିନୀ"ର ସଫଳତା କାମନା କରିଥିଲେ । ସତ୍ତ୍ୱାଧିକାରୀ ସ୍ମୃତିରଂଜନ ପଲାଇ (ବାପୁନୁ ବାବୁ) ଅତିଥିମାନଙ୍କୁ ଆମନ୍ତ୍ରଣ କରି ଯାତ୍ରା ରାଜନନ୍ଦିନୀକୁ ଓ ସମସ୍ତ କଳାକାର ମାନଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ । ଯାତ୍ରା କଳାକାର କୈଳାସ ବେହେରା, ସୁର-ରଂଜି, ବେବିନା, ବିନି, ଟିକି, ବୁଲୁ ବିଶ୍ୱାଳ,ଗୋପାଳ ରଥ ପ୍ରମୁଖ ବରିଷ୍ଠ କଳାକାର ଉପସ୍ଥିତ ରହି ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିଲେ । ପରିଚାଳକ ଭାନୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଯାତ୍ରା ପାର୍ଟିର ସହ ପ୍ରଯୋଜକ ସରୋଜ କୁମାର ସେନାପତି (ଦିପୁ) ଅଛନ୍ତି । ଏହି ଅବସରରେ ୩ ଗୋଟି ନାଟକର ନାମ ଘୋଷଣା କରା ଯାଇଥିଲା । ନବଘନ ରାଉଳଙ୍କ ନାଟକ "ସ୍କୁଲ ମାଷ୍ଟର", ନାଟ୍ୟକାର ବାଙ୍କିମ ସ୍ୱାଇଁଙ୍କ ନାଟକ "ମଲ୍ଲିମାଳ ଶ୍ୟାମକୁ ଦେବି" ନାଟ୍ୟକାର ସଚ୍ଚି ସ୍ୱାଇଁ ଓ ନିର୍ଦ୍ଦେଶକ ଯୋଗେନ୍ଦ୍ର ମଲ୍ଲିକଙ୍କ ନାଟକ "ସପନ ମିଛକୁ ସମ୍ପର୍କ ମିଛ" ନାମ ଘୋଷଣା କରା ଯାଇଥିଲା ।

# କବୟିତ୍ରୀ ଦୀପିକା ଦାଶଙ୍କର ପ୍ରଥମ କବିତା ସଙ୍କଳନ 'ଅସ୍ତରାଗ' ଉନ୍ମୋଚିତ




ଭୁବନେଶ୍ୱର,୧୦/୦୭ (ନି.ପ୍ର): ଆଜି ଭୁବନେଶ୍ୱରର କେଶରୀ ହୋଟେଲ ଠାରେ ଯୁବ କବୟିତ୍ରୀ ଦୀପିକା ଦାଶଙ୍କର ପ୍ରଥମ କବିତା ସଙ୍କଳନ ଅସ୍ତରାଗର ଉନ୍ମୋଚନ ପର୍ବ ବେଶ ଆକର୍ଷଣୀୟ ଭାବେ ପାଳିତ ହୋଇଥିଲା । ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରାପ୍ତ ପ୍ରସିଦ୍ଧ କବି ଶ୍ରୀଯୁକ୍ତ ରାଜେନ୍ଦ୍ର କିଶୋର ପଣ୍ଡା, ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଡ଼. ହୃଷୀକେଶ ମଲ୍ଲିକ, ଖ୍ୟାତନାମା ସାହିତ୍ୟିକା ତଥା ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବୟିତ୍ରୀ ମମତା ଦାଶ, ଓଡ଼ିଶାର ବିଶିଷ୍ଟ କଥାକାର ଆର୍ଯ୍ୟ ଯଜ୍ଞଦତ୍ତ ଏବଂ ବ୍ରହ୍ମପୁର ସାହିତ୍ୟ ପରିଷଦର ସଭାପତି ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦାଶ ଯୋଗଦେଇ ଏହି ପୁସ୍ତକଟିର ଉନ୍ମୋଚନ କରିବା ସହ ନିଜ ନିଜର ଚମତ୍କାର ବକ୍ତବ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମଟି କବୟିତ୍ରୀ ଶ୍ରୀମତୀ ସୁନନ୍ଦା ବି. ମହାପାତ୍ରଙ୍କ ଦ୍ୱାରା ବେଶ ମନୋଜ୍ଞ ଢଙ୍ଗରେ ସଞ୍ଚାଳିତ କରାଯାଇଥିଲା । ଅସ୍ତରାଗର କବୟିତ୍ରୀ ଦୀପିକା ଦାଶ ତାଙ୍କ ବକ୍ତବ୍ୟରେ ନିଜ ସାରସ୍ୱତ ଯାତ୍ରା ବିଷୟରେ ବେଶ ମର୍ମସ୍ପର୍ଶୀ କଥା ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଜାହ୍ନବୀ ଚୌଧୁରୀ ଏହି ସଭାର ଶେଷସ୍ପର୍ଶ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ । ଏହି ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବିଶେଷ ସାହିତ୍ୟ ପ୍ରତିଭାଧାରୀ ଶ୍ରୀଯୁକ୍ତ ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ ପ୍ରଧାନ, ଅନୁପ ମିଶ୍ର, କନକଲତା ଦାଶ, ଅଗ୍ନିବେଶ ମହାପାତ୍ର, ଜ୍ଞାନେନ୍ଦ୍ର କୁମାର ପଣ୍ଡା, ରଶ୍ମି ସାମଲ ତଥା ଅନେକ ମାନ୍ୟଗଣ୍ୟ ସାହିତ୍ୟିକ ଯୋଗଦେଇ ଅସ୍ତରାଗ ସମ୍ପର୍କରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ ।

# ବିଧାନସଭା କମିଟି ଅଧ୍ୟକ୍ଷଙ୍କ ସହ କ୍ରିୟାନୁଷ୍ଠାନ କମିଟିର ସାକ୍ଷାତ ଆଲୋଚନା



ବାଲେଶ୍ୱର,୧୧/୦୭ (ନି.ପ୍ର): ବିଧାନସଭା ସ୍ଥାୟୀ କମିଟି-୫ର ଅଧ୍ୟକ୍ଷ ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ସ୍ୱାସ୍ଥ୍ୟବିଭାଗର ଦାୟିତ୍ୱ ନେଇଥିବାରୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ବାଲେଶ୍ୱର ଜିଲାରେ ସରକାରୀ ସ୍ୱାସ୍ଥ୍ୟସେବା ଜନସାଧାରଣଙ୍କୁ ଯୋଗାଇ ଦେବାରେ ଥିବା ତ୍ରୁଟିଗୁଡ଼ିକର ସମାଧାନ ପାଇଁ ଆଲୋଚନା କରିଥିଲେ । ମେଡିକାଲ୍ କଲେଜ୍ ହସପିଟାଲ ସମେତ ଜିଲାର ବହୁ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲି ପଡ଼ିଥିବାର ଘଟଣା ବିଧାୟକଙ୍କୁ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ଅବଗତ କରାଇଥିଲେ । କଟକ ମେଡିକାଲ୍ କଲେଜ ପରେ ବାଲେଶ୍ୱର ମେଡିକାଲ୍ କଲେଜ୍ ହସପିଟାଲରେ ସର୍ବାଧିକ ରୋଗୀ ଚିକିତ୍ସା ପାଇଁ ବହିର୍ବିଭାଗରେ ପଞ୍ଜିକରଣ କରୁଥିବାରୁ ସ୍ୱାସ୍ଥ୍ୟବିଭାଗ ବାଲେଶ୍ୱର ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ଦାବି କରିଥିଲେ । ଅନ୍ୟପକ୍ଷରେ ମେଡିକାଲ କଲେଜ ଶିକ୍ଷାର୍ଥୀଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ କଲେଜ ମୁଖ୍ୟ ପ୍ରଶାସକଙ୍କ ଅସହଯୋଗରୁ ଛାତ୍ରଛାତ୍ରୀମାନେ ବହୁବାର ପ୍ରତିବାଦ ଆନ୍ଦୋଳନ କରୁଛନ୍ତି । ତେଣୁ ଛାତ୍ରଛାତ୍ରୀମାନଙ୍କ ସମସ୍ୟା ଓ ରୋଗୀ ସେବାରେ ଥିବା ତ୍ରୁଟିଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟସେବାରେ ଥିବା ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କର ଏକ ମିଳିତ ବୈଠକ ଆୟୋଜନ ପାଇଁ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କୁ ଆହ୍ୱାନ କରିବାକୁ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଆସନ୍ତା ୧୫ ତାରିଖ ପରେ ଏଥିପାଇଁ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ ପାଇଁ ବିଧାୟକ ସହମତି ପ୍ରକାଶ କରିଛନ୍ତି । ଏହି ସାକ୍ଷାତ ଆଲୋଚନା ବେଳେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସଭାନେତ୍ରୀ ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ବରିଷ୍ଠ ସଦସ୍ୟ ଇଂ. ବନମାଳି ନାୟକ, ଗୌରାଙ୍ଗ ପାଣିଗ୍ରାହୀ ଓ ଡାକ୍ତର ବିଭୂତି ଭୂଷଣ ମହାପାତ୍ର ଅଂଶଗ୍ରହଣ କରିଥିଲେ ।

# ମିଳିତ ଜନ ଶୁଣାଣି ଅନୁଷ୍ଠିତ



ଖୋର୍ଦ୍ଧା, ୧୦/୦୭ (ନି.ପ୍ର): ବାଲିପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୬୮ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ସମସ୍ତ ୬୮ଟି ଅଭିଯୋଗ ବ୍ୟକ୍ତିଗତ ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୧ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଆଜି ପଞ୍ଚାୟତ ସମିତି ବାଲିପାଟଣା ପରିସରରେ ଅନୁଷ୍ଠିତ ହୋଇଥିବା ଏହି ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ, ଉପଜିଲ୍ଲାପାଳ ଶ୍ରୀ ଦେ୍ୱବ୍ରତ ସାହୁ,ବିଡିଓ ଶ୍ରୀ ଆଦିକନ୍ଦ ବେହେରା, ତହସିଲଦାର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ ୫୭୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୭୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୪୦୭୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୧୫୩୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୬୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୩୬ ଜଣ ସଂଗରୋଧରୁ ଓ ୨୩୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧୪, ବାଲେଶ୍ୱର ଜିଲ୍ଲାରେ ୧୨, ବରଗଡ ଜିଲ୍ଲାରେ ୧, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗୀର ଜିଲ୍ଲାରେ ୨, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୬୮. ଦେବଗଡ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୫, ଜଗତସିଂହପୁର ଜିଲ୍ଲାରେ ୮,ଯାଜପୁର ଜିଲ୍ଲାରେ ୧୫. ଝାରସୁଗୁଡା ଜିଲ୍ଲାରେ ୬, କଳାହାଣ୍ଡି ଜିଲ୍ଲାରେ ୫, କେନ୍ଦ୍ରାପଡା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୩, ଖୋର୍ଦ୍ଧା ଜିଲ୍ଲାରେ ୨୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# କରୋନା ସମ୍ମୁଖ ଯୋଦ୍ଧାଙ୍କୁ ରେଡବୁଲ ଏନାର୍ଜି ଡ୍ରିଙ୍କସ୍ ବଣ୍ଟନ



ଜଳେଶ୍ୱର, ୧୧/୭(ନି.ପ୍ର): କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ସମ୍ମୁଖଯୋଦ୍ଧାଭାବେ କାର୍ଯ୍ୟ କରିଥିବା ପୁଲିସ୍, ଫାୟାର କର୍ମଚାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ପୁରୀ ରଥଯାତ୍ରାରେ ସେବା ପ୍ରଦାନ କରୁଥିବା ରଥଯାତ୍ରା କମିଟି, ମିଲିଟାରୀ ବାହିନୀ, ଓଏସ୍ଏଫ, ପ୍ରାକୃତିକ ଦୁର୍ବିପାକ ପରିଚାଳନା କମିଟିର ସଭ୍ୟଙ୍କ ସହିତ ପୁରୀ ଆରକ୍ଷୀ ଅଧିକ୍ଷକ କନଓ୍ୱାର ବର୍ଷାଳ ସିଂ, ଡିଏସ୍‌ପି, ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କୁ ରେଡବୁଲ ଏନାର୍ଜି ଡ୍ରିଙ୍କସ୍ ବଣ୍ଟନ କରାଯାଇଛି । ଏପରି ଏନାର୍ଜି ଡ୍ରିଙ୍କସ୍‌ର ଆବଶ୍ୟକତା ସଂପର୍କରେ ସଚେତନତା କରାଯିବା ସହିତ ମାଗଣାରେ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱରର ଉଚ୍ଚ ଶିକ୍ଷିତ ଯୁବକ ଅଂଶୁମାନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍ପନ୍ଦନ ପ୍ରଧାନ, ବର୍ଷା ସିଂ, ମୌସୁମୀ ପ୍ରମୁଖ ସହାୟତା କରିଥିଲେ । ରେଡବୁଲର ଏପରି କାର୍ଯ୍ୟକ୍ରମକୁ ସବୁବର୍ଗରୁ ପ୍ରଶଂସା କରାଯାଇଥିଲା ।

# ବୁଦ୍ଧଲାଲ ଫାଉଣ୍ଡେସନ ତରଫରୁ କୃତୀ ବିଦ୍ୟାର୍ଥୀ ପୁରସ୍କୃତ



ବାରିପଦା,୧୧/୦୭ (ନି.ପ୍ର): ବୁଦ୍ଧଲାଲ ଫାଉଣ୍ଡେସନ ତରଫରୁ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଗତ ମେଟ୍ରିକ ପରୀକ୍ଷାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶ୍ରେଷ୍ଠ ତିନିଜଣ କୃତୀ ବିଦ୍ୟାର୍ଥୀ ଯେଉଁମାନେ ଶତକଡା ୯୦ରୁ ଅଧିକ ନମ୍ବର ରଖିଛନ୍ତି ସେମାନଙ୍କୁ ପୁରସ୍କୃତ କରାଯାଇଛି । ଛାତ୍ରୀ କୌଶଲ୍ୟା ସିଂ ଓ ସୁନନ୍ଦା ସିଂ ଏବଂ ଛାତ୍ରୀ ଦେବୀପ୍ରସାଦ ବେହେରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ନିକଟରୁ ଏକ ହଜାର ଟଙ୍କା ବ୍ୟକ୍ତିଗତ ଭାବେ ପୁରସ୍କାର ରାଶି ଗ୍ରହଣ କରିଥିଲେ । ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଳନା କରିଥିଲେ । ଶିକ୍ଷକ ଅମୂଲ୍ୟ କୁମ୍ଭକାର, ମନୋଜ ପରିଡା, ପ୍ରଦୀପ ଦଣ୍ଡପାଟ, ଉପେନ୍ଦ୍ର ବେହେରା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଫାଉଣ୍ଡେସନର ସଭାପତି ବୁଦ୍ଧିରାମ ସିଂ ଧନ୍ୟବାଦ ଜ୍ଞାପନ କରିଥିଲେ । ଫାଉଣ୍ଡେସନର ଏହି ମହନୀୟ ଉଦ୍ୟମ ପାଇଁ ବିଦ୍ୟାଳୟ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗାମୀ ଦିନରେ ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରୋତ୍ସାହନ ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ବୁଦ୍ଧିରାମ ସିଂ ପ୍ରକାଶ କରିଛନ୍ତି ।

# ଦେଶୀ ମଦ ଭାଟି ଉପରେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠିର ଚଢାଉ



ବାଲିଆପାଳ, ୧୧/୦୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପଂଚାୟତର ପଞ୍ଚରୁଖୀ ଗ୍ରାମରେ ଗତ କିଛି ମାସ ହେଲା ଦୁଇ ତିନି ସ୍ଥାନରେ ବେଆଇନ ଭାବରେ ଚୋରା ଦେଶୀ ମଦ ବିକ୍ରି କରିଆସୁଛନ୍ତି । ଫଳରେ ଗ୍ରାମର ଖଟିଖିଆ ,ଦିନମଜୁରିଆ ମଦ ପିଇ ମାତାଲ ହେବା ସହ ସର୍ବଶାନ୍ତ ହେଉଛନ୍ତି । ଏପରିକି ମଦପିଇ ଘରେ ମହିଳା ଓ ପିଲାଛୁଆଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ ମାରୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ପରେ ମଧ ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଆଜି ଗ୍ରାମର ଗ୍ରାମର ବାସୁଳୀମାତା ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନେ ଏକତ୍ର ହୋଇ ଚୋରା ମଦ ବ୍ୟବସାୟୀ ସରୋଜଜ ଦଳାଇଙ୍କ ମଦ ଭାଟିରେ ଚଢାଉ କରିଥିଲେ । ମହିଳାଙ୍କୁ ଦେଖି ସରୋଜ ଦୌଡି ପଳାଇଯାଇଥିବା ବେଳେ ମହିଳାମାନେ ୧୦ ଲିଟରରୁ ଅଧିକ ମଦ ଜବଦ କରିଥିଲେ । ସରୋଜ ଏହି ମହିଳାମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବାରୁ ମହିଳାମାନେ ସରୋଜଙ୍କ ବିରୋଧରେ ଥାନାରେ ଏତଲା ଦେବା ସହ ଜବଦ ମଦକୁ ପୁଲିସରେ ଜିମା ଦେଇଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଥିବା କହିଛି ।

# ବିଭିନ୍ନ ଦାବି ନେଇ ରିଟେଲ ସଂଘ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୧୧/୦୭ (ନି.ପ୍ର): ବିଭିନ୍ନ ଦାବିନେଇ ସୁଲଭ ଖାଉଟି ସାମଗ୍ରୀ ବିକ୍ରେତାଙ୍କୁ ସମ୍ମିଳିତରେ ଗଠିତ 'ଓଡ଼ିଶା ରାଜ୍ୟ ରିଟେଲର ମହାସଂଘ' ବାଲେଶବର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ରିଟେଲରମାନଙ୍କର ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବହୁ ରାଜ୍ୟସ୍ତରୀରୟ କର୍ମକର୍ତ୍ତା ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ରିଟେଲରମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି କରୋନା କାଳରେ ଦୀର୍ଘ ୨୩ ମାସଧରି ସେମାନେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅଦ୍ୟାବଧି ପାରିଶ୍ରମିକ ନ ପାଇବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ସେହିଭଳି ଇ-ପୋସ ମେସିନ ବ୍ୟବହାର ଖର୍ଚ୍ଚ, ଅଖା ଖର୍ଚ୍ଚ ସାଙ୍ଗକୁ ଖାଉଟି ସାମଗ୍ରୀ ବଣ୍ଟନ ବାବଦୀୟ ସରକାରୀ ଖର୍ଚ୍ଚ ବୃଦ୍ଧି ପାଇଁ ସେମାନେ ଦାବି କରିଥିଲେ । ଅନ୍ୟାନ୍ୟ ରାଜ୍ୟରେ ସାମଗ୍ରୀ ବଣ୍ଟନ ପାଇଁ କ୍ୱିଣ୍ଟାଲ ପ୍ରତି ୧୩୦ଟଙ୍କା ସରକାରୀ ଖର୍ଚ୍ଚ ମିଳୁଥିବା ବେଳେ ଓଡ଼ିଶାରେ ୭୦ ଟଙ୍କା ଯାହା ବହୁ କମ ବୋଲି ସଂଘ ପକ୍ଷରୁ ଆରୋପ ହୋଇଛି । ସେହିଭଳି ଗହମ, ଚାଉଳ ଆଦି ଆସୁଥିବା ପ୍ରତି ବୁରେରେ ୨/୩ କରି କମ ରହୁଥିବା ବେଳେ ତାହାର ଭରଣା କେମିତି କରାଯିବ ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନଥିବା ସଂଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ଦିଗରେ ସରକାର ଉଚିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଓଡ଼ିଶା ରିଟେଲର ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

# ରାଜଧାନୀରେ କଟକଣା କଡାକଡି କଲା ବିଏମସି

ଭୁବନେଶ୍ୱର,୧୧/୦୭ (ନି.ପ୍ର): ରାଜଧାନୀରେ କରୋନା ସଂକ୍ରମଣ ବଢୁଥିବାରୁ କୋଭିଡ୍ କଟକଣାକୁ ଆହୁରି କଡା କରିଛି ଭୁବନେଶ୍ୱର ମହାନଗର ନିଗମ ବା ବିଏମସି । ଏନେଇ ବିଏମସି ପକ୍ଷରୁ ସୋମବାର ଏକ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଠେଲା ଜଳଖିଆ, ଚା, ଲସି , ଗୁପଚୁପ୍ ଓ ଦହିବରା ଆଦି ଦୋକାନୀଙ୍କୁ ଭିଡ଼ କରିବା ମନା । ଦୋକାନୀ ଭିଡ଼ ସମ୍ଭାଳି ନ ପାରିଲେ ଖାଦ୍ୟ ପାର୍ସଲ ଦେବାକୁ ପରାମର୍ଶ ଦିଆଯାଇଛି । କୌଣସି ସପିଙ୍ଗ ମଲ୍ ଓ ଦୋକାନରେ ଭିଡ଼ ନ କରିବାକୁ ମଧ କଡ଼ା ତାଗିଦ୍ କରାଯାଇଛି । କୋଭିଡ୍ ନିୟମ ମାନି ସାମାଜିକ ଦୂରତା ରକ୍ଷା କରିବା, ଦୋକାନ କର୍ମଚାରୀ ଓ ଗ୍ରାହକମାନେ ମାସ୍କ ବ୍ୟବହାର କରିବା, ସାନିଟାଇଜର ବ୍ୟବହାର କରିବା ଏବଂ ପ୍ରବେଶ ବେଳେ ଥର୍ମାଲ ସ୍କ୍ରିନିଂ ଉପରେ ଗୁରୁତ୍ୱ ଦେଇଛି ବିଏମସି । ସେହିପରି ସିନେମା ହଲ୍, ଅଡିଟୋରିଅମ ଓ ଥିଏଟରରେ ପ୍ରତ୍ୟେକ ଲୋକ ଯେପରି ମୁହଁରେ ମାସ୍କ ପିନ୍ଧି ପ୍ରବେଶ କରିବେ ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମିଶନ ଶକ୍ତି ଅର୍ଥ ଆତ୍ମସାତ ଅଭିଯୋଗରେ ବ୍ଲକ ସମ୍ମୁଖରେ ମହିଳାଙ୍କ ଧାରଣା



ବାଲିଆପାଳ, ୧୧/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅର୍ନ୍ତଗତ ବିଷ୍ଣୁପୁର ପଂଚାୟତରେ ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ବିଭାଗ ପକ୍ଷରୁ ଗଠିତ ମହିଳା ମହା ସଂଘର ସଭାପତି ରେବତୀ ପାତ୍ର ଓ ସଂପାଦିକା ପ୍ରଭାତୀ ସାହୁ ବିଭିନ୍ନ ଯୋଜନାରେ ମହିଳାଙ୍କ ପାଇଁ ଆସୁଥିବା ଅର୍ଥକୁ ହରିଲୁଟ କରୁଛନ୍ତି ।ପଂଚାୟତ ସଂଘକୁ ଆସୁଥିବା ଅର୍ଥ ସଂପର୍କରେ ହିସାବ ମାଗିଲେ ହିସାବ ଦେଉନାହାନ୍ତି । ମହିଳା ସଂଘର ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ଏ ବାବଦରେ ପଚାରିଲେ ଉଭୟ ସଭାପତି ଓ ସଂପାଦିକା ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି । ସରକାରଙ୍କ ନିୟମ ଅନୁସାରେ ପ୍ରତି ଦୁଇ ବର୍ଷରେ ସଂଘର କର୍ମକର୍ତା ଚୟନ ହେବାର ନିୟମ ଥିବା ବେଳେ ଦୀର୍ଘ ୪ ବର୍ଷ ଧରି ଏହି ସଭାପତି ଓ ସଂପାଦକ କାମ କରୁଛନ୍ତି । ଏ ସମ୍ବନ୍ଧରେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବାରୁ ଆଜି ପଂଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ଶତାଧିକ ମହିଳା ବାଲିଆପାଳ ବ୍ଲକ ସମ୍ମୁଖରେ ସକାଳଠାରୁ ଧାରଣାରେ ବସିରହିଥିଲେ । ଅପରାହ୍ନ ବିଡିଓ ଦୀପକ କୁମାର ଦାସ ଧାରଣାସ୍ଥଳରେ ପହଂଚି ଆସନ୍ତା ୧୪ ତାରିଖ ସୁଦ୍ଧା ଏହାରା ତଦନ୍ତ କରାଯିବା ସହ ସଭାପତି ଏବଂ ସମ୍ପାଦକଙ୍କୁ ପରିବର୍ତ୍ତନ କରିବାର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ବିଷ୍ଣୁପ୍ରିୟା ଜେନା, ପୂର୍ଣ୍ଣିମା ଜେନା, ଆରତୀ ଚାନ୍ଦ, କୁନ୍ତଳା ବେହେରା, ସରୋଜିନୀ ଜେନା, ସୁମତୀ ପରିଡା ସମେତ ଶତାଧିକ ମହିଳା ମାନେ ଉପସ୍ତିତ ଥିଲେ ।

# ପଲାନିସ୍ୱାମୀ ଅନ୍ନାଦ୍ରମୁଖଙ୍କ ଅନ୍ତରୀଣ ମହାସଚିବ ନିର୍ବାଚିତ ହେଲେ

ଚେନ୍ନାଇ, ୧୧/୦୭ : ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଡପ୍ପାଦୀ କେ ପଲାନିସ୍ୱାମୀଙ୍କୁ ସୋମବାରଦିନ ବନଗରମରେ ଅଖିଳ ଭାରତୀୟ ଅନ୍ନା ଦ୍ରାବିଡ ମୁନେତ୍ର କଷଗମର ସାଧାରଣ କାଂଉନସିଲ ବୈଠକରେ ପାର୍ଟିର ଆନ୍ତରୀଣ ମହାସଚିବ ଭାବରେ ନିର୍ବାଚିତ କରାଯାଇଅଛି । ଜେନେରାଲ କାଉଁସିଲ ମହାସଚିବ ପଦକୁ ପୁଣି ସ୍ଥାପନା କରିବା ପାଇଁ ପ୍ରାଥମିକ ସଦସ୍ୟ ମାନଙ୍କ ଜରିଆରେ ଏହି ପଦ ପାଇଁ ଜଣେ ବ୍ୟକ୍ତିକୁ ନିର୍ବାଚିତ ସୁନିଶ୍ଚିତ କରିବାର ପ୍ରସ୍ତାବ ପାରିତ କରାଯାଇଛି ।

# ଧାମନଗରରେ ମିଳିତ ଜନ ଶୁଣାଣି ଶିବିର



ଭଦ୍ରକ, ୧୦/୦୭ (ନି.ପ୍ର): ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ଯୋଗ ଦେଇ ସମୁଦାୟ ୨୭ଟି ଅଭିଯୋଗ ର ଶୁଣାଣି କରିଥିଲେ । ଡ଼ି.ଆର୍.ଡ଼ି.ଏ.ର. ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ପଞ୍ଚାୟତ ସମିତି ଅଧକ୍ଷ ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦର ଉପସଭାପତି ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍.ଏ.ସି. ଅଧକ୍ଷା ନିବେଦିତା ଜେନା, ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ସମୁଦାୟ ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୨୨ଟି ଥିବା ବେଳେ ସାମୂହିକ ସମସ୍ୟା ଭିତ୍ତିକ ୫ଟି ଥିଲା । ସାମାଜିକ ସୁରକ୍ଷା ଯୋଜନାରେ ଜଣଙ୍କୁ ତିନି ଚକିଆ ସାଇକେଲ, ଜଣଙ୍କୁ ହ୍ୱିଲ୍ ଚେୟାର ଓ ୨ଜଣ ଶ୍ରୁତିବାଧିତ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ମଧୁବାବୁ ଭତ୍ତା ଯୋଜନାରେ ମଞ୍ଜୁର କରାଯାଇଥିବା ୧୧୧ଜଣ ହିତାଧିକାରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଏହି ଶିବିରରେ ଭତ୍ତା ବଣ୍ଟନ କରାଯାଇଥିଲା । ବି.ଡ଼ି.ଓ. ଦୁର୍ଗାଚରଣ ମୁର୍ମୁ, ସହକାରୀ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା , ଏ.ବି.ଡ଼ି.ଓ. ଶର୍ମିଷ୍ଠା ମଲ୍ଲିକ, ବି.ଏସ୍.ଏସ୍.ଓ. ଅରୁଣ କୁମାର ବସନ୍ତିଆ ପ୍ରମୁଖ ଏହି ଶିବିର ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ । ଇନ୍ଦିରା ଆବାସ ନମିଳିବା, ଭତ୍ତା ନପାଇବା, ସରକାରୀ ଜାଗା ଅବରୋଧ କରାଯାଇଥିବା, ରାସ୍ତା ତିଆରି ଓ ମରାମତି ଆବଶ୍ୟକ ହେଉଥିବା ଆଦି ବିଷୟ ନେଇ ଅଭିଯୋଗମାନ ଆଗତ କରାଯାଇଥିଲା । ଶିବିରରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳ ଶୁଣାଣି କରି ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପରବର୍ତ୍ତୀ ଜନଶୁଣାଣି ଶିବିର ଜୁଲାଇ ୧୮ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo